# ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୯/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, March 29/2025 Page 14 ₹ 7.00

୫୧ଶ ଭାଗ ୧୨୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 123 ମୂଲ୍ୟ ₹୭/-




**ରେକର୍ଡ କଲେ ଗୁରିନ୍ଦରବୀର**

ଇଣ୍ଡିଆନ ଗ୍ରାଁ. ପ୍ରି ପୁରୁଷ ୧୦୦ ମିଟର ଦୌଡ଼ରେ ପଞ୍ଜାବର ଗୁରିନ୍ଦରବୀର ସିଂ ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି

୧୨

୦୨

**ପ୍ରେମରେ ପଡ଼ିଛନ୍ତି ଅନନ୍ୟା**

ଆଦିତ୍ୟ ରୟ କପୁରଙ୍କ ସହ ବ୍ରେକ୍‌ଅପ୍ ପରେ ବଲିଉଡ ନାୟିକା ଅନନ୍ୟା ପାଣ୍ଡେ ମଡେଲ ୱାର୍କର ବ୍ଲାନ୍‌କୋଙ୍କ ପ୍ରେମରେ ପଡ଼ିଛନ୍ତି।








# ସୁନା ୯୨ ହଜାର ଟପିଲା

**ନୂଆଦିଲ୍ଲୀ,୨୮।୩**

ସୁନା ଦର ଶୁକ୍ରବାର ୧୦ ଗ୍ରାମ୍ ପ୍ରତି ୧,୧୦୦ ଟଙ୍କା ବୃଦ୍ଧି ପାଇ ଜାତୀୟ ରାଜଧାନୀରେ ୯୨,୧୫୦ ଟଙ୍କାରେ ପହଞ୍ଚିଛି। ବିଦେଶୀ ବଜାରରେ ସୁନା ଦର ବଢ଼ିଥିବାରୁ ଘରୋଇ ବଜାରରେ ମହଙ୍ଗା ହୋଇଥିବା ଅଲ୍ ଇଣ୍ଡିଆ ସରାଫା ଆସୋସିଏଶନ କହିଛି। ଗୁରୁବାର ୯୯.୯ ପ୍ରତିଶତ ଶୁଦ୍ଧ ସୁନା ଦାମ୍ ୧୦ ଗ୍ରାମ ପ୍ରତି ଦର ୯୧,୦୫୦ ଟଙ୍କା ରହିଥିବାବେଳେ ଶୁକ୍ରବାର ୯୨,୧୫୦ ଟଙ୍କା ହୋଇଛି। ଗତବର୍ଷ ଏପ୍ରିଲ ୧ରେ ୧୦ ଗ୍ରାମ ସୁନା ଦର ୬୮,୪୨୦ ଟଙ୍କା ଥିବାବେଳେ ବର୍ଷକ ମଧ୍ୟରେ ତାହା ୨୩,୭୩୦ ଟଙ୍କା ବା ୩୫ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ୯୯.୫ ପ୍ରତିଶତ ଶୁଦ୍ଧ ☞ପୃଷ୍ଠା-୪



ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ର ଚଟୁଚାକ୍ ବଜାରରେ ଏକ ବହୁତଳ ବିଶିଷ୍ଟ ନିର୍ମାଣାଧୀନ କୋଠା ଭୁଶୁଡ଼ିପଡ଼ିବାର ଦୃଶ୍ୟ।

# ମ୍ୟାନ୍‌ମାରରେ ଭୂକମ୍ପ: ୧୬୪ ମୃତ

- **ତାସ୍‌ଘର ଭଳି ଭୁଶୁଡ଼ିଲା ଉଚ୍ଚ ଅଟ୍ଟାଳିକା**
- **ଶତାଧିକ ନିଖୋଜ, ବଢ଼ିପାରେ ମୃତ୍ୟୁସଂଖ୍ୟା**
- **ଥାଇଲାଣ୍ଡ, ଚାଇନା ଓ ମେଘାଳୟରେ ଝଟକା**

**ନେପିଦାଓ/ବ୍ୟାଙ୍କକ୍,୨୮।୩**

ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ର ମ୍ୟାନ୍‌ମାରରେ ଶୁକ୍ରବାର ମଧ୍ୟାହ୍ନରେ ଏକ ଶକ୍ତିଶାଳୀ ଭୂକମ୍ପ ହୋଇଛି। ୭.୭ ତୀବ୍ରତା ବିଶିଷ୍ଟ ଏହି ଭୂମିକମ୍ପର ଝଟକା ଥାଇଲାଣ୍ଡ, ଚାଇନା, ଭାରତ ଓ ଲାଓସ୍ ସମେତ ଆଉ କେତେକ ପଡ଼ୋଶୀ ଦେଶରେ ଅନୁଭୂତ ହୋଇଛି। ଏହାର ପ୍ରଭାବରେ କେଉଁଠି ମାଟି ଫାଟି ଆଁ କରିଛି ତ ଆଉ କେଉଁ ସ୍ଥାନରେ ନଭଶ୍ଚୁମ୍ବୀ ଅଟ୍ଟାଳିକା ତାସ୍‌ଘର ଭଳି ଧରାଶାୟୀ ହୋଇଯାଇଛି। ଆତଙ୍କିତ ଲୋକେ ପ୍ରାଣ ବିକଳରେ ଖୋଲାସ୍ଥାନକୁ ଆଶ୍ରୟ ପାଇଁ ଧାଇଁଛନ୍ତି। ମ୍ୟାନ୍‌ମାରରେ ଅନ୍ୟୁନ ୧୪୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୭୩୨ ଆହତ ହୋଇଥିବା ସାମରିକ ସରକାର ମୁଖ୍ୟ ମିନ୍ ଅଉଙ୍ଗ୍ ହଲାଇଙ୍ଗ୍ ସୂଚନା ଦେଇଛନ୍ତି। ସେହିପରି ଥାଇଲାଣ୍ଡରେ ୨୦ରୁ ଅଧିକ ପ୍ରାଣ ହରାଇଥିବା ଜଣାପଡ଼ିଛି। ଭଗ୍ନାବଶେଷ ତଳେ ବହୁ ଲୋକ ଚାପିହୋଇ ରହିଥିବାରୁ ଆଗକୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ମ୍ୟାନ୍‌ମାରର ମଣ୍ଡଲୟ ସହରଠାରୁ ୧୭.୨ କି.ମି. ଦୂରରେ ଏହାର କେନ୍ଦ୍ରସ୍ଥଳ ବୋଲି ୟୁନାଇଟେଡ୍ ଷ୍ଟେଟ୍ ଜିଓଗ୍ରାଫିକାଲ ସର୍ଭେ (ୟୁଏସ୍‌ଜିଏସ୍) ପକ୍ଷରୁ ସୂଚନା ଦିଆଯାଇଛି।

ସେନା ଶାସନାଧୀନ ମ୍ୟାନ୍‌ମାରକୁ ଶୁକ୍ରବାର ଥରାଇଦେଇଛି ଏକ ଶକ୍ତିଶାଳୀ ଭୂକମ୍ପ। ଏଥିଯୋଗୁ ରାଜଧାନୀ ନେପିଦାଓରେ ଅନେକ କୋଠା ଭୁଶୁଡ଼ିପଡ଼ିଛି। ସୁଉଚ୍ଚ ଅଟ୍ଟାଳିକାଗୁଡ଼ିକ ଧସିଯିବା ପରେ ସେଠାରେ ବହୁ ଲୋକ ଫସିରହିଛନ୍ତି। ଭୂକମ୍ପର ଉତ୍ପତ୍ତିସ୍ଥଳ ଦେଶର ଦ୍ୱିତୀୟ ବୃହତ୍ ସହର ମଣ୍ଡଲୟ ବୋଲି ଆମେରିକୀୟ ସଂସ୍ଥା ୟୁଏସ୍‌ଜିଏ ଚିହ୍ନଟ କରିଛି। ବିଶେଷକରି ନେପିତାଓ, ମଣ୍ଡଲୟ ଓ ସାଗାଇଙ୍ଗ୍ ସମେତ ୬ଟି ଅଞ୍ଚଳ ଅଧିକ କ୍ଷତିଗ୍ରସ୍ତ ହୋଇଛି। ୫ ସହରରେ କୋଠା ଓ ବ୍ରିଜ୍ ଭୁଶୁଡ଼ିଛି। ୟାଙ୍ଗୁନ୍-ମଣ୍ଡଲୟ ଏକ୍ସପ୍ରେସ୍‌ୱେରେ ଥିବା ଏକ ରେଲୱେ ବ୍ରିଜ୍ ଓ ଅନ୍ୟ ଏକ ପୋଲ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ସାମରିକ ସରକାର ମ୍ୟାନ୍‌ମାରରେ ଏମର୍ଜେନ୍ସି ଘୋଷଣା କରିଛି। ଉଦ୍ଧାର କାର୍ଯ୍ୟରେ ସେନା ନିୟୋଜିତ ହୋଇଛି। ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଇଛି। ଲୋକଙ୍କୁ ସହାୟତା ଯୋଗାଇବା ବଡ଼ ଚ୍ୟାଲେଞ୍ଜ ପାଲଟିଥିବା ରେଡ୍ କ୍ରସ୍ ପକ୍ଷରୁ ସୂଚନା ଦିଆଯାଇଛି।

କେବଳ ଏତିକି ନୁହେଁ, ନାପିଦାଓଠାରୁ ୧,୩୦୦ କି.ମି. ଦୂର ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ରେ ମଧ୍ୟ ଝଟକା ଅନୁଭୂତ ହୋଇଛି। ବ୍ୟାଙ୍କକ୍‌ର ଚଟୁଚାକ୍ ବଜାରରେ ଏକ ବହୁତଳ ବିଶିଷ୍ଟ ନିର୍ମାଣାଧୀନ କୋଠା ଭୁଶୁଡ଼ିପଡ଼ିବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ଉଦ୍ଧାରକାରୀ ଦଳ ସେଠାରୁ ୭ ଜଣଙ୍କୁ ବାହାର କରିବାରେ ସକ୍ଷମ ହୋଇଛନ୍ତି। ୩ ନିର୍ମାଣସ୍ଥଳରେ ଅନ୍ୟ ୯୦ ଜଣ ନିଖୋଜ ହୋଇଯାଇଥିବା ପ୍ରତିରକ୍ଷା ମନ୍ତ୍ରୀ ଫୁମ୍‌ଥାମ୍ ୱେଚାୟାଚାଇ କହିଛନ୍ତି। ଏହି କୋଠା ଭୁଶୁଡ଼ିବା ବେଳର ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହୋଇଛି। କୋଠାଟି ଧରାଶାୟୀ ହୋଇପଡ଼ିଥିବାବେଳେ ସେଠାରୁ ପ୍ରବଳ ଧୂଳିର ଆସ୍ତରଣ ସମଗ୍ର ଅଞ୍ଚଳକୁ ଆଚ୍ଛାଦିତ କରିଥିବା ଏବଂ ଆତଙ୍କିତ ଲୋକେ ଜୀବନ ବଞ୍ଚାଇବା ପାଇଁ ଧାଉଁଥିବା ଉକ୍ତ ଭିଡିଓରେ ଦୃଶ୍ୟମାନ ହୋଇଛି। ଅନ୍ୟ କେତେକ ସ୍ଥାନରେ ଆଉ ୧୭ ଜଣଙ୍କ ମୃତ୍ୟୁ ଘଟିଛି। ଭୂକମ୍ପ ପରବର୍ତ୍ତୀ ଏକାଧିକ ଝଟକା ଅନୁଭୂତ ହେବାରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲିଯିବା ପାଇଁ ପରାମର୍ଶ ଦିଆଯାଇଛି। କେନ୍ଦ୍ରୀୟ ବ୍ୟାଙ୍କକ୍‌ରେ ସାଇରନ୍ ବାଜୁଥିବାବେଳେ ସଂକୀର୍ଣ୍ଣ ରାସ୍ତାରେ ଧାବମାନ ଯାନବାହନଗୁଡ଼ିକ ଟ୍ରାଫିକ୍ ଜାମ୍ ଭଳି ସମସ୍ୟା ଉପୁଜାଇଛି। ସିଟି ହଲ୍‌କୁ ବିପର୍ଯ୍ୟୟ ଅଞ୍ଚଳ ଘୋଷଣା କରାଯାଇଛି। ଲୋକେ ନିଜ ଆତ୍ମୀୟଙ୍କୁ ଫୋନ୍ କରି ସେମାନଙ୍କ ହାଲ୍‌ଚାଲ୍ ବୁଝୁଛନ୍ତି। ଭାଟିକାନ୍ ସିଟିରେ କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ମୃତକମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଛନ୍ତି।

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମ୍ୟାନ୍‌ମାର ଓ ଥାଇଲାଣ୍ଡ ଭୂକମ୍ପକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ସେ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ୨ ଦେଶକୁ ଯଥାସମ୍ଭବ ସହାୟତା ପ୍ରଦାନର ପ୍ରତିଶ୍ରୁତି ଦେଇଛନ୍ତି। ଦୁଇ ପଡ଼ୋଶୀ ଦେଶରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ଭାରତୀୟମାନଙ୍କୁ ସହାୟତା ଯୋଗାଇଦେବା ☞ପୃଷ୍ଠା-୪

# ପ୍ରଦୀପ ଜେନା ଓଇଆର୍‌ସି ଅଧ୍ୟକ୍ଷ



**ଭୁବନେଶ୍ୱର,୨୮।୩(ସୁନିତ୍ ମିଶ୍ର)**

ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି। ଶୁକ୍ରବାର ରାଜ୍ୟ ସରକାର ତାଙ୍କୁ ଏହି ନୂଆ ଦାୟିତ୍ୱ ଦେଇଛନ୍ତି। ରାଜ୍ୟ ଶକ୍ତି ବିଭାଗ ପକ୍ଷରୁ ଏନେଇ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବତନ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଏହି ପଦରୁ ଯିବା ପରେ ଏହା ☞ପୃଷ୍ଠା-୪

# ୪୩ ଡିଗ୍ରୀ ସହ ଝାରସୁଗୁଡ଼ା ରାଜ୍ୟର ଉତ୍ତପ୍ତ ସହର

**ଭୁବନେଶ୍ୱର,୨୭।୩ (ଅନୁରାଧା ମହାରଣା)**

ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଶୁକ୍ରବାର ୪୩ ଡିଗ୍ରୀ ସହ ଝାରସୁଗୁଡା ସବୁଠୁ ଉତ୍ତପ୍ତ ସହର ପାଲଟିଛି। ସେହିପରି ରାଜ୍ୟର ୧୮ ସହରରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଛି। ଅନ୍ୟପଟେ ଚଳିତବର୍ଷ ପ୍ରଥମଥର ରାଜଧାନୀରେ ପାରଦ ୪୦ ଡିଗ୍ରୀ ଟପିଛି। ଭୁବନେଶ୍ୱର ସହ ଜଗତ୍‌ସିଂହପୁରରେ ମଧ୍ୟ ତାପମାତ୍ରା ୪୦.୨ ଡିଗ୍ରୀ ରହିଥିଲା। ହୀରାକୁଦରେ ୪୧.୬, ସମ୍ବଲପୁର, ବୌଦ୍ଧ, ବଲାଙ୍ଗୀର ଓ ଟିଟିଲାଗଡ଼ରେ ୪୧.୨ ଡିଗ୍ରୀ, ସୁନ୍ଦରଗଡ଼ରେ ୪୧.୧, ଅନୁଗୋଳ ଓ ଢେଙ୍କାନାଳରେ ୪୦.୯, ତାଳଚେର ୪୦.୮, ସୋନପୁର, ଭବାନୀପାଟଣା ୪୦.୫, ବାରିପଦା, ରାଉରକେଲା ଓ ଚାନ୍ଦବାଲିରେ ତାପମାତ୍ରା ୪୦.୪ ଡିଗ୍ରୀ ରେକର୍ଡ କରାଯାଇଛି। ଶନିବାର ଆହୁରି ୨ରୁ ୩ଡିଗ୍ରୀ ଅଧିକ ତାତି ଅନୁଭୂତ ହୋଇପାରେ। ଆସନ୍ତା ୩ଦିନ ହିଟ୍‌ୱେଭ ରାଜ୍ୟବାସୀଙ୍କୁ କଲବଲ କରିପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଶନିବାର ପାଇଁ ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ୩୦ ତାରିଖ ରବିବାର ପାଇଁ ଏସବୁ ଜିଲା ସହ ବରଗଡ଼ ଓ ସୁନ୍ଦରଗଡ଼ ଜିଲାକୁ ମଧ୍ୟ ୟେଲୋ ୱାର୍ନିଂ ରହିଛି। ତେବେ ଏପ୍ରିଲ୨ରୁ ୪ ତାରିଖ ଯାଏ ବିଭିନ୍ନ ଜିଲାରେ କାଳବୈଶାଖୀର ସମ୍ଭାବନା ରହିଛି। କୋରାପୁଟ, ମାଲକାନଗିରି, ରାୟଗଡ଼ା ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ହେବାକୁ ଥିବାବେଳେ ଅନ୍ୟାନ୍ୟ ଜିଲାଗୁଡ଼ିକରେ ପାଗ ପ୍ରାୟତଃ ଶୁଷ୍କ ରହିବ ବୋଲି ସୂଚନା ଦିଆଯାଇଛି।

# ଓଏସ୍‌ଏସ୍‌ଟିଇଟି ପରୀକ୍ଷାଫଳ ପ୍ରକାଶ

**କଟକ,୨୮।୩(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ସେକେଣ୍ଡାରୀ ସ୍କୁଲ ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଏସ୍‌ଏସ୍‌ଟିଇଟି) ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ବୋର୍ଡର ୱେବ୍‌ସାଇଟ୍ www.bseodisha.ac.inରେ ପରୀକ୍ଷାଫଳ ଉପଲବ୍ଧ ହୋଇଛି। କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀ ସେମାନଙ୍କର ଡିଜିଟାଇଜ୍‌ଡ୍ ସାର୍ଟିଫିକେଟ ବୋର୍ଡର ଉପରୋକ୍ତ ୱେବ୍‌ସାଇଟ୍‌ରୁ ଶୁକ୍ରବାରଠାରୁ ଆସନ୍ତା ମେ' ୨୮ ତାରିଖ ପର୍ଯ୍ୟନ୍ତ ଡାଉନ୍‌ଲୋଡ୍ କରିପାରିବେ। ଅକୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନେ ସେମାନଙ୍କ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଏମ୍‌ଏଲ୍‌ଏଙ୍କୁ ଅଣଦେଖା**

# ଅନ୍‌ଲାଇନ ବେଟିଂରେ କୋଟିପତି

**କେନ୍ଦୁଝର/ଯୋଡ଼ା, ୨୮।୩ (ନରେଶ ଚନ୍ଦ୍ର ପଟ୍ଟନାୟକ/ମାନସ ମହାନ୍ତି)**

କେତେବେଳେ କାହା ଭାଗ୍ୟ ବଦଳିବ କେହି କହିପାରିବେ ନାହିଁ। ମଣିଷ ଅବସର ସମୟରେ ଗେମ ଖେଳିଥାଏ। ଅନେକ ସମୟରେ ଗେମ୍ ଖେଳି କୋଟିପତି ହେବାର ଖବର ଶୁଣିବାକୁ ମିଳେ। ଏବେ ଚାଲିଛି ଆଇପିଏଲ୍ କ୍ରିକେଟ। କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଚମକପୁର ପଞ୍ଚାୟତ ରେଭେନ୍‌ଶାପୁର ଗ୍ରାମର ଗୁରୁଚରଣ ଜାମୁଦା ଅନ୍‌ଲାଇନ ବେଟିଂ କରି କୋଟିପତି ହୋଇଛନ୍ତି। ସେ ୩ କୋଟି ଟଙ୍କା ସହ ଗୋଟିଏ ମହିନ୍ଦ୍ରା ଥର୍ କାର୍ ଜିତିଥିବା କହିଛନ୍ତି।

**୩ କୋଟି, ଗାଡ଼ି ଜିତିଲେ ଦିନ ମଜୁରିଆ**



ପରିବାର ସଦସ୍ୟଙ୍କ ସହ ଗୁରୁଚରଣ।

ଗୁରୁଚରଣ କୁହନ୍ତି, ସେ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ଦୀର୍ଘ ବର୍ଷ ହେଲା ଅନ୍‌ଲାଇନ ଗେମ୍ ଖେଳିବା ସହ ବେଟିଂ ଭାଗନେଇ ଆନନ୍ଦ ଅନୁଭବ କରିଥାନ୍ତି। ଗତ ୨୫ ତାରିଖରେ ଗୁଜରାଟ ଏବଂ ପଞ୍ଜାବ ମଧ୍ୟରେ କ୍ରିକେଟ ମ୍ୟାଚ ଥିଲା। ସେଥିରେ ସେ ୟୁଟ୍ୟୁବ ଦେଖି ଖେଳାଳିଙ୍କୁ ନେଇ ଏକ ଟିମ୍ ଚୟନ କରିଥିଲେ। ଏହି ଟିମ୍ ୱିନିଂ ଜୋନ୍‌ରେ ଥିବା ସେ ରାତ୍ରି ପର୍ଯ୍ୟନ୍ତ ଦେଖିଥିଲେ। ମାତ୍ର ଏତେ ଟଙ୍କା ଜିତିପାରିବେ ବୋଲି କେବେ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲେ। ମୋବାଇଲ ୱାଲେଟ୍‌ରେ ୩ କୋଟି ଟଙ୍କା ଜିତିଥିବା ମଙ୍ଗଳବାର ରାତିରେ ଦେଖିବାକୁ ପାଇଥିଲେ। ତେବେ ବିଶ୍ୱାସ ନ ହେବାରୁ ବଡ଼ଭାଇଙ୍କୁ ନିଦରୁ ଉଠାଇ ମୋବାଇଲ ଦେଖାଇଥିଲେ। ପରେ ବୁଧବାର ସକାଳେ ଉକ୍ତ ☞ପୃଷ୍ଠା-୪




**ଗ୍ରାହକଙ୍କୁ ସେବା ଦେୟ ଦାବି କରିପାରିବ ନାହିଁ ରେଷ୍ଟୁରାଣ୍ଟ**

ଖାଦ୍ୟ ବିଲ୍ ଉପରେ ସେବା ଦେୟ ପୈଠ କରିବା ସ୍ୱେଚ୍ଛାକୃତ। ଗ୍ରାହକଙ୍କ ଉପରେ ରେଷ୍ଟୁରାଣ୍ଟ ଏହି ଦେୟ ଜବରଦସ୍ତ ଲାଗୁ କରିପାରିବ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର କହିଛନ୍ତି। ଖାଦ୍ୟ ବିଲ୍ ଉପରେ ବାଧ୍ୟତାମୂଳକ ସେବା ଦେୟ ଆଦାୟ ଖାଉଟି ଅଧିକାରର ଉଲ୍ଲଂଘନ। ଗ୍ରାହକ ଚାହିଁଲେ ସ୍ୱେଚ୍ଛାକୃତ ଭାବେ ସେବା ଦେୟ ଦେଇପାରିବେ ବୋଲି ଅଦାଲତ କହିଛନ୍ତି।

# ଭୂକମ୍ପ ପରେ ଧ୍ୱଂସର ଚିତ୍ର

**ଥରିଗଲା ଦକ୍ଷିଣପୂର୍ବ ଏସିଆ**







**ନାପିଦାଓ/ବ୍ୟାଙ୍କକ୍/ ନୂଆଦିଲ୍ଲୀ,୨୮।୩**

ମ୍ୟାନ୍ମାରରେ ଶୁକ୍ରବାର ୭.୭ ତୀବ୍ରତା ବିଶିଷ୍ଟ ଭୂକମ୍ପ ହୋଇଛି, ଯାହାର ପ୍ରଭାବ ଦେଶ ଭିତରେ ସୀମିତ ନ ରହି ଦକ୍ଷିଣପୂର୍ବ ଏସିଆକୁ ଥରାଇ ଦେଇଛି। କେବଳ ମ୍ୟାନ୍ମାରରେ ୧୪୪ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଥିବାବେଳେ ଅନ୍ୟ ୭୩୨ ଜଣ ଆହତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ୧,୦୦୦ ଶଯ୍ୟା ବିଶିଷ୍ଟ ଏକ ହସ୍ପିଟାଲରେ ଚିକିତ୍ସାଧୀନ ଆହତମାନଙ୍କୁ ଭେଟିବା ପରେ ସାମରିକ ସରକାର ମୁଖ୍ୟ ମିନ୍ ଅଉଙ୍ଗ୍ ହଲାଇଙ୍ଗ୍ ମୃତ୍ୟୁସଂଖ୍ୟା ବଢ଼ିବା ନେଇ ଏକ ଟେଲିଭିଜନ୍ ବାର୍ତ୍ତାରେ ଆଶଙ୍କା ପ୍ରକାଶ କରିଛନ୍ତି।

୨୦୨୦ ନଭେମ୍ବରରେ ମ୍ୟାନ୍ମାରର ଅଙ୍ଗ୍ ସାନ୍ ସ୍ୟୁଚୀଙ୍କ ନିର୍ବାଚିତ ସରକାରକୁ ଗାଦିଚ୍ୟୁତ କରି ସେନା କ୍ଷମତା ଦଖଲ କରିଥିଲା। ସେବେଠୁ ଦେଶରେ ଗୃହଯୁଦ୍ଧ ସ୍ଥିତି ଲାଗିରହିଛି। ମ୍ୟାନ୍ମାରର ଆର୍ଥିକ ସ୍ଥିତି ଠିକ୍ ନ ଥିବାବେଳେ ଭୂକମ୍ପ ଏହାକୁ ଆହୁରି ସଙ୍ଗିନ କରିଦେଇଛି। ଭୂମିକମ୍ପରେ ଦେଶର ଅନେକ ବଡ଼ ବଡ଼ କୋଠା, ବ୍ରିଜ୍, ରାସ୍ତା ଭାଙ୍ଗିଯାଇଛି। ଫଳରେ ପୂର୍ବରୁ ଲାଗିରହିଥିବା ମାନବୀୟ ସଙ୍କଟ ଆହୁରି ବଢ଼ିଯାଇଛି। ମ୍ୟାନ୍ମାର ସରକାର କହିଛନ୍ତି, ସର୍ବାଧିକ କ୍ଷତିଗ୍ରସ୍ତ ଅଞ୍ଚଳରେ ରକ୍ତର ଅଭାବ ଦେଖାଦେଇଛି। ତେଣୁ ସୁସ୍ଥ ଲୋକେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ଥାଇଲାଣ୍ଡରେ ଭୂକମ୍ପ ଯୋଗୁ ଅନେକ କୋଠା ଧସିଯାଇଛି। ରାସ୍ତାଗୁଡ଼ିକ ଫାଟି ଆଁ କରିଥିବାରୁ ଯାତାୟାତରେ ବାଧା ସୃଷ୍ଟି ହୋଇଛି। କେତେକ ସ୍ଥାନରେ ମେଟ୍ରୋ ଓ ରେଳ ସେବାକୁ ବାତିଲ କରାଯାଇଛି। ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ପାଏଟୋଙ୍ଗଟର୍ନ ସିନାୱାତ୍ରା ଜରୁରୀ ବୈଠକ ଡାକିବା ପରେ ବ୍ୟାଙ୍କକ୍‌ରେ ଏମର୍ଜେନ୍ସି ଘୋଷଣା କରିଛନ୍ତି।



## ଥାଇଲାଣ୍ଡରେ ଭାରତୀୟ ସୁରକ୍ଷିତ

ଭୂକମ୍ପ ଯୋଗୁ ଥାଇଲାଣ୍ଡରେ ଥିବା କୌଣସି ଭାରତୀୟ ମୃତାହତ ହୋଇଥିବା ସୂଚନା ନାହିଁ। ସ୍ଥିତି ଉପରେ ନଜର ରଖାଯାଇଛି। ଯଦି କୌଣସି ଭାରତୀୟ ସହାୟତା ଚାହୁଁଆନ୍ତି ତେବେ ସେମାନେ ଜରୁରୀ ହେଲ୍ପଲାଇନ୍ ନମ୍ବର +୬୬୬୧୮୮୧୯୨୧୮କୁ କଲ୍ କରିପାରିବେ ବୋଲି ବ୍ୟାଙ୍କକ୍‌ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ଏକ୍ସ'ରେ ପୋଷ୍ଟ କରାଯାଇଛି।

## ଆମେ ସାହାଯ୍ୟ କରିବୁ: ଟ୍ରମ୍ପ୍

ଭୂକମ୍ପରେ ମ୍ୟାନ୍ମାରର ପ୍ରଭୁତ କ୍ଷତିସାଧିତ ହୋଇଛି। ମ୍ୟାନ୍ମାର ଅର୍ଥନୀତିକୁ ଏହା ୭୦%ରୁ ଅଧିକ ପ୍ରଭାବିତ କରିବ ବୋଲି ଆଶଙ୍କା କରାଯାଉଛି। କୋଠା ଓ ବ୍ରିଜ୍‌ଗୁଡ଼ିକ ଭୁଶୁଡ଼ିପଡୁଥିବାର ଦୃଶ୍ୟ ଦେଖି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି, ଏହି ଅସମୟରେ ମ୍ୟାନ୍ମାରକୁ ଆମେ ସାହାଯ୍ୟ କରିବୁ। ତେବେ ମ୍ୟାନ୍ମାର ଓ ଥାଇଲାଣ୍ଡକୁ ଆମେରିକା ନିର୍ଦ୍ଦିଷ୍ଟ ଭାବେ କେତେ ପରିମାଣର ସହାୟତା ଯୋଗାଇ ଦେବ ସେନେଇ ଟ୍ରମ୍ପ୍ କିଛି କହିନାହାନ୍ତି।

# ରେସ୍କ୍ୟୁ, ରିଲିଫ୍ ବଡ଼ ଚ୍ୟାଲେଞ୍ଜ



ମ୍ୟାନ୍ମାର ସାମରିକ ସରକାର ମୁଖ୍ୟ ମିନ୍ ଅଉଙ୍ଗ୍ ହଲାଇଙ୍ଗ୍

**ମ୍ୟା**ନ୍ମାରରେ ଭୂକମ୍ପ ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟ ଏବଂ ବିପନ୍ନଙ୍କୁ ଅତ୍ୟାବଶ୍ୟକ ରିଲିଫ୍ ସହାୟତା ଯୋଗାଇବା ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଏହାକୁ ଦୃଷ୍ଟିରେ ରଖି ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ ଏବଂ ହ୍ୟୁମାନ୍ ରାଇଟ୍ସ ୱାଚ୍ ପକ୍ଷରୁ ପ୍ରଭାବିତ ଲୋକଙ୍କୁ ତୁରନ୍ତ ମାନବୀୟ ସହାୟତା ଯୋଗାଇଦେବା ପାଇଁ ମ୍ୟାନ୍ମାରର ସାମରିକ ସରକାରଙ୍କୁ ଅନୁରୋଧ କରାଯାଇଛି। ସେନା ସରକାର ୬ ଅଞ୍ଚଳରେ ଏମର୍ଜେନ୍ସି ଘୋଷଣା କରିବା ସହ ଅନ୍ତର୍ଜାତୀୟ ସହାୟତା ଲୋଡ଼ିଛନ୍ତି।

## ଅନ୍ତର୍ଜାତୀୟ ସହାୟତା ଲୋଡ଼ିଲେ ସାମରିକ ସରକାର

ଉଜୁଡ଼ା ଭିତ୍ତିଭୂମି ଓ ଧ୍ୱଂସଚିତ୍ରକୁ ଦେଖି ରେଡ୍ କ୍ରସ୍ ମଧ୍ୟ ଚିନ୍ତାବ୍ୟକ୍ତ କରିଛି। ରେଡ୍ କ୍ରସ୍‌ର ଅନ୍ତର୍ଜାତୀୟ ମହାସଂଘ ପ୍ରୋଗ୍ରାମ୍ କୋ-ଅର୍ଡିନେଟର ମାରିଏ ମାନ୍‌ରିକ୍ ଜେନେଭାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରିବାବେଳେ ୟାଙ୍ଗୋନ୍‌ର ଏକ ଭିଡିଓ ଲିଙ୍କ୍ ଜାରି କରିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଯୁଦ୍ଧକାଳୀନ ଭିତ୍ତିରେ ମେଡିକାଲ ସହାୟତା ପଠାଇବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଦୁବାଇ ଦେଇ ଔଷଧୀୟ ସାମଗ୍ରୀ ପ୍ରେରଣ ଉଦ୍ୟମ ଚାଲିଥିବା ଡବ୍ଲ୍ୟୁଏଚ୍‌ଓ କହିଛି। ସେହିପରି ୟୁରୋପୀୟ ସଂଘ ମୁଖ୍ୟ ଉର୍ସୁଲା ଭନ୍ ଡେର୍ କହିଛନ୍ତି, ୨୭ ସଦସ୍ୟ ବିଶିଷ୍ଟ ଏହି ବ୍ଲକ୍ ଭୂକମ୍ପ ପ୍ରଭାବିତଙ୍କୁ ସବୁ ପ୍ରକାର ସହଯୋଗ କରିବା ପାଇଁ ପ୍ରସ୍ତୁତ ରହିଛି। ଫ୍ରାନ୍ସ ମଧ୍ୟ ସହଯୋଗର ହାତ ବଢ଼ାଇଛି।




## କୁନାଲ କାମ୍‌ରାଙ୍କୁ ଆଗୁଆ ଜାମିନ ଦେଲେ ମାଡ୍ରାସ୍ ହାଇକୋର୍ଟ

**ଚେନ୍ନାଇ,୨୮।୩(ପି.ଟି.)**



ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କୁ ଥଟ୍ଟା କରି ବିବାଦର ସମ୍ମୁଖୀନ ହୋଇଥିବା ଷ୍ଟାଣ୍ଡିଂ କମେଡିଆନ୍ କୁନାଲ କାମ୍‌ରାଙ୍କୁ ମାଡ୍ରାସ ହାଇକୋର୍ଟ ଶୁକ୍ରବାର ଆଗୁଆ ଅନ୍ତରୀଣ ଜାମିନ ମଞ୍ଜୁର କରିଛନ୍ତି। ଏଥିପାଇଁ ତାଙ୍କୁ ତାମିଲନାଡୁ ଭିଲ୍ଲୁପୁରମ୍ ଜିଲା ପାନୁରସ୍ଥିତ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ବଣ୍ଡ ଦାଖଲ କରିବାକୁ ହାଇକୋର୍ଟ ସର୍ତ୍ତ ରଖିଛନ୍ତି। ଏଥିସହିତ ବିଚାରପତି ସୁନ୍ଦର ମୋହନ ଦ୍ୱିତୀୟ ପକ୍ଷ ଖାର୍ ପୋଲିସକୁ ନୋଟିସ ଜାରି କରିବା ସହ ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୭କୁ ଧାର୍ଯ୍ୟ କରିଛନ୍ତି। ୨୦୨୧ରୁ କାମ୍‌ରା ମୁମ୍ବାଇରୁ ଯାଇ ତାମିଲନାଡୁରେ ରହୁଛନ୍ତି। ମୁମ୍ବାଇ ପୋଲିସ ତାଙ୍କୁ ଗିରଫ କରିବା ଆଶଙ୍କା ଥିବାରୁ ସେ ଆଗୁଆ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ। ଶିନ୍ଦେଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ପାଇଁ ମୁମ୍ବାଇ ପୋଲିସ କାମ୍‌ରାଙ୍କୁ ୨ ଥର ସମନ କରିବା ସତ୍ତ୍ୱେ ସେ ହାଜର ହୋଇ ନାହାନ୍ତି।

# ଜଷ୍ଟିସ୍ ବର୍ମାଙ୍କ ନାଁରେ ଏତଲା ଦାଏର ଆବେଦନ ଖାରଜ

**ନୂଆଦିଲ୍ଲୀ,୨୮।୩(ପି.ଟି.)**

ଦିଲ୍ଲୀ ହାଇକୋର୍ଟ ବିଚାରପତି ଯଶୱନ୍ତ ବର୍ମାଙ୍କ ସରକାରୀ ବାସଭବନରୁ ବିପୁଳ ପରିମାଣର ପୋଡ଼ା ନୋଟ୍ ବିଡ଼ା ମିଳିବା ଘଟଣାରେ ଏତଲା ଦାଏର ପାଇଁ ଦିଲ୍ଲୀ ପୋଲିସକୁ ଅନୁମତି ଦେବା ନିମନ୍ତେ ଦାଏର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)କୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି, ଉକ୍ତ ମାମଲାର ଇନ୍-ହାଉସ୍ ତଦନ୍ତ ଆଗେଇଚାଲିଛି। ତଦନ୍ତ ଶେଷ ହେବା ପରେ ପ୍ରଧାନ ବିଚାରପତିଙ୍କ ନିକଟରେ ଅନେକ ବିକଳ୍ପ ରହିଛି। ତେଣୁ ଏତଲା ଦାଏର ପାଇଁ ଆବେଦନ ବିଚାର କରିବା ସମୟ ଆସିନାହିଁ କହି ଖଣ୍ଡପୀଠ ଆଇନଜୀବୀ ମାଥ୍ୟୁ ଜେ, ନେଦୁମ୍ପରା ଓ ଅନ୍ୟ ୩ ଜଣ ଦାଏର କରିଥିବା ପିଆଇଏଲ୍‌କୁ ଶୁଣାଣି ପାଇଁ ମନା କରିଦେଇଛନ୍ତି। ଇନ୍‌ହାଉସ୍ ତଦନ୍ତରେ କିଛି ତ୍ରୁଟି ଥିବା ଜଣାପଡ଼ିଲେ, ସିଜେଆଇ ଏତଲା ଦାଏର ପାଇଁ ନିର୍ଦ୍ଦେଶ ଦେଇପାରିବେ କିମ୍ବା ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ପାର୍ଲାମେଣ୍ଟକୁ ପଠାଇପାରିବେ ବୋଲି ଖଣ୍ଡପୀଠ କହିଛନ୍ତି।

## ଆଲ୍ଲାହାବାଦ ହାଇକୋର୍ଟକୁ ବଦଳି ନେଇ ବିଜ୍ଞପ୍ତି ଜାରି



ଜଷ୍ଟିସ୍ ଯଶୱନ୍ତ ବର୍ମା

ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କୁ ଆଲ୍ଲାହାବାଦ ହାଇକୋର୍ଟକୁ ବଦଳି କରାଯାଇଥିବା ନେଇ କେନ୍ଦ୍ର ସରକାର ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୨୨ର ଧାରା ୧ରେ ଦିଆଯାଇଥିବା କ୍ଷମତା ବଳରେ ରାଷ୍ଟ୍ରପତି ପ୍ରଧାନ ବିଚାରପତିଙ୍କ ସହ ପରାମର୍ଶ ପରେ ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କୁ ଆଲ୍ଲାହାବାଦ ହାଇକୋର୍ଟକୁ ବଦଳି କରିବା ସହ ତାଙ୍କୁ ସେଠାରେ କାର୍ଯ୍ୟଭାର ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବିଜ୍ଞପ୍ତିରେ କୁହାଯାଇଛି। ଗତ ୧୪ ତାରିଖରେ ଜଷ୍ଟିସ୍ ବର୍ମାଙ୍କ ସରକାରୀ ବାସଭବନ ଷ୍ଟୋର୍‌ରୁମ୍‌ରୁ ବିପୁଳ ପରିମାଣର ପୋଡ଼ା ଟଙ୍କା ମିଳିବା ପରେ ତାଙ୍କୁ ଆଲ୍ଲାହାବାଦ ହାଇକୋର୍ଟକୁ ବଦଳି ପାଇଁ ସୁପ୍ରିମକୋର୍ଟ କଲେଜିୟମ୍ ସୁପାରିସ କରିଥିଲା।

## ଅନଶନ ଭାଙ୍ଗିଲେ କୃଷକ ନେତା ଡାଲେୱାଲ



ଜଗଜିତ ସିଂ ଡାଲେୱାଲ

**ନୂଆଦିଲ୍ଲୀ,୨୮।୩ (ପି.ଟି.)**

କୃଷକମାନଙ୍କ ବିଭିନ୍ନ ଦାବି ନେଇ ୧୨୩ ଦିନ ହେଲା ଅନଶନରେ ବସିଥିବା କୃଷକ ନେତା ଜଗଜିତ ସିଂ ଡାଲେୱାଲ ଶୁକ୍ରବାର ସକାଳେ ପାଣି ପିଇ ଅନଶନ ଭାଙ୍ଗିଛନ୍ତି। ଏନେଇ ପଞ୍ଜାବ ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ଇତିମଧ୍ୟରେ ଖନୌରୀ ଏବଂ ଶମ୍ଭୁ ସୀମାରେ ଆନ୍ଦୋଳନରତ ଚାଷୀମାନଙ୍କୁ ହଟାଇ ରାସ୍ତା ଓ ରାଜପଥକୁ ଅବରୋଧ ମୁକ୍ତ କରାଯାଇଛି।

# ନେପାଳରେ ରାଜତନ୍ତ୍ର ସପକ୍ଷବାଦୀଙ୍କ ହିଂସାତ୍ମକ ବିକ୍ଷୋଭ

**ପୋଲିସ ସହ ସଂଘର୍ଷରେ ୨ ମୃତ, ୩୦ ଆହତ**

**ଗାଡ଼ି, ଘର ଜାଳିଦେଲେ**

**ସେନାକୁ ଡାକରା**

**କାଠମାଣ୍ଡୁ,୨୮।୩**



ପୋଲିସକୁ ଟେକାମାଡ଼ କରୁଛନ୍ତି ବିକ୍ଷୋଭକାରୀ।

ନେପାଳ ରାଜଧାନୀ କାଠମାଣ୍ଡୁରେ ଶୁକ୍ରବାର ରାଜତନ୍ତ୍ର ସପକ୍ଷବାଦୀଙ୍କ ବିକ୍ଷୋଭ ହିଂସାତ୍ମକ ରୂପ ନେଇଛି। ପୋଲିସ୍ ସହ ବିକ୍ଷୋଭକାରୀଙ୍କ ସଂଘର୍ଷରେ ୨ ଜଣଙ୍କ ମୃତ୍ୟୁ ଘଟିବା ସହ ୩୦ ଜଣ ଆହତ ହୋଇଛନ୍ତି। ଉତ୍ତେଜନା ଲାଗିରହିଥିବାରୁ କର୍ଫ୍ୟୁ ଜାରି ହେବା ସହ ସ୍ଥିତି ନିୟନ୍ତ୍ରଣ ପାଇଁ ସେନାକୁ ଡକାଯାଇଛି।

ବିକ୍ଷୋଭକାରୀ କେତେକ ଦଳୀୟ କାର୍ଯ୍ୟାଳୟ ଉପରେ ଆକ୍ରମଣ କରିବା ସହ ଘର ଓ ଗାଡ଼ି ଜାଳିଦେଇଛନ୍ତି। ବହୁ ଦୋକାନ ଲୁଟ୍‌ପାଟ ହୋଇଛି। ବିକ୍ଷୋଭକାରୀଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ପାଣିମାଡ଼ କରିଛି। ତ୍ରିଭୁବନ ଅନ୍ତର୍ଜାତୀୟ ବିମାନବନ୍ଦର ନିକଟବର୍ତ୍ତୀ ଟିଙ୍କୁନେ ଅଞ୍ଚଳରେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଯିବାରୁ ପୋଲିସ ଫାଙ୍କା ଗୁଳିଚାଳନା କରିଥିଲା। ଗୁଳିମାଡ଼ରେ ଆହତ ଜଣେ ଯୁବକଙ୍କର ହସ୍ପିଟାଲରେ ମୃତ୍ୟୁ ଘଟିଛି। ସୁରେଶ ରଜକ ନାମକ ଜଣେ ଫଟୋ ସାମ୍ବାଦିକ ଏକ ବିଲ୍ଡିଂ ଉପରୁ ଭିଡିଓ ଶୁଟିଂ କରୁଥିବାବେଳେ ବିକ୍ଷୋଭକାରୀ ଉକ୍ତ ଘରେ ନିଆଁ ଲଗାଇଦେବାରୁ ପୋଡ଼ିଯାଇ ତାଙ୍କର ମୃତ୍ୟୁ ଘଟିଛି।

ନେପାଳରେ ପୁନର୍ବାର ରାଜତନ୍ତ୍ର ଫେରାଇ ଆଣିବା ଦାବିରେ ଅନେକ ହଜାର ବିକ୍ଷୋଭକାରୀ ରାଜରାସ୍ତାକୁ ଓହ୍ଲାଇଥିଲେ। ସେମାନେ 'ରାଜ ଆଉ, ଦେଶ ବଚାଉ' (ଦେଶର ସୁରକ୍ଷା ପାଇଁ ରାଜା ଆସନ୍ତୁ), ଦୁର୍ନୀତିଗ୍ରସ୍ତ ସରକାର ମୁର୍ଦ୍ଦାବାଦ ଏବଂ ରାଜତନ୍ତ୍ର ଫେରିବା ଆମର ଦାବି ଆଦି ସ୍ଲୋଗାନ ଦେଇଥିଲେ। ବିକ୍ଷୋଭକାରୀ ଧରିଥିବା ନେପାଳୀ ଜାତୀୟ ପତାକାରେ ପୂର୍ବତନ ରାଜା ଜ୍ଞାନେନ୍ଦ୍ର ଶାହାଙ୍କ ଫଟୋ ରହିଥିଲା। ଟିଙ୍କୁନେଠାରେ ସେମାନେ କେତେକ ଘରେ ଓ ଗାଡ଼ିରେ ନିଆଁ ଲଗାଇଦେବା ସହ ଟେକାମାଡ଼ କରିଥିଲେ। ବ୍ୟାରିକେଡ୍ ଭାଙ୍ଗିବାକୁ ଉଦ୍ୟମ କଲାବେଳେ ପୋଲିସ ସହ ବିକ୍ଷୋଭକାରୀଙ୍କ ସଂଘର୍ଷ ଘଟିଥିଲା। ବିକ୍ଷୋଭରେ ରାଜତନ୍ତ୍ର ସପକ୍ଷବାଦୀ ରାଷ୍ଟ୍ରୀୟ ପ୍ରଜାତନ୍ତ୍ର ପାର୍ଟି ଓ ଅନ୍ୟମାନେ ସାମିଲ ହୋଇଛନ୍ତି। କଟକଣା ନ ମାନି ନ୍ୟୁ ବେନେଶ୍ୱର ଆଡ଼କୁ ଅଗ୍ରସର ହେଉଥିବା ଅନେକ ବିକ୍ଷୋଭକାରୀଙ୍କୁ ପୋଲିସ ଅଟକ ରଖିଛି।

ନେପାଳର ରାଜନୈତିକ ଦଳଗୁଡ଼ିକ ୨୦୦୮ରେ ଏକ ସଂସଦୀୟ ଘୋଷଣାନାମା ଜରିଆରେ ନେପାଳରୁ ୨୪୦ ବର୍ଷର ରାଜତନ୍ତ୍ର ଶାସନର ଉଚ୍ଛେଦ କରାଇଥିଲେ। ପୂର୍ବର ହିନ୍ଦୁ ରାଜ୍ୟ ଧର୍ମନିରପେକ୍ଷ ସଂଘୀୟ ଗଣତାନ୍ତ୍ରିକ ସାଧାରଣତନ୍ତ୍ରରେ ପରିଣତ ହୋଇଥିଲା। ଗତ ଫେବୃଆରୀ ୧୯ ଗଣତନ୍ତ୍ର ଦିବସ ଅବସରରେ ପୂର୍ବତନ ରାଜା ଏକ ଭିଡିଓ ବାର୍ତ୍ତା ଜରିଆରେ ସମର୍ଥନ ପାଇଁ ଅପିଲ କରିବା ପରେ ରାଜତନ୍ତ୍ରବାଦୀମାନେ ରାଜତନ୍ତ୍ର ଶାସନ ଫେରିବା ଦାବି କରିଆସୁଛନ୍ତି। ଗତ ୯ ତାରିଖରେ ଜ୍ଞାନେନ୍ଦ୍ର ତ୍ରିଭୁବନ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କ ସମର୍ଥନରେ ରାଜତନ୍ତ୍ର ସପକ୍ଷବାଦୀ କର୍ମୀମାନେ ରାଲିର ଆୟୋଜନ କରିଥିଲେ।

## ପ୍ରେମରେ ପଡ଼ିଛନ୍ତି ଅନନ୍ୟା



**ମୁମ୍ବାଇ:** ପୁଣିଥରେ ପ୍ରେମରେ ପଡ଼ିଛନ୍ତି ବଲିଉଡର ଚୁଲବୁଲି ନାୟିକା ଅନନ୍ୟା ପାଣ୍ଡେ। ଅଭିନେତା ଆଦିତ୍ୟ ରୟ କପୁରଙ୍କ ସହ ବ୍ରେକ୍‌ଅପ୍ ଏବେ ସେ ଜଣେ ମଡେଲଙ୍କୁ ହୃଦୟ ଦେଇଛନ୍ତି। ସେ ହେଲେ ୱାର୍କର ବ୍ଲାନ୍‌କୋ।

ମୁକେଶ ଅମ୍ବାନୀଙ୍କ ପୁଅ ଅନନ୍ତଙ୍କ ବିବାହ ସମୟରୁ ଅନନ୍ୟାଙ୍କ ପ୍ରେମ ସମ୍ପର୍କ ଚର୍ଚ୍ଚାରେ ରହିଆସୁଛି। ଏବେ କିନ୍ତୁ ସବୁକିଛି ଖୁଲମଖୁଲ୍ଲା ଚାଲିଛି।

ୱାର୍କର ନିଜର ସୋସିଆଲ ମିଡିଆ ଆକାଉଣ୍ଟରେ କିଛି ପୋଷ୍ଟ କଲା ମାତ୍ରେ ଅନନ୍ୟା କମେଣ୍ଟ ଦେଉଛନ୍ତି। ସେ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫିର କିଛି ଫଟୋ ଶେୟାର କରିବା ପରେ ଅନନ୍ୟାଙ୍କ ସହ ଭଉଣୀ ମଧ୍ୟ ପ୍ରତିକ୍ରିୟା ରଖିଥିଲେ। ୱାର୍କର ଆମେରିକାରେ ମଡେଲ ଭାବେ କାମ କରୁଥିଲେ। ଏବେ ସେ ଗୁଜରାଟର ବନତାରାରେ କାମ କରୁଛନ୍ତି। ତେବେ ଏହି ସମ୍ପର୍କ ଆଗକୁ କେଉଁ ମୋଡ଼ ନେଉଛି ତାହା ସମୟ କହିବ।

## ୨୦୨୪-୨୫ରେ ସ୍କୁଲ ଛାଡ଼ିଛନ୍ତି ୯,୬୪୧ ପିଲା

ଭୁବନେଶ୍ୱର, ୨୮।୩ (ରବିନାରାୟଣ ଜେନା): ରାଜ୍ୟରେ ୨୦୨୪-୨୫ରେ ୯,୬୪୧ ଛାତ୍ରୀଛାତ୍ର ଅଧାରୁ ପାଠ (ଡ୍ରପ୍‌ଆଉଟ୍) ଛାଡ଼ିଛନ୍ତି ସେଥିମଧ୍ୟରେ ପ୍ରାଥମିକ ସ୍ତରରେ ୨୫୪ ଜଣ ଓ ମାଧ୍ୟମିକ ସ୍ତରରେ ୯,୩୮୭ ପିଲା ଅଛନ୍ତି ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉତ୍ତରରୁ ଜଣାପଡ଼ିଛି। ସଦସ୍ୟା ଉପାସନା ମହାପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଦର୍ଶାଇଛନ୍ତି ଯେ, ଗଞ୍ଜାମ ଜିଲାରେ ସର୍ବାଧିକ ୧,୩୨୭ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡ଼ିଥିବା ବେଳେ ବାଲେଶ୍ୱର ଜିଲାରେ ୧,୦୭୨ ଏବଂ ନବରଙ୍ଗପୁର ଜିଲାରେ ୧୫୨ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡ଼ିଛନ୍ତି। ବିଭିନ୍ନ ପାରିବାରିକ ଓ ସାମାଜିକ କାରଣ ତଥା ମାତାପିତାଙ୍କର ବିଦ୍ୟାଳୟ ପଠାଇବା ପାଇଁ ଅନାଗ୍ରହରୁ ପିଲାମାନେ ଅଧାରୁ ପାଠ ଛାଡ଼ୁଛନ୍ତି।

# ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ହିଁ ବିକାଶର ମୂଳମନ୍ତ୍ର: ମୁଖ୍ୟମନ୍ତ୍ରୀ

## ‘ବୈଜ୍ଞାନିକ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ ଉତ୍ସବ-୨୦୨୩’ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୮।୩(ସୁନିତ୍ ମିଶ୍ର)

ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ହିଁ ବିକାଶର ମୂଳମନ୍ତ୍ର। ବିଜ୍ଞାନର ଉପଯୋଗ ସାଧାରଣ ଜନତାଙ୍କ ସୁବିଧା ସୁଯୋଗକୁ ଆଖି ଆଗରେ ରଖି ସ୍ଥାୟୀ ପରିବର୍ତ୍ତନ ଆଣିବାରେ ନିୟୋଜିତ ହେବା ଉଚିତ। ଏଥିପାଇଁ ତୃଣମୂଳସ୍ତରରେ ଗବେଷଣା ହେବା ସହ ବିଜ୍ଞାନ ଓ କାରିଗରି କ୍ଷେତ୍ରରେ ବ୍ୟାପକ ଉନ୍ନତି ଆଣି ଅର୍ଥନୈତିକ ଏବଂ ପ୍ରଗତିର ଶୀର୍ଷ ସ୍ଥାନରେ ଆମ ରାଜ୍ୟକୁ ପହଞ୍ଚାଇବା ମୂଳ ଉଦ୍ଦେଶ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଶୁକ୍ରବାର ଲୋକସେବା ଭବନ କନ୍‌ଭେନସନ ସେଣ୍ଟରଠାରେ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ଆୟୋଜିତ ‘ବୈଜ୍ଞାନିକ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ ଉତ୍ସବ-୨୦୨୩’ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମକୁ ଅନ୍ତର୍ଜାତୀୟ ସ୍ତରରେ ଆଗକୁ ବଢ଼ିବାକୁ ହେଲେ ବୈଜ୍ଞାନିକ ଆବିଷ୍କାର ଓ ଉଦ୍ଭାବନକୁ ବ୍ୟବହାରକରି ମାନବ ସମାଜର ବିକାଶ ପାଇଁ ଦୀର୍ଘସ୍ଥାୟୀ ଯୋଜନା କରିବାକୁ ପଡ଼ିବ। ବିଜ୍ଞାନ ଏବଂ କାରିଗରିର ଉନ୍ନତି ସହ ଆମକୁ କୃଷି, ସ୍ୱାସ୍ଥ୍ୟ, ଶକ୍ତି, ଶିକ୍ଷା ଓ ପରିବେଶ ବିଷୟରେ ଉନ୍ନତ ଜ୍ଞାନକୌଶଳ ତଥା ଯନ୍ତ୍ରପାତି ଉଦ୍ଭାବନ ଉପରେ ମନୋନିବେଶକରି ବିକାଶର ଗତିକୁ ଆହୁରି କ୍ରିୟାଶୀଳ କରିବାକୁ ପଡ଼ିବ। ଏଥିପାଇଁ ବୈଜ୍ଞାନିକଙ୍କ ପ୍ରଚେଷ୍ଟା ହିଁ ଆମକୁ ସଫଳ କରାଇବ। ଭାରତୀୟ ବିଜ୍ଞାନ ବର୍ତ୍ତମାନ ଖୁବ୍ ଉଚ୍ଚରେ ଅଛି। ମହାକାଶ ବିଜ୍ଞାନରେ ଚନ୍ଦ୍ରୟାନ, ଆଦିତ୍ୟ, ମଙ୍ଗଳୟାନ, ଗଗନୟାନ ଭଳି ଅନେକ ସଫଳ ପରୀକ୍ଷଣ ଆମକୁ ବିଶ୍ୱରେ ଏକ ବୈଜ୍ଞାନିକ ବିକାଶଶୀଳ ଦେଶ ଭାବେ ପ୍ରତିଷ୍ଠିତ କରିପାରିଛି। ଆମର ଜ୍ୟୋତିର୍ବିଦ୍ୟା, ଗଣିତ ଓ ଔଷଧ ଶାସ୍ତ୍ର ସାରା ପୃଥିବୀରେ ଅଗ୍ରଣୀ। ଏବେର ଯୁଗର ସବୁଠାରୁ ଲୋକପ୍ରିୟ ସାଇନ୍ସ ସେକ୍ଟର ହେଉଛି ଆଇଟି ସେକ୍ଟର ଏବଂ ବିଶ୍ୱର ପ୍ରାୟ ସମସ୍ତ ଆଇଟି ସେକ୍ଟରରେ ଭାରତୀୟମାନେ ହିଁ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତ ବୈଜ୍ଞାନିକଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଆମର ଆଗାମୀ ପିଢ଼ି ବିଜ୍ଞାନରେ ବୈପ୍ଳବିକ ପରିବର୍ତ୍ତନ ଆଣି ବିଜ୍ଞାନକୁ ସାଧାରଣ ଜନତାଙ୍କ ସେବାରେ ଲଗାଇବେ ଓ ବିଜ୍ଞାନକୁ ଆହୁରି ଲୋକପ୍ରିୟ କରିବାରେ ସହାୟକ ହେବେ। କାର୍ଯ୍ୟକ୍ରମରେ ଯୋଗଦେଇ ବିଜ୍ଞାନ ଓ କାରିଗରି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ଦିନକୁ ଦିନ ବିଜ୍ଞାନ ପ୍ରତି ଲୋକମାନଙ୍କ ଆଗ୍ରହ ବଢ଼ି ଚାଲିଛି। କାରଣ ବର୍ତ୍ତମାନ ଆମମାନଙ୍କ ଜୀବନଶୈଳୀ, ବିଜ୍ଞାନ ଉପରେ ଅନେକ ମାତ୍ରାରେ ନିର୍ଭରଶୀଳ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଫେସର ରାଜକିଶୋର ପରମଗୁରୁ, ଡ. ଶୁଭ୍ରାଂଶୁ ଶେଖର ମହାପାତ୍ର, ପ୍ରଫେସର କୃଷ୍ଣଚନ୍ଦ୍ର ମହାନ୍ତି ପ୍ରମୁଖଙ୍କୁ ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର ଓ ଯୁବ ବୈଜ୍ଞାନିକ ପୁରସ୍କାରରେ ପୁରସ୍କୃତ କରିବା ସହ ଡ. ସରିତ ଶେଖର ପଟ୍ଟନାୟକ, ଡ. ଅପ୍ରମିତା ଚାନ୍ଦ, ଡ. ରାଜେଶ କୁମାର ପୃଷ୍ଟି ଓ ଡ. ସଞ୍ଜୟ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।




# ସ୍ତ୍ରୀଙ୍କୁ ହତ୍ୟା କରି ଇଞ୍ଜିନିୟରଙ୍କ ଆତ୍ମହତ୍ୟା ଉଦ୍ୟମ

ବେଙ୍ଗାଲୁରୁ, ୨୮।୩

ବେଙ୍ଗାଲୁରୁର ଡୋଡ୍ଡାକନ୍ନାହଲି ଅଞ୍ଚଳରେ ଜଣେ ୩୬ ବର୍ଷୀୟ ଇଞ୍ଜିନିୟର ତାଙ୍କ ସ୍ତ୍ରୀଙ୍କୁ ହତ୍ୟାକରି ମୃତଦେହକୁ ଏକ ଶୁଟ୍‌କେସ୍‌ରେ ଭର୍ତ୍ତି କରିବା ପରେ ପୁଣେ ପଳାଇଥିଲେ। ସେଠାରେ ସେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁବାର ସ୍ତ୍ରୀ ଗୌରୀ ଅନିଲ ସମ୍ବେକର (୩୨)ଙ୍କ ମୃତଦେହ ଶୁଟ୍‌କେସ୍‌ରୁ ମିଳିଥିଲା। ଅଭିଯୁକ୍ତ ରାକେଶ ରାଜେନ୍ଦ୍ର ଖେଡେକର ଏବଂ ସ୍ତ୍ରୀ ଗୌରୀଙ୍କ ଘର ମହାରାଷ୍ଟ୍ରରେ ହୋଇଥିବାବେଳେ ସେମାନେ ବର୍ଷେ ହେଲା ବେଙ୍ଗାଲୁରୁରେ ରହୁଥିଲେ। ବୁଧବାର ରାତିରେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଝଗଡ଼ାରୁ ଗୌରୀ ରାକେଶଙ୍କ ଉପରକୁ ଛୁରି ଫିଙ୍ଗିବାରୁ ସେ ଆହତ ହୋଇଥିଲେ। ରାକେଶ ସେହି ଛୁରିରେ ଗୌରୀଙ୍କୁ ଆକ୍ରମଣ କରି ମାରିଦେବା ସହ ମୃତଦେହ ଲୁଚାଇବା ପାଇଁ ଏହାକୁ ୮ରୁ ୧୦ ଖଣ୍ଡ କରିଦେଇଥିଲେ। ହତ୍ୟା କରିବା ପରେ ରାକେଶ ଗୌରୀଙ୍କ ମାଆବାପାଙ୍କୁ ଫୋନ୍ କରି ଅପରାଧ ସ୍ୱୀକାର କରିଥିଲେ। ସେମାନେ ତୁରନ୍ତ ମହାରାଷ୍ଟ୍ର ପୋଲିସକୁ ଜଣାଇଥିଲେ ଏବଂ ବେଙ୍ଗାଲୁରୁ ପୋଲିସକୁ ଖବର ଦିଆଯାଇଥିଲା। ବୈବାହିକ ବିବାଦ ହତ୍ୟାକାଣ୍ଡ ପଛର କାରଣ ହୋଇଥାଇପାରେ ବୋଲି ବେଙ୍ଗାଲୁରୁ ପୋଲିସ କମିଶନର ବି.ଦୟାନନ୍ଦ କହିଛନ୍ତି। ଫୋନ୍ କଲ୍‌କୁ ଟ୍ରାକ୍ କରାଯାଇ ରାକେଶଙ୍କୁ ପୁଣେରୁ ଠାବ କରାଯାଇଥିଲା। ସେ ଆତ୍ମହତ୍ୟା ପାଇଁ ବିଷ ଖାଇ ଅଚେତ ଥିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।


ସ୍ତ୍ରୀ ଗୌରୀଙ୍କ ସହ ରାକେଶ

# କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୨% ବଢ଼ିଲା

ନୂଆଦିଲ୍ଲୀ, ୨୮।୩

କେନ୍ଦ୍ର ସରକାର ଶୁକ୍ରବାର କେନ୍ଦ୍ରୀୟ କର୍ମଚାରୀମାନଙ୍କ ମହଙ୍ଗା ଭତ୍ତା (ଡିଏ) ଏବଂ ପେନ୍‌ସନଭୋଗୀଙ୍କ ମହଙ୍ଗା ସହାୟତା (ଡିଆର୍) ୨ ପ୍ରତିଶତ ବଢ଼ାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ବୈଠକ ବସି ମହଙ୍ଗା ଭତ୍ତା ଓ ମହଙ୍ଗା ସହାୟତାର ଅତିରିକ୍ତ କିସ୍ତିକୁ ମଞ୍ଜୁର କରାଯାଇଛି। ଗତ ଜାନୁଆରୀ ୧ରୁ ଏହା ପିଛିଲା ଭାବେ ଲାଗୁ ହେବ। ଏହି ସଂଶୋଧନ ଫଳରେ କର୍ମଚାରୀମାନଙ୍କ ମୂଳ ଦରମା ଏବଂ ପେନ୍‌ସନ ଉପରେ ଡିଏ ଏବଂ ଡିଆର୍ ବର୍ତ୍ତମାନର ୫୩ ପ୍ରତିଶତରୁ ବଢ଼ି ୫୫ ପ୍ରତିଶତ ହୋଇଛି। ମୁଦ୍ରାସ୍ଫୀତି ବଢ଼ିଥିବାରୁ ସରକାରୀ କର୍ମଚାରୀ ଏବଂ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଆର୍ଥିକ ସହାୟତା ସ୍ୱରୂପ ଡିଏ ଏବଂ ଡିଆର୍ ବଢ଼ାଇବାକୁ ନିଷ୍ପତ୍ତି ହୋଇଥିଲା। ଏହାଦ୍ୱାରା ୪୮.୬୬ ଲକ୍ଷ କେନ୍ଦ୍ରୀୟ ସରକାରୀ କର୍ମଚାରୀ ଏବଂ ୬୬.୫୫ ଲକ୍ଷ ପେନ୍‌ସନଭୋଗୀ ଉପକୃତ ହେବେ ଏବଂ ଏ ବାବଦରେ ସରକାରଙ୍କୁ ବର୍ଷକୁ ୬,୬୧୪.୦୪ କୋଟି ଟଙ୍କା ବ୍ୟୟଭାର ବହନ କରିବାକୁ ପଡ଼ିବ।

## ଏଟିଏମ୍‌ରୁ ଟଙ୍କା ଉଠାଣ ମହଙ୍ଗା ହେବ

ନୂଆଦିଲ୍ଲୀ, ୨୮।୩: ମେ’ ୧ରୁ ଏଟିଏମ୍‌ରୁ ଟଙ୍କା ଉଠାଣ ଦେୟ ମହଙ୍ଗା ହେବାକୁ ଯାଉଛି। ମାଗଣା ଉଠାଣ ସୀମା ଶେଷ ହେବା ପରେ ପ୍ରତି ଥର ଉଠାଣ ନିମନ୍ତେ ବର୍ତ୍ତମାନ ୨୧ ଟଙ୍କା ଦେୟ ଲାଗୁଥିବାବେଳେ ମେ’ ୧ରୁ ୨୩ ଟଙ୍କା ଦେବାକୁ ପଡ଼ିବ। ଭାରତର ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଶୁକ୍ରବାର ଏହା ଘୋଷଣା କରିଛନ୍ତି। ସଂଶୋଧିତ ଗାଇଡ୍‌ଲାଇନ ଅନୁଯାୟୀ ଗ୍ରାହକ ନିଜ ବ୍ୟାଙ୍କ ଏଟିଏମ୍‌ରେ ମାସକୁ ୫ ଥର ମାଗଣା (ଆର୍ଥିକ ଏବଂ ଅଣଆର୍ଥିକ) କାରବାର କରିପାରିବେ। ଏହା ବ୍ୟତୀତ ମେଟ୍ରୋ ସହରଗୁଡ଼ିକରେ ସେମାନେ ଅନ୍ୟ ବ୍ୟାଙ୍କ ଏଟିଏମ୍‌ରୁ ୩ ଥର ଏବଂ ଅଣମେଟ୍ରୋ ଅଞ୍ଚଳରେ ୫ ଥର ମାଗଣା କାରବାର କରିପାରିବେ। ଏହା ବାଦ୍ ପ୍ରତି କାରବାର ପାଇଁ ଗ୍ରାହକଙ୍କ ଆକାଉଣ୍ଟରୁ ୨୩ ଟଙ୍କା କଟିବ।






**ଆଜିର ମନ୍ତବ୍ୟ**

“ଭାରତର ଯୁବପିଢ଼ି ଡ୍ରଗ୍ସର ଶିକାର ହେଉଛନ୍ତି, କିନ୍ତୁ ସରକାର ଏହି ଭୟଙ୍କର ସଙ୍କଟର ସମାଧାନ ପାଇଁ ଅନିଚ୍ଛୁକ, ଯାହା ସମଗ୍ର ପିଢ଼ିକୁ ଧ୍ୱଂସ କରିଦେବାର ବିପଦ ସୃଷ୍ଟି କରିଛି।

–ରାହୁଲ ଗାନ୍ଧୀ, କଂଗ୍ରେସ ନେତା

# ଆଜି କ’ଣ କେଉଁଠି

## ଭୁବନେଶ୍ୱର

- ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାଏକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ସକାଳ ୮ଟା।, ସାଧାରଣ ସଭା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: କଳିଙ୍ଗ ଡାକ୍ତରଖାନା ପାଖ ଛକ, ସମୟ: ସକାଳ ୮ଟା ୩୦।
- ୟୁଥ୍ ରେଡକ୍ରସ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଆଡ୍‌ମିନିଷ୍ଟ୍ରେଟିଭ୍ ବ୍ଲକ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ସକଳା ୯ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ଶହୀଦ ଲକ୍ଷ୍ମଣ ନାଏକଙ୍କ ବଳିଦାନ ଦିବସ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: କଳିଙ୍ଗ ଡାକ୍ତରଖାନା ଛକ, ସମୟ: ସକାଳ ୯ଟା।
- ବିଶ୍ୱ ଡାଉନ୍‌ସିଣ୍ଡ୍ରୋମ୍ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ସକାଳ ୯ଟା।
- ମା’ ବିନ୍ଧ୍ୟବାସିନୀଙ୍କ ଚୈତ୍ର ନବଦିନାତ୍ମକ ବାସନ୍ତୀକ ଦୁର୍ଗୋତ୍ସବ ଅବସରରେ ଜଳଯାତ୍ରା ଓ କଳସ ସ୍ଥାପନ, ସ୍ଥାନ: ପୁରୁଣା ଭୁବନେଶ୍ୱରସ୍ଥିତ ମା’ଙ୍କ ମନ୍ଦିର ପରିସର, ସମୟ: ସକାଳ ୯ଟା ୪୫।
- ନିଖିଳ ଓଡ଼ିଶା ପାଇକ ମହାସଂଘ ପକ୍ଷରୁ ପାଇକ ବିଦ୍ରୋହ ଦିବସ ପାଳନ, ସ୍ଥାନ: ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟ, ରାଜ୍ୟ ସଂଗ୍ରହାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଗବେଷଣା କେନ୍ଦ୍ର ପକ୍ଷରୁ ‘ସମୟ ସାଗର ତୀରେ: ଓଡ଼ିଶାର ସାମୁଦ୍ରିକ ଐତିହ୍ୟ ଓ ନୀଳ ଅର୍ଥନୀତିର ଭବିଷ୍ୟତ’ ଶୀର୍ଷକ କର୍ମଶାଳା, ସ୍ଥାନ: ଆଇଏମ୍ଏମ୍‌ଟି ଏସ୍ଏସ୍ ଭଟ୍ନାଗର ହଲ୍, ଆଚାର୍ଯ୍ୟ ବିହାର, ସମୟ: ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା ପେଣ୍ଟିଂ ଆର୍ଟିଷ୍ଟ ୱାର୍କର୍ସ ଆସୋସିଏଶନ ପକ୍ଷରୁ ଶୋଭାଯାତ୍ରା ଏବଂ ଦାବିପତ୍ର ପ୍ରଦାନ, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ୟୁଥ୍ ଅର୍ଗାନାଇଜେଶନ (ଏଆଇଡିୱାଇଓ) ପକ୍ଷରୁ ରାଜ୍ୟସ୍ତରୀୟ ଯୁବ ସମାବେଶ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ‘ସାହିତ୍ୟ ମାସିକୀ’, ସ୍ଥାନ: ଗୀତଗୋବିନ୍ଦ ସଦନ ସମ୍ମିଳନୀ ଗୃହ, ସମୟ: ସନ୍ଧ୍ୟା ୬ଟା।
- ପଦାମୃତ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ୩ୟ ଉର୍ଜା, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ପୁରୀ ବାର୍ ଆସୋସିଏଶନ୍‌ର ନିର୍ବାଚନ, ସ୍ଥାନ: ବାର୍ ପରିସର, ସମୟ: ସକାଳ ୭ଟା ୩୦।
- ଗୁରୁକୁଳ ଉତ୍ସବ, ସ୍ଥାନ: ରାମହରି ଦାସ ଓଡ଼ିଶୀ ଗୁରୁକୁଳ, ବଡ଼ହାଟ, ବୀରଗୋବିନ୍ଦପୁର, ସାକ୍ଷୀଗୋପାଳ, ସମୟ: ସନ୍ଧ୍ୟା ୬ଟା ୩୦।
- ନାଟକ ଦିବସର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ:ବାଲୁଙ୍କେଶ୍ୱର ଦେବଙ୍କ ପୀଠ, ଗୋବିନ୍ଦପୁର, ବେଗୁନିଆ,ସମୟ: ସକାଳ ୭ଟା।
- ଶ୍ରୀରାମଚରିତ ନବାହ୍ନ ପାରାୟଣ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ,ସମୟ: ସକାଳ ୭ଟା।
- ମା’ଜାଗୁଳାଇଙ୍କ ବାସନ୍ତୀକ ଦୁର୍ଗାପୂଜା ପ୍ରଥମ ଦିବସରେ ମା’ଶୈଳପୁତ୍ରୀ ବେଶରେ ଦର୍ଶନ ଦେବେ, ସ୍ଥାନ: ମା’ଙ୍କ ମନ୍ଦିର, କୁଦିଆରୀ, ଜଟଣୀ, ସମୟ: ସନ୍ଧ୍ୟା ୭ଟା।
- ପ୍ରବଚନ, ଜ୍ଞାନଯଜ୍ଞ ଓ ଆଧ୍ୟାତ୍ମିକ ସମାରୋହ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୩୦।

## ବାଲେଶ୍ୱର

- ବାଲେଶ୍ୱର ବାର ଆସୋସିଏଶନ ନିର୍ବାଚନ, ସ୍ଥାନ: କଚେରୀ ପରିସର, ବାଲେଶ୍ୱର, ସମୟ: ସକାଳ ୭ଟା ୩୦।
- ସାହିତ୍ୟ ସେମିନାର, ସ୍ଥାନ: ସିମୁଳିଆ କଲେଜ ପରିସର, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା

## ଭଦ୍ରକ

- ଭଦ୍ରକ ଓକିଲ ସଂଘ ନିର୍ବାଚନ, ସ୍ଥାନ: ପୁରୁଣା କୋର୍ଟ ପରିସର, ଭଦ୍ରକ, ସମୟ: ସକାଳ ୭ଟା ୩୦।
- ବାରୁଣୀ ଯଜ୍ଞର ୪ର୍ଥ ଦିବସ, ସ୍ଥାନ: ମାଳିଅରୁଆ କୁଣ୍ଡିକାଳୀ ପୀଠ, ଭଦ୍ରକ, ସମୟ: ସକାଳ ୯ଟା।
- ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୪ଟା ୩୦।

## କେନ୍ଦୁଝର

- ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତିର ୧୯ତମ ଜିଲା ସମାବେଶ, ସ୍ଥାନ: କେନ୍ଦୁଝରର ରୋଟାରୀ ଭବନ, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ବଡ଼ବିଲ ଆଇନ୍‌ଜୀବୀ ସଂଘ ନିର୍ବାଚନ, ସ୍ଥାନ: କୋର୍ଟ ପରିସର, ବଡ଼ବିଲ, ସମୟ: ସକାଳ ୭ ଟା ୩୦ ରୁ ଅପରାହ୍ନ ୪ ଟା।

## ମୟୂରଭଞ୍ଜ

- ସଂସ୍କୃତ ବିଭାଗର ସେମିନାର, ସ୍ଥାନ:ଚିତ୍ରଡ଼ା ମହାବିଦ୍ୟାଳୟ,ମୋରଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ସବ୍‌ଡିଭିଜନସ୍ତରୀୟ ଛଉନୃତ୍ୟ ପ୍ରତିଯୋଗିତା, ସ୍ଥାନ: ନିଚୁଆପଦା, ମୋରଡ଼ା,ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର

- ଲକ୍ଷ୍ମଣ ନାୟକଙ୍କ ଶହୀଦ ଦିବସ ସମାରୋହ, ସ୍ଥାନ: ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ, ସମୟ: ସନ୍ଧ୍ୟା ୬ଟା ।

## ଗଞ୍ଜାମ

- ଶନିଦେବଙ୍କ ମନ୍ଦିରରେ ଶନି ଅମାବାସ୍ୟ ଉତ୍ସବ ପାଳନ, ସ୍ଥାନ: ସୁନାମ୍ବସାହି ଆସିକା, ସମୟ: ସକାଳ ୮ଟା।
- ଶ୍ରୀ ଅରବିନ୍ଦ ଦିବ୍ୟଚେତନା ଆଶ୍ରମ, ଶ୍ରୀ ଅରବିନ୍ଦ ପାଠଚକ୍ର ଓ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ, ସ୍ଥାନ: ରେଣ୍ଟି ଦାମୋଦରପଲୀ ଆସିକା, ସମୟ: ସକାଳ ୭ଟା।

## ଜଗତ୍‌ସିଂହପୁର

- ଆର୍ଟ ଅଫ୍ ଲିଭିଂ ଆନୁକୂଲ୍ୟରେ ୩ ଦିନିଆ ଶାରୀରିକ ସୁସ୍ଥତା କର୍ମଶାଳା, ସ୍ଥାନ: ବନ୍ଦର ଚିକିତ୍ସାଳୟ,ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୮ଟା।

## କେନ୍ଦ୍ରାପଡ଼ା

- ବାରୁଣୀ ମେଳା, ସ୍ଥାନ: ଉତ୍ତେରେଶ୍ୱର ମହାଦେବ ପୀଠ, ଚିତ୍ରୋପ୍ତଳା ନଦୀ ପଠା, ପାଟକୁରା, ଗରଦପୁର, ଇନ୍ଦୁପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।
- ଶ୍ରୀ ସଙ୍କଟମୋଚନ ହନୁମାନ ଦେବଙ୍କ ନବକଳେବର ଓ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସଂସାରଫଳ, ରାଜନଗର, ସମୟ: ସକାଳ ୬ଟା।

## ଯାଜପୁର

- ବ୍ୟାସ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ୧୭ତମ ସୌମିକ ହିରୋ ବ୍ୟାସନଗର ପ୍ରିମିୟର ଲିଗ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ : ଏନସି ହାଇସ୍କୁଲ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।

## ନୟାଗଡ଼

- ବୈଷ୍ଣୋଦେବୀଙ୍କ ପୀଠରେ ଶକ୍ତି ଓ ଉପାସନାର ମହାପର୍ବ ନବରାତ୍ରୀର କଳସ ଯାତ୍ରା ଓ ଯଜ୍ଞ ଆରମ୍ଭ, ସ୍ଥାନ: ଓନଗାଁ ବ୍ଲକର ଜାମୁକୋଣ ପାହାଡ, ସମୟ:ସକାଳ ୮ଟା।
- ଦଶଦୋଳ ଯାତ୍ରାର ଷଷ୍ଠ ଦିବସ, ସ୍ଥାନ: ନୟାଗଡ ବ୍ଲକର ଇଟାମାଟି, ସମୟ:ଅପରାହ୍ନ ୪ଟା।
- ଅନ୍ତୋଦୟ ଗୃହ ଯୋଜନାର ଶୁଭାରମ୍ଭ, ସ୍ଥାନ:ଗଣିଆ ବ୍ଲକ କାର୍ଯ୍ୟାଳୟ, ସମୟ:ଅପରାହ୍ନ ୩ଟା।
- ମହିଳା ସଶକ୍ତୀକରଣରେ ମହିଳାଙ୍କ ଭୂମିକା ଉପରେ ସହଯୋଗ ଉଦ୍ଦେଶ୍ୟରେ ଜିଲାସ୍ତରୀୟ ସମାବେଶ , ସ୍ଥାନ:ନୟାଗଡ ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନ, ସମୟ:ପୂର୍ବାହ୍ନ ୧୧ଟା।

## ରାୟଗଡ଼ା

- ସହିଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ଦିବସ ପାଳନ, ସ୍ଥାନ: ରାୟଗଡ଼ା ଶାସ୍ତ୍ରୀ ନଗରସ୍ଥିତ ସହିଦ ଲକ୍ଷ୍ମଣ ନାୟକ ପ୍ରତିମୂର୍ତ୍ତି, ସମୟ: ସକାଳ ୮ ଟା।
- ଗୁଣପୁର ଓକିଲ ସଂଘ ନିର୍ବାଚନ, ସ୍ଥାନ: ଗୁଣପୁର କୋର୍ଟ ପରିସର, ସମୟ: ସକାଳ ୮ଟା।
- ରାୟଗଡା ଜିଲା ଉଗାଦି ଉତ୍ସବ କମିଟି ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ତେଜସ୍ୱ ହୋଟେଲ ପାଖ ପଡିଆ, ରାୟଗଡା, ସମୟ: ପୂର୍ବାହ୍ନ ୧୧ ଟା।

## ନବରଙ୍ଗପୁର

- ଓକିଲ ସଂଘ ନିର୍ବାଚନ, ସ୍ଥାନ: ନବରଙ୍ଗପୁର, ସମୟ: ସକାଳ ୮ଟା।
- ଶହୀଦ ଲକ୍ଷ୍ମଣ ନାୟକଙ୍କ ତିରୋଧାନ ଦିବସ, ସ୍ଥାନ: ଲକ୍ଷ୍ମଣ ନାୟକ ବିଦ୍ୟାଳୟ, ନବରଙ୍ଗପୁର, ସମୟ: ସକାଳ ୮ଟା ୩୦।
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟ, ଡାବୁଗାଁ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ସେମିଳିଗୁଡା ଓକିଲ ସଂଘ ନିର୍ବାଚନ, ସ୍ଥାନ: କୋର୍ଟ ପରିସର, ସେମିଳିଗୁଡା, ସମୟ:ସକାଳ ୭ଟା ୩୦।
- ଓକିଲ ସଂଘ ନିର୍ବାଚନ, ସ୍ଥାନ: ଜିଲା ଓକିଲ ସଂଘ କାର୍ଯ୍ୟାଳୟ, ଜୟପୁର, ସମୟ: ସକାଳ ୭ଟା ୩୦।
- କୋରାପୁଟ ଓକିଲ ସଂଘର ନିର୍ବାଚନ, ସ୍ଥାନ: ଓକିଲ ସଂଘ କାର୍ଯ୍ୟାଳୟ, କୋରାପୁଟ, ସମୟ: ସକାଳ ୮ଟା।
- ଶହୀଦ ଲକ୍ଷ୍ମଣ ନାୟକଙ୍କ ଫାଶୀ ଦିବସ, ସ୍ଥାନ: ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି, ପୁରୁଣା ହସପିଟାଲ, ଜୟପୁର, ସମୟ: ସକାଳ ୮ଟା ୩୦।
- ଗ୍ରୀଷ୍ମ ପ୍ରବାହ ନେଇ ମୁଖ୍ୟ ଶାସନ ସଚିବଙ୍କ ଭରଚୁଆଲ ମୋଡ଼ରେ ସମୀକ୍ଷା ବୈଠକ, ସ୍ଥାନ: ଓସ୍‌ୱାନ ହଲ, କୋରାପୁଟ, ସମୟ: ଅପରାହ୍ନ ୫ଟା।

## ମାଲକାନଗିରି

- ମାଥିଲି ବ୍ଲକ ମେକା ପଞ୍ଚାୟତ ଆଶ୍ରମ ବିଦ୍ୟାଳୟ ବାର୍ଷିକ ଉତ୍ସବ ସ୍ଥାନ- ସ୍କୁଲ ପରିସର, ସମୟ- ପୂର୍ବାହ୍ନ ୧୧ଟା ।
- ବନଗୁରୁ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ- ଚିତ୍ରକୋଣ୍ଡା, ସମୟ-ଅପରାହ୍ନ ୧.୩୦ ମିନିଟ
- ଚିତ୍ରକୋଣ୍ଡା ଡିଆଇଟିର ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ- ଚିତ୍ରକୋଣ୍ଡା, ସମୟ- ଅପରାହ୍ନ ୪ଟା ।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ଜିଲା ଓକିଲ ସଂଘ ନିର୍ବାଚନ ପାଇଁ ଭୋଟ ଗ୍ରହଣ, ସମୟ : ସକାଳ ୭ଟା, ସ୍ଥାନ ଜିଲା ଓକିଲ ସଂଘ ସଭାକକ୍ଷ ।
- ସିଦ୍ଧେଶ୍ୱରୀ ଧର୍ମ ସଂସଦର ବୈଠକ, ସ୍ଥାନ:ମୁଦିପଡା ସ୍ଥିତ ଜୀବନ କ୍ଲବ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲ ଆୟୋଜନରେ ରକ୍ତଦାନ ଶିବିର, ସ୍ଥାନ : ଜିଲା ରକ୍ତ ଭଣ୍ଡାର, ସମୟ : ପୂର୍ବାହ୍ନ ୧୦ଟା।
- ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- ମହାରାଜା ଆରଏନ୍ ସିଂଦେଓ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ୍, ବଲାଙ୍ଗୀର, ସମୟ: ଅପରାହ୍ଣ ୪ଟା।

## ରାଉରକେଲା

- ଚୈତ୍ର ନବରାତ୍ର ଆରମ୍ଭ, ସ୍ଥାନ: ଜଗଦା ମା’ ବାଟ ମଙ୍ଗଳା ମନ୍ଦିର, ସମୟ: ସକାଳ ୬ଟା।
- ଡା.ଏସ୍. ଏସ୍. ଦାସ ମେମୋରିଆଲ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଟୁକୁଡ଼ା ପଞ୍ଚାୟତ, ସମୟ: ସକାଳ ୯ଟା।
- ସାଇ ସରଗମ ପକ୍ଷରୁ ମ୍ୟୁଜିକାଲ ନାଇଟ୍, ସ୍ଥାନ: ସେକ୍ଟର-୨୦ ରାଉରକେଲା କ୍ଲବ, ସମୟ: ପୂର୍ବାହ୍ନ ୧୦ଟା।
- ପାନୀୟ ଜଳ ସମସ୍ୟା ନେଇ ୱାଟକୋ ଅଧିକାରୀଙ୍କୁ ସାକ୍ଷାତ, ସ୍ଥାନ: ଉଦିତନଗର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରଥମ ମୁକ୍ତ ଜାତୀୟ ଯୋଗାସନ ସ୍ପୋର୍ଟ ଚାମ୍ପିୟନଶିପ୍, ସ୍ଥାନ: ଦାଣ୍ଡିଆପାଲୀ ଜେପି କନଭେନଶନ ସେଣ୍ଟର, ସମୟ: ଅପରାହ୍ନ ୨ଟା।
- ରାଉରକେଲା ଦିବସ ପାଇଁ ଓଡ଼ିଆ ମେଲୋଡି ନାଇଟ୍, ସ୍ଥାନ: ସେକ୍ଟର-୧୩ ମେଳଣ ପଡ଼ିଆ ଛକ, ସମୟ: ସନ୍ଧ୍ୟା ୬ଟା।
- ବସନ୍ତ ମହୋତ୍ସବ, ସ୍ଥାନ: ମ୍ୟୁଜିକ ସର୍କଲ, ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼

- ନବଜୀବନ ଅନୁଷ୍ଠାନର ବସନ୍ତ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାର ନାଟକ କଳାମଲ୍ଲୀ, ସ୍ଥାନ: ସଂସ୍କୃତି ଭବନ, ସୁନ୍ଦରଗଡ, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼

- ସମଲେଶରୀଙ୍କ ବାସନ୍ତୀକ ପୂଜନୋତ୍ସବରେ କଳସଯାତ୍ରା,ସ୍ଥାନ:ବର ସମଲେଶ୍ୱରୀ ମନ୍ଦିର, ବରଗଡ଼,ସମୟ: ପୂର୍ବାହ୍ନ ୯ଟା ୫୫ମିନିଟ।
- କବି ଗଙ୍ଗାଧର ମେହେରଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ, ସ୍ଥାନ: ଗଙ୍ଗାଧର କଲ୍ୟାଣ ମଣ୍ଡପ, ବରପାଲି, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ଜନସମ୍ପର୍କ ଶିବିର, ସ୍ଥାନ: ସିଆର୍‌ପିଏଫ୍ କ୍ୟାମ୍ପ, ଗୁଣୁପୁର, ଥୁଆମୂଳ ରାମପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଦେବଗଡ଼

- ରକ୍ତଦାନ ଶିବିର, ସ୍ଥାନ: ଆଦର୍ଶ ଥାନ ଦେବଗଡ଼, ସମୟ: ସକାଳ ୭ଟା।
- ମା’ କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା’ କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସୁବର୍ଣ୍ଣପୁର ଜିଲା ଓକିଲ ସଂଘ ନିର୍ବାଚନ, ସ୍ଥାନ:ଓକିଲ ସଂଘ କାର୍ଯ୍ୟାଳୟ ପରିସର, ସମୟ:ସକାଳ ୭ଟା ୩୦।
- ଶିଶୁ ବିକାଶ ଉତ୍ସବ-୨୦୨୫, ସ୍ଥାନ: ବିନିକା ଶିଶୁ ବିକାଶ ବିଦ୍ୟା ମନ୍ଦିର ପରିସର, ସମୟ:ସନ୍ଧ୍ୟା ୬ଟା।

## ନୂଆପଡ଼ା

- ମାରାଗୁଡ଼ା ଲୋକ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ନୂଆପଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।
- ଉଦନ୍ତି ମହୋତ୍ସବ ଦ୍ୱିତୀୟ ରଜନୀ, ସ୍ଥାନ: ସିନାପାଲି ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ଅପରାହ୍ନ ୫ଟା ୩୦।

## ଝାରସୁଗୁଡ଼ା

- ଓକିଲ ସଂଘର ନିର୍ବାଚନ, ସ୍ଥାନ: ପୁରୁଣା ମିଟିଙ୍ଗ ହଲ, ବେହେରାମାଲ, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଓଏସ୍ଏପି ଖେଳ ପଡ଼ିଆ, ସମୟ: ଅପରାହ୍ନ ୪ଟା।

## ତ୍ରୁଟି ସଂଶୋଧନ

ଧରିତ୍ରୀର ୨୮ ତାରିଖ (ଶୁକ୍ରବାର)ରେ ପ୍ରକାଶିତ ‘ଦାରିଦ୍ର୍ୟ ହାର: ମାଲକାନଗିରିରେ ସର୍ବାଧିକ, ପୁରୀରେ ସର୍ବନିମ୍ନ’ ଶୀର୍ଷକ ବିଧାନସଭା ସଂକ୍ରାନ୍ତ ଖବରରେ ଭୁଲ୍‌ବଶତଃ ବିଜେଡି ସଦସ୍ୟ ସନାତନ ମହାକୁଡ଼ ପରିବର୍ତ୍ତେ ଭାଜପା ସଦସ୍ୟ ଲେଖାଯାଇଛି। ଏହା ଏକ ଅନିଚ୍ଛାକୃତ ତ୍ରୁଟି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢିଙ୍କିରେ କୁଟଇ ଗୋଲମରିଚ ମୁଁ**
**ପାଆରେ ମାପଇ ଘିଅ**
**ମୋତେ କହୁଥାଉ ମୂଳିଆ ଝିଅ**
**ତୁ କେଉଁ ଜମିଦାର ପୁଅ?**

ଜଣେ ଅନ୍ୟ ଜଣଙ୍କ ଆଗରେ ମିଛ ବଡ଼ଲୋକିଆ ପଣ ଦେଖାଇ ବାହାଦୁରି ନେବାରେ ଲାଭ କିଛି ମିଳି ନ ଥାଏ। ଏପରିସ୍ଥଳେ ଉଭୟ ପୁଅ ଝିଅଙ୍କ ମଧ୍ୟରେ ନିଜ ନିଜ ମର୍ଯ୍ୟାଦାକୁ ନେଇ ଆକ୍ଷେପ ଓ ପ୍ରତିଆକ୍ଷେପ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଢୋଲ ଖାଏ ମାଡ଼**
**ହାଡ଼ି ଖାଏ କଉଡ଼ି।**

ହାଡ଼ି ଢୋଲ ବଜାଏ ଏବଂ ସେ ଏହାର ପାଉଣା ପାଏ। ଅର୍ଥାତ୍ କଷ୍ଟ ସହିବା ଲୋକର ଫଳପ୍ରାପ୍ତିର ଦାବି ନ ଥାଏ, ଅଥଚ କଷ୍ଟ ଦେବା ଲୋକ ହିଁ ଏହି ଫଳ ଭୋଗକରେ। ପରୋକ୍ଷରେ ଜଣକର କଷ୍ଟାର୍ଜିତ ଫଳ ଆଉ ଜଣେ ଭୋଗକରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ନାବାଳିକା ବଳାତ୍କାର ମାମଲାରେ ଫରେଷ୍ଟର ଗିରଫ

**ରାୟଗଡ଼ା,୨୮।୩ (ଆଶିଷ ରଞ୍ଜନ ପଣ୍ଡା )**

ଜଣେ ୧୨ ବର୍ଷୀୟ ନାବାଳିକା ବଳାତ୍କାର ମାମଲାରେ ରାୟଗଡ଼ା ଜିଲା ପଦ୍ମପୁର ଥାନା ପୋଲିସ ଜଣେ କାର୍ଯ୍ୟରତ ଫରେଷ୍ଟରଙ୍କୁ ଗିରଫ କରିଛି। ଗିରଫ ଫରେଷ୍ଟର ହେଲେ ନରସିଂହ ଶତପଥୀ(୫୯)। ପ୍ରକାଶ ଯେ, ନରସିଂହ ପାତ୍ର ଗୁଡ଼ାରୀ ରେଞ୍ଜ ଅଧିନସ୍ଥ କେନ୍ଦୁଗୁଡ଼ା ସେକ୍ସନରେ ଫରେଷ୍ଟର ଭାବେ କାର୍ଯ୍ୟରତ। ଶୁକ୍ରବାର ଦିନ ପ୍ରାୟ ୧୧ଟା ସମୟରେ ନରସିଂହ ତାଙ୍କ ପଡ଼ୋଶୀ ଅଜା ଘରେ ରହି ପାଠ ପଢୁଥିବା ଜଣେ ୧୨ ବର୍ଷୀୟ ନାବାଳିକାକୁ ପ୍ରଲୋଭନ ଦେଖାଇ ଘର ଭିତରକୁ ଡ଼ାକି ବଳାତ୍କାର ଉଦ୍ୟମ କରିଥିଲେ। ତେବେ ଏହି ସମୟରେ ନାବାଳିକାଙ୍କ ସହିତ ଥିବା ଅନ୍ୟ ଜଣେ ଝିଅ ନାବାଳିକାଙ୍କ ପରିବାର ବର୍ଗଙ୍କୁ ଜଣାଇଥିଲେ। ପରିବାରବର୍ଗ ଏହା ଜାଣିବା ପରେ ଫରେଷ୍ଟର ନରସିଂହଙ୍କ ଘରକୁ ଯାଇ ନାବାଳିକାଙ୍କୁ ଉଦ୍ଧାର କରିଥିଲେ।

# ୯ ଦିନ ପରେ ବଡ଼ବିଲରୁ ୨ ଗିରଫ

## ଲୁହାପଥର ବୋଝେଇ ଟ୍ରକ ଜବତ ଘଟଣା

**ବଡବିଲ, ତା ୨୮.୦୩(ଦେବପ୍ରିୟ ରଣା)**

କେନ୍ଦୁଝର ଜିଲା ବଡବିଲ ଥାନା ପୋଲିସ ଗତ ୧୯ ତାରିଖ ସନ୍ଧ୍ୟାରେ ସୟାବାଲି- ରାଇକା ଗ୍ରାମ ରାସ୍ତାରୁ ଏକ ଲୁହାପଥର ବୋଝେଇ ଟ୍ରକ ଜବତ କରିଥିଲା। ଏହି ଘଟଣାରେ ସଂପୃକ୍ତ ଆଉ ଦୁଇ ଅଭିଯୁକ୍ତଙ୍କୁ ଶୁକ୍ରବାର ରାତିରେ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବଡବିଲ ପାଲ ହଟିଂ ଅଞ୍ଚଳର କନ୍ଦା ଲୋହାର ଏବଂ ସାନ୍ତବାହାଳ ଗ୍ରାମର ସାମନ୍ତ ଶେଖର ମହାନ୍ତ । ଗତ ୧୯ ତାରିଖ ସନ୍ଧ୍ୟାରେ ପୋଲିସ ଟିମ ପାଟ୍ରୋଲିଂ କରୁଥିବାବେଳେ ସୟାବାଲି- ରାଇକା ରାସ୍ତା ଦେଇ ଚୋରା ଲୁହାପଥର ବୋଝେଇ ଟ୍ରକ ଚାଲାଣ ହେଉଥିବା ଖବର ପାଇଥିଲା । ଘଟଣାସ୍ଥଳକୁ ପୋଲିସ ତୁରନ୍ତ ଯିବାକୁ ଚେଷ୍ଟା କରିଥିଲେହେଁ ଦୁର୍ବୃତ୍ତମାନେ ପଥର ରଖି ରାସ୍ତା ଅବରୋଧ କରିଦେଇଥିଲେ । ତେବେ ପୋଲିସ ପଥର ହଟାଇ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଦୁର୍ବୃତ୍ତ ମାନେ ଟ୍ରକ ଛାଡି ଜଙ୍ଗଲରେ ଫେରାର ହେବାକୁ ସକ୍ଷମ ହୋଇଥିଲେ । ଏନେଇ ପୋଲିସ ବଡବିଲ ଥାନା କେଶ ନଂ ୬୨/୨୦୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ଏହି ଘଟଣାରେ ପୋଲିସ ଗତ ୨୧ ତାରିଖରେ ରାଇକା ଅଞ୍ଚଳର ସନ୍ତୋଷ ମୁଣ୍ଡା, ନରେନ୍ଦ୍ର ମହାକୁଡ, ସୟାବାଲି ଅଞ୍ଚଳର ବିଶୁ ବାରିକ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

# ଆକାଶ ମାର୍ଗରୁ ଶୁଭିଲା ପ୍ରଚଣ୍ଡ ଶବ୍ଦ

**ଭଦ୍ରକ/ ବାସୁଦେବପୁର, ୨୮।୩ (ସନାତନ ରାଉତ/ ନାରାୟଣ ପ୍ରସାଦ ବାରିକ୍)**

ଭଦ୍ରକ ଜିଲାର ବିଭିନ୍ନ ଅଞ୍ଚଳରେ ଶୁକ୍ରବାର ଆକାଶମାର୍ଗରୁ ପ୍ରଚଣ୍ଡ ଶବ୍ଦ ଶୁଣିବାକୁ ମିଳିଛି। ଏହି ଶବ୍ଦ ଶୁଭିବା ସହ ଆକାଶରେ ୨ଟି ଧଳା ଗାର ଦେଖାଯାଇଥିଲା। ଏହାକୁ ନେଇ ଲୋକଙ୍କ ଭିତରେ କିଛି ସମୟ ପାଇଁ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ପୂର୍ବାହ୍ନ ପ୍ରାୟ ୧୦ଟା ୪୫ ଓ ଅପରାହ୍ନ ପ୍ରାୟ ୩ଟା ୧୫ ମିନିଟ୍‌ରେ ଏଭଳି ଶବ୍ଦ ଶୁଣିବାକୁ ମିଳିଥିଲା। ଭଦ୍ରକ, ଭଣ୍ଡାରିପୋଖରୀ ଓ ବାସୁଦେବପୁର ଅଞ୍ଚଳକୁ ଏହି ଶବ୍ଦ ଶୁଣାଯିବା ସହ ଆକାଶରେ ଦୁଇଟି ଧଳା ଗାର ପରି ଆସ୍ତରଣ ସୃଷ୍ଟି ହୋଇଥିଲା। ପୂର୍ବରୁ ମଧ୍ୟ ଏକାଧିକବାର ଏପରି ଶବ୍ଦ ଶୁଣିବାକୁ ମିଳିଥିଲା। କିଛିଦିନ ଅନ୍ତରରେ ବାରମ୍ବାର ଏପରି ପ୍ରଚଣ୍ଡ ଶବ୍ଦ ଆକାଶମାର୍ଗରୁ ଶୁଣାଯାଉଥିଲେ ମଧ୍ୟ କେଉଁଠୁ ଏ ଶବ୍ଦ ଆସୁଛି, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରୁନାହିଁ।

## ପ୍ରଥମ ପୃଷ୍ଠାରୁ...

### ମ୍ୟାନ୍‌ମାରରେ...

ପାଇଁ ଉଦ୍ୟମ ଚାଲିଛି। ସୀମାନ୍ତ ଚାଇନାର ୟୁନାନ୍ ପ୍ରଦେଶରେ ଅପରାହ୍ନ ୨ଟା ୨୦ ମିନିଟ୍‌ରେ ଭୂକମ୍ପ ଝଟକା ଅନୁଭୂତ ହୋଇଛି। ଏଥିରେ ଅନେକେ ଆହତ ହୋଇଛନ୍ତି। ସେହିପରି ମେଘାଳୟର କେତେକ ସ୍ଥାନରେ ୪.୦ ତୀବ୍ରତାର ଝଟକା ଅନୁଭୂତ ହୋଇଛି। ତେବେ ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି।

### ପ୍ରଦୀପ ଜେନା ....

ଖାଲି ପଡ଼ିଥିଲା। ସୁରେଶ ମହାପାତ୍ରଙ୍କୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମୁଖ୍ୟ ପରାମର୍ଶଦାତା ଭାବେ ନିଯୁକ୍ତ କରିବା ପରେ ସେ ଓଇଆର୍‌ସି ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ୧୯୮୯ ବ୍ୟାଚ୍ ଆଇଏଏସ୍ ଅଫିସର ପ୍ରଦୀପ ଜେନା ୨୦୨୩ ଫେବୃଆରୀ ୨୬ରେ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ପାଇଥିଲେ। ୨୦୨୪ ଜୁନ୍ ୩୦ରେ ସେ ଏହି ପଦରୁ ଅବସର ଗ୍ରହଣ କରିଥିଲେ। ମୁଖ୍ୟ ଶାସନ ସଚିବ ପଦରେ ରହିବା ପୂର୍ବରୁ ପ୍ରଦୀପ ରାଜ୍ୟ ସରକାରଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱରେ ମଧ୍ୟ ରହିଛନ୍ତି।

### ଓଏସ୍ଏସ୍‌ଟିଇଟି ...

ଓଏମ୍ଆର୍ ଶିଟ୍ ନକଲ ମଧ୍ୟ ସେହି ୱେବ୍‌ସାଇଟ୍‌ରୁ ଡାଉନ୍‌ଲୋଡ୍ କରିପାରିବେ। ଓଏମ୍ଆର୍ ଶିଟ୍‌ଗୁଡ଼ିକ ବୋର୍ଡ ୱେବ୍‌ସାଇଟ୍‌ରେ ମେ’ ୭ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ରହିବ। ସୂଚନାଯୋଗ୍ୟ, ଓଏସ୍ଏସ୍‌ଟିଇଟି ପରୀକ୍ଷା ୨୦୨୫ ଜାନୁଆରୀ ୧୭ ତାରିଖରେ ଅନୁଷ୍ଠିତ ହୋଇଥିଲା। ମୋଟ ୫୦,୫୮୮ ଜଣ ପ୍ରାର୍ଥୀ ପରୀକ୍ଷା ଦେବା ନିମନ୍ତେ ଫର୍ମପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୪୮,୦୦୨ ଜଣ ପରୀକ୍ଷା ଦେଇଥିଲେ।

### ଅନ୍‌ଲାଇନ ବେଟିଂରେ ...

ମୋବାଇଲ ଆପ୍‌ର ମ୍ୟାନେଜରଙ୍କ ଫୋନ୍ ଆସିଥିଲା। ସେ ଉକ୍ତ ଟଙ୍କା ଓ ମହିନ୍ଦ୍ରା କାର୍ ଗାଡ଼ି ଜିତିଥିବା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, କାନପୁର ବୃହତ୍ ନଦୀବନ୍ଧ ଯୋଜନାରେ ଗୁରୁଚରଣ ଜଣେ ବିସ୍ଥାପିତ। ଏହି ଟଙ୍କା ପାଇବା ପରେ ସେ ଓ ତାଙ୍କ ପରିବାର ଖୁସିରେ ଆତ୍ମବିଭୋର ହୋଇଯାଇଛନ୍ତି।

### ସୁନା ୯୨ ହଜାର ...

ସୁନା ଦର ଶୁକ୍ରବାର ୧,୧୦୦ ଟଙ୍କା ବଢ଼ି ୯୧,୭୦୦ ଟଙ୍କା ହୋଇଛି, ଯାହାକି ସର୍ବକାଳୀନ ରେକର୍ଡ। ଦିନକ ପୂର୍ବରୁ ଏହି ସୁନା ଦର ୯୦,୬୦୦ ଟଙ୍କା ରହିଥିଲା। ବୈଶ୍ୱିକ ସ୍ତରରେ ବାଣିଜ୍ୟ ଯୁଦ୍ଧ ଆଶଙ୍କା ଏବଂ ଆର୍ଥିକ ବିକାଶ ଉପରେ ଏହାର ପ୍ରଭାବକୁ ନେଇ ସୁନା ଦର ବଢ଼ିଚାଲିଥିବା କୁହାଯାଉଛି। ସେହିପରି ରୁପା ଦର ମଧ୍ୟ ୧,୩୦୦ ଟଙ୍କା ବୃଦ୍ଧି ପାଇ କିଲୋଗ୍ରାମ ପ୍ରତି ଦର ୧,୦୩,୦୦୦ ଟଙ୍କା ହୋଇଛି। ଗୁରୁବାର ରୁପା ଦର ୧,୦୧,୭୦୦ ଟଙ୍କା ରହିଥିଲା। ଗତ ୧୯ ତାରିଖରେ ରୁପା ଦର ସର୍ବାଧିକ ୧,୦୩,୫୦୦ ଟଙ୍କାରେ ପହଞ୍ଚିଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ ସ୍ଥଗିତ କାମ ଓ ବିବାଦର ସମାଧାନ ପାଇଁ ବ୍ୟଗ୍ରତା ବୃଦ୍ଧି ପାଇବ। ବ୍ୟବସାୟ, ବାଣିଜ୍ୟ, ପରିବହନ, ଆନୁଷ୍ଠାନିକ କାମ ସାଧନ ପାଇଁ କୌଣସି ଅସୁବିଧା ହେବନାହିଁ। ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ସତର୍କତାର ସହିତ କିଛି କହିବା କିମ୍ବା କରିବା ଭଲ ହେବ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି।

**ବୃଷ** ଅନଧିକାର ଚର୍ଚ୍ଚାପୂର୍ବକ କାହାକୁ କିଛି ଉପଦେଶ ଦେଲେ ସେହି ବ୍ୟକ୍ତି ତାହାକୁ ଭୁଲ୍ ବୁଝିପାରେ। କର୍ମକ୍ଷେତ୍ରକୁ ଯିବା ରାସ୍ତାରେ ଅଜଣା ବ୍ୟକ୍ତି ଦ୍ୱାରା ଅସମ୍ମାନିତ ହୋଇପାରନ୍ତି। କୌଣସି ନୂଆ କାମର ପ୍ରସ୍ତାବକୁ ଅନ୍ୟମାନେ ଦୃଢ଼ ସମର୍ଥନ ଜଣାଇବେ। ପ୍ରଶାସନ, ସାହିତ୍ୟ ଓ ସାମ୍ବାଦିକତା, ରାଜନୀତି ଓ ସଂଗଠନ ପାଇଁ ଭଲ।

**ମିଥୁନ** ଆଜି ଯାହା କରିବା ପାଇଁ ମନସ୍ଥ କରିଛନ୍ତି ସେଥିରେ କୌଣସି ଅସୁବିଧା ହେବନାହିଁ। ଦରକାରୀ କାମରେ ଦୂରସ୍ଥାନକୁ ପଠାଇଥିବା ବନ୍ଧୁଙ୍କ ଫେରିବା ବାଟକୁ ଚାହିଁ ବ୍ୟସ୍ତ ହୋଇପାରନ୍ତି। ବ୍ୟବସାୟ କିମ୍ବା ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ଅଶାନ୍ତିର କାରଣ ହେବ। ପରିବାରର ଦୈନନ୍ଦିନର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବ।

**କର୍କଟ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଥିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ନିଜର ଅବହେଳା ଓ ଅଳସୁଆମି ହେତୁ କାମଗୁଡ଼ିକ ଧିମେଇ ଯାଇପାରେ। ଅର୍ଥର ଅଭାବ ନଥିଲେ ମଧ୍ୟ ହାତ ଖୋଲାକରି ଖର୍ଚ୍ଚ କରିପାରିବେ ନାହିଁ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବନାହିଁ।

**ସିଂହ** ରାଜନୈତିକ କ୍ଷେତ୍ରରେ ଆଲୋଚନା ମୁତାବକ କାମ ମଧ୍ୟ ଆରମ୍ଭ କରି ଦେଇ ପାରନ୍ତି। ନିରପେକ୍ଷତା ଅବଲମ୍ବନ ନ କଲେ ଘରେ ହେଉ କିମ୍ବା କର୍ମକ୍ଷେତ୍ରରେ ହେଉ ସମାଲୋଚିତ ହେବାକୁ ପଡିବ। ଦେହ ଭଲ ରହିବ, ମାତ୍ର ଦୁର୍ବଳତାଜନିତ କ୍ଳାନ୍ତିବୋଧ କରିବେ। ପରିବାରରେ ପରସ୍ପରକୁ ଦୋଷ ଦେଇ ଅଶାନ୍ତ ପରିସ୍ଥିତି ସୃଷ୍ଟି କରିପାରନ୍ତି।

**କନ୍ୟା** ଚେଷ୍ଟା କରୁଥିବା କାମ ସମ୍ପନ୍ନ ନ ହେବାରୁ ସାମୟିକ ବିରକ୍ତି ହୋଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାର ମୁକାବିଲା କରିବା ସକାଶେ ପ୍ରଚଳିତ ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିବ। ପାରିବାରିକ ଅସନ୍ତୁଳନ କାରଣରୁ ଟେନସନ୍ କିଛି ମାତ୍ରାରେ ଲାଗିରହିବ। ସକାଳୁ ସକାଳୁ ସହକର୍ମୀଙ୍କ ସହ ଆଲୋଚନା ମନକୁ ଖୁସି କରାଇପାରେ।

**ତୁଳା** ସମ୍ପର୍କୀୟ କେତେକ ବ୍ୟକ୍ତି ଆଗରେ ନ ହେଲେ ମଧ୍ୟ ପଛରେ ବିଭିନ୍ନ ବିରୋଧ କଥା କହିପାରନ୍ତି। ପରିବାର ଭିତରେ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ପାରସ୍ପରିକ ସହାନୁଭୂତି ପାଇବାକୁ ମିଳିବ ନାହିଁ। ବ୍ୟବସାୟରେ ଲାଭ କମ୍ ମିଳିଲେ ମଧ୍ୟ ଆଗାମୀ କ୍ଷେତ୍ର ପ୍ରସ୍ତୁତ ହୋଇ ରହିବ। ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହେବାକୁ ପଡ଼ିପାରେ।

**ବିଛା** କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ବନ୍ଧୁଙ୍କ ସହଯୋଗ ଆଶା କରିବେ। ପରୋକ୍ଷ ଶତ୍ରୁତା କରୁଥିବା ବ୍ୟକ୍ତିଙ୍କ ଅପମାନଜନକ ସ୍ଥିତିରୁ ଖସି ଯାଇପାରନ୍ତି। ଉଚ୍ଚ ପଦାଧିକାରୀ ସହଯୋଗର ପ୍ରତିଶ୍ରୁତି ଦେବେ। ଶିଳ୍ପ, ବାଣିଜ୍ୟ, ପରିବହନ, ରାଜନୀତି, କଳା ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରୁ ଶୁଭଫଳ ମିଳିବ।

**ଧନୁ** ନିକଟ ସମ୍ପର୍କୀୟଙ୍କ ସାହାଯ୍ୟ ପ୍ରାପ୍ତି ସକାଶେ ମନ ଭୁଲାଣିଆ କଥାର ଆଶ୍ରୟ ନେଇପାରନ୍ତି। ଆନୁଷ୍ଠାନିକ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବ। ଅପ୍ରିୟ ସତକଥା କହି ବନ୍ଧୁଗହଣରେ ଅପମାନିତ ହେବାକୁ ପଡ଼ିପାରେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବା ସକାଶେ ଆହୂତ ହୋଇପାରନ୍ତି।

**ମକର** ଚେଷ୍ଟା ଅବ୍ୟାହତ ରଖିଲେ ସମସ୍ୟା ସମାଧାନ ସହ ଆଶା ପୂରଣ ହେବ। କର୍ମକ୍ଷେତ୍ରରେ ଅବହେଳାରୁ ସୁଯୋଗ ହାତଛଡ଼ା ହୋଇପାରେ। ଆଜି ଆକସ୍ମିକ ଭାବରେ ପରିବାରରେ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ଦେବାର ଆଶଙ୍କା ରହିଛି। ବ୍ୟବସାୟ ଓ ବାଣିଜ୍ୟ ପାଇଁ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବାର ସୂଚନାକୁ ଏଡି ହେବ ନାହିଁ।

**କୁମ୍ଭ** କୌଣସି କାମ ସହଜ ଓ ସୁବିଧାରେ ହୋଇ ନ ପାରିବା କାରଣରୁ ମନ ସଦାସର୍ବଦା ବିଷାଦଗ୍ରସ୍ତ ରହିବ। ପରିବାରର ସାଧାରଣ କଥାକୁ ବଡ଼ ଆକାରରେ ଚିନ୍ତା କରି ବେଶି ବ୍ୟସ୍ତ ହେବେ। ଫେରିବା ରାସ୍ତାରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। କଳା, ସାହିତ୍ୟ, ସାମ୍ବାଦିକତା, ଏଜେନ୍ସିରେ ପ୍ରଶଂସିତ ହେବେ।

**ମୀନ** କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ। ପରୋକ୍ଷ ଶତ୍ରୁତା ମନୋଭାବରୁ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ଦୀର୍ଘ ଦିନ ହେଲା ଚାଲିଥିବା ମକଦ୍ଦମାର ଫଇସଲା ସମ୍ଭାବନା ରହିଛି। ସାମାଜିକ ସ୍ତରରେ ବୁଝାମଣା ଓ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

ଆଜି ମାର୍ଚ୍ଚ ୨୯ ତାରିଖ, ଆର୍ଥ ଆୱାର ଦିବସ, ଶହୀଦ ଲକ୍ଷ୍ମଣ ନାୟକଙ୍କ ଫାଶୀ ଦିବସ, ଚୈତ୍ର ଅମାବାସ୍ୟା ଯୁକ୍ତ ପ୍ରତିପଦା ଶନିବାର। ବାସନ୍ତିକ ନବରାତ୍ର ଆରମ୍ଭ, ଅଦ୍ୟ ମୀନ ରାଶିକୁ ଶନି ଚଳନ, ରାଶିନକ୍ଷତ୍ର- ଉତ୍ତରଭାଦ୍ର/ମୀନ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଏବଂ ପ୍ରତିପଦାର ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୨୦ ଗତେ, ଘ.୦।୦୪ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୪୯ ଗତେ ଘ.୧୦।୨୦ ମଧ୍ୟେ ରାହୁକାଳ।

### ଚେନ୍ ଲୁଟ୍‌ବେଳେ ମହିଳା-ଲୁଟେରା ମୁହାଁମୁହିଁ

**ବାଲିଅନ୍ତା,(ନୀଳମାଧବ ସାହୁ):** ପାହାଲ ଥାନା ଅନ୍ତର୍ଗତ ହଂସପାଳ-ବାଲିଅନ୍ତା ପୁରୀ ମୁଖ୍ୟ କେନାଲ ବନ୍ଧ ରାସ୍ତାର ଅଟାଳାଗଡ଼ାଠାରେ ସକାଳ ୬ଟାରେ ମର୍ଣ୍ଣିଂ ୱାକ୍ କରୁଥିବା ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍ ଉଦ୍ୟମ ହୋଇଛି। ମହିଳା ଜଣକ ଲୁଟେରାଙ୍କ ସହ ମୁହାଁମୁହିଁ ହେବାରୁ ୨ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି। ତେବେ ଚେନ୍ ଛଡ଼ାଇବା ବେଳେ ରାସ୍ତାରେ ପଡ଼ି ମହିଳା ସାମାନ୍ୟ ଆହତ ହୋଇଛନ୍ତି। ମହିଳାଙ୍କ ପରିଚୟ ମିଳିପାରି ନ ଥିବାବେଳେ ସେ ସ୍ଥାନୀୟ ଏକ ଆପାର୍ଟମେଣ୍ଟରେ ରହୁଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

## ସଂକ୍ଷେପରେ

### ରଥଦାଣ୍ଡ ପାର୍କିଂ ସମସ୍ୟା ନେଇ ଜନସ୍ୱାର୍ଥ ମାମଲା

ପୁରୁଣା ଭୁବନେଶ୍ୱର,୨୮।୩(ସୁବାସ ଚନ୍ଦ୍ର ପ୍ରଧାନ)

ଶ୍ରୀଲିଙ୍ଗରାଜ ମନ୍ଦିର ଉତ୍ତର ଦ୍ୱାରଠାରୁ ମାଉସୀମା ମନ୍ଦିର ପର୍ଯ୍ୟନ୍ତ ପାର୍କିଂ ସମସ୍ୟାକୁ ନେଇ ଆଇନଜୀବୀ ଅନିନ୍ଦିତା ପୁରୋହିତଙ୍କ ପକ୍ଷରୁ ଜନସ୍ୱାର୍ଥ ମାମଲା (ନଂ. ୭୫୮୪/୨୦୨୫) ରୁଜୁ ହୋଇଛି। ଏହାର ବିଚାର କରି ଉଚ୍ଚ ନ୍ୟାୟାଳୟ ଗତ ୨୬ତାରିଖରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଉପାଧ୍ୟକ୍ଷଙ୍କୁ ନୋଟିସ ଜାରି କରିବାକୁ ଆଦେଶ ଦେଇଛନ୍ତି। ପ୍ରକାଶ ଯେ, ଆବାସିକ ଗୃହରେ ବେଆଇନଭାବେ ଗଢ଼ିଉଠିଥିବା ବ୍ୟବସାୟ ପ୍ରତିଷ୍ଠାନଗୁଡିକର ଟ୍ରେଡ ଲାଇସେନ୍ସ ବାତିଲ କରିବା, ବ୍ୟବସାୟ ପ୍ରତିଷ୍ଠାନ ସିଲ୍ କରିବା ସହ ଉଚ୍ଛେଦ କରିବାକୁ ଉକ୍ତ ଜନସ୍ୱାର୍ଥ ମାମଲା ଦାୟର କରାଯାଇଛି। ଏହି ଦେଢ଼ କି.ମି. ବିଶିଷ୍ଟ ରଥଦାଣ୍ଡର ଉଭୟ ପାର୍ଶ୍ୱରେ ଥିବା ବହୁ ବ୍ୟାଙ୍କ, ସ୍କୁଲ, କ୍ଲିନିକ ଓ ମାର୍କେଟ କମ୍ପ୍ଲେକ୍ସ ବିଡିଏ ଏବଂ ବିଏମ୍‌ସି ପ୍ଲାନ ଅନୁମୋଦିତ ନ ଥାଇ ଗଢ଼ିଉଠିଥିବାବେଳେ ସେଠାରେ ପାର୍କିଂ ବ୍ୟବସ୍ଥା ନାହିଁ।

### ଦୋକାନୀଙ୍କୁ ଆକ୍ରମଣ କରି ଲୁଟ୍, ୪ ଗିରଫ

ଭୁବନେଶ୍ୱର,୨୮।୩(ସୂର୍ଯ୍ୟକାନ୍ତ ବେହେରା)

ନୟାପଲ୍ଲୀ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ପାର୍ଶ୍ୱରେ ବ୍ୟବସାୟ କରୁଥିବା ଜଣେ ଦୋକାନୀଙ୍କୁ ବେସ୍‌ବଲ୍ ଷ୍ଟିକ୍ ଓ ଲୁହାରଡରେ ଆକ୍ରମଣ କରି ଟଙ୍କା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ଦୋକାନୀ ଗଞ୍ଜାମର ମନୋଜ ବେହେରାଙ୍କ ଅଭିଯୋଗ ଆଧାରରେ ପୋଲିସ ୪ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ସାଲିଆସାହିରେ ରହୁଥିବା ଗଞ୍ଜାମର ଆୟ ରେଡ୍ଡୀ ଓରଫ ସତ୍ୟ, ଦେବ ରେଡ୍ଡୀ ଓରଫ ପାଣ୍ଡି, ବାବୁଲା ସେଠୀ ଓ ସାଗର ରେଡ୍ଡୀ। ସେମାନଙ୍କଠାରୁ ଅପରାଧରେ ବ୍ୟବହୃତ ବେସ୍ ବଲ ଷ୍ଟିକ୍, ରଡ୍ ଓ ୫ ହଜାର ଟଙ୍କା ଜବତ ହୋଇଛି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ନୟାପଲ୍ଲୀ ଥାନାରେ ଆପରାଧିକ ମାମଲା ରହିଛି।

### ମହିଳାଙ୍କୁ ଅସଦାଚରଣ, ଆକ୍ରମଣ

ପୁରୁଣା ଭୁବନେଶ୍ୱର,୨୮।୩(ସୁବାସ ଚନ୍ଦ୍ର ପ୍ରଧାନ)

ଶ୍ରୀଲିଙ୍ଗରାଜ ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଅସଦାଚରଣ ସହ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ସମ୍ପୃକ୍ତ ମହିଳାଙ୍କ ହାତ ଭାଙ୍ଗିଯାଇଛି। ଆକ୍ରମଣକାରୀ ଦୁଇଭାଇଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ବେଳେ ମାମଲା ପ୍ରତ୍ୟାହର ସହ ଆପୋଷ ସମାଧାନ ପାଇଁ ଚାପ ପକାଯାଉଛି ବୋଲି ସମ୍ପୃକ୍ତ ମହିଳା ଜଣଙ୍କ କହିଛନ୍ତି।

# ବିଏମ୍‌ସିର ୨୨ ୟୁପିଏଚ୍‌ସି, ୪ ୟୁସିଏଚ୍‌ସିକୁ 'କାୟାକଳ୍ପ ପୁରସ୍କାର'

ଭୁବନେଶ୍ୱର, ୨୮।୩ (ବନ୍ଦନା ସେଠୀ)

**ସତ୍ୟନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଜିଲାରେ ଶ୍ରେଷ୍ଠ**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଧୀନରେ ଥିବା ମୋଟ ୨୨ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ୟୁପିଏଚ୍‌ସି)କୁ 'କାୟାକଳ୍ପ ପୁରସ୍କାର' ମିଳିଛି। ସେଗୁଡିକ ମଧ୍ୟରେ ଭରତପୁର, ସତ୍ୟନଗର, ବ୍ରହ୍ମେଶ୍ୱର ପାଟଣା, ଚନ୍ଦ୍ରଶେଖରପୁର, ଗାଡକଣ, ଘାଟିକିଆ, ଆଇଆର୍‌ସି ଭିଲେଜ, ଝାରପଡା, କଳ୍ପନା, କପିଳ ପ୍ରସାଦ, ନହରକଣ୍ଟା, ନୀଳାଦ୍ରିବିହାର, ପାହାଳ, ପୋଖରୀପୁଟ, ରସୁଲଗଡ, ଶହୀଦନଗର, ସାମନ୍ତରାପୁର, ବରମୁଣ୍ଡା, ଶିଖରଚଣ୍ଡୀ, ୟୁନିଟ୍-୩, ୟୁନିଟ୍-୯ ଏବଂ ୟୁନିଟ୍-୮ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ସେହିପରି ୪ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ୟୁସିଏଚ୍‌ସି) ଯଥା ଡୁମୁଡୁମା, ପଟିଆ, ୟୁନିଟ୍-୪ ଏବଂ ବିଏମ୍‌ସି ହସ୍ପିଟାଲକୁ 'କାୟାକଳ୍ପ ପୁରସ୍କାର' ମିଳିଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଡାକ୍ତରଖାନାରେ ପରିଷ୍କାର ପରିଚ୍ଛନ୍ନତା, ସୁବ୍ୟବସ୍ଥିତ ଚିକିତ୍ସା ବ୍ୟବସ୍ଥା, ସଂକ୍ରମଣ ନିୟନ୍ତ୍ରଣ, ଡାକ୍ତରଖାନା ବାହାରେ ବା ଗୋଷ୍ଠୀରେ ସେବା ପ୍ରଦାନ, ପାନୀୟ ଜଳ ବ୍ୟବସ୍ଥା, ପରିମଳ ଓ ସ୍ୱାସ୍ଥ୍ୟ ରକ୍ଷା, ବର୍ଜ୍ୟ ପରିଚାଳନା, ଆନୁସଙ୍ଗିକ ସେବା ଆଦିକୁ ବିଚାରକୁ ନେଇ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ପୁରସ୍କାର ବାବଦରେ ପ୍ରତ୍ୟେକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ୫୦ହଜାର ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୧ଲକ୍ଷ ଟଙ୍କା ସହ ମାନପତ୍ର ପ୍ରଦାନ କରାଯିବ। ସେହିପରି ଚଳିତବର୍ଷ ସତ୍ୟନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମଗ୍ର ଜିଲାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବାରୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଏଥିପାଇଁ ସତ୍ୟନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ୨ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ପାଇବା ନେଇ ମେୟର ସୁଲୋଚନା ଦାସ ଏବଂ କମିଶନର ରାଜେଶ ପ୍ରଭାକର ପାଟିଲ ସୂଚନା ଦେବା ସହ ଖୁସିବ୍ୟକ୍ତ କରିଛନ୍ତି। ବିଏମ୍‌ସିର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର 'କାୟାକଳ୍ପ ପୁରସ୍କାର' ପାଇଥିବାରୁ ସମସ୍ତ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଏବଂ ନାଗରିକମାନଙ୍କୁ ସାଧୁବାଦ ଜଣାଇଛନ୍ତି। ପରିମଳ କର୍ମୀ, ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ସମୀକ୍ଷା ଓ ପରିଚାଳନା ଅଧିକାରୀଙ୍କ ସହଯୋଗ ଏବଂ ନିରନ୍ତର ପରିଶ୍ରମ କାରଣରୁ ବିଏମ୍‌ସିର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ପୁରସ୍କୃତ ହୋଇଥିବା କହିଛନ୍ତି। ଅତିରିକ୍ତ କମିଶନର (ସ୍ୱାସ୍ଥ୍ୟ) ଶୁଭେନ୍ଦୁ କୁମାର ସାହୁ ଧନ୍ୟବାଦ ଜଣାଇଛନ୍ତି।



ପଦାମୃତ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଶୁକ୍ରବାର ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ତୃତୀୟ ଉର୍ଜା ନୃତ୍ୟ ମହୋତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ନୃତ୍ୟଶିଳ୍ପୀ।

## ଶିକ୍ଷକ, ଶିକ୍ଷା କର୍ମଚାରୀଙ୍କ ସମସ୍ୟା ନେଇ ଆଲୋଚନା

ଭୁବନେଶ୍ୱର,୨୮।୩(ସୁଚିସ୍ମିତା ସାହୁ)

ଶିକ୍ଷକ, ଶିକ୍ଷା କର୍ମଚାରୀଙ୍କ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଗଠିତ ମନ୍ତ୍ରୀ ଓ ବିଧାୟକସ୍ତରୀୟ କମିଟି ବୈଠକରେ ଶନିବାର ଆଲୋଚନା ହୋଇଛି। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ଆଲୋଚନାରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ସଭାପତି ସୁକାନ୍ତ କୁମାର ବେହେରା ଓ ଆବାହକ ରଞ୍ଜନ କୁମାର ଦାଶଙ୍କ ନେତୃତ୍ୱରେ ୭ ସଙ୍ଗଠନର କର୍ମକର୍ତ୍ତାଙ୍କୁ ନେଇ ଏକ ସାତ ଜଣିଆ ପ୍ରତିନିଧି ଦଳ ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ସମ୍ପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦାବି ଗୁଡ଼ିକ ମଧ୍ୟରେ ୨୦୧୩ ଅନୁଦାନ ଆଇନ୍‌ରୁ ବାଦ୍ ପଡ଼ିଥିବା ୧୯୪ଟି ଅନୁଦାନ ଯୋଗ୍ୟ ବିଦ୍ୟାଳୟ, ୪୧ଟି ସଂସ୍କୃତ ଟୋଲ, ୨୮ଟି ନିମ୍ନ ମାଧ୍ୟମିକ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ ଏବଂ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଅବସର ନେଇଥିବା ଓ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ପାଇଁ ଚାକିରୀ ସର୍ତ୍ତାବଳୀ ସହିତ ପେନ୍‌ସନ୍ ଓ ଅବସରକାଳୀନ ସୁବିଧା ଏବଂ ଏହି ବିଦ୍ୟାଳୟଗୁଡ଼ିକରେ ଖାଲିଥିବା ପଦବୀଗୁଡ଼ିକର ନିଯୁକ୍ତି ପ୍ରଦାନ ଭଳି ଦାବି ଉପରେ ଆଲୋଚନା କରିଥିଲେ।

## ଓଡ଼ିଶା ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘର ଆନ୍ଦୋଳନ ପ୍ରତ୍ୟାହୃତ

ଭୁବନେଶ୍ୱର,୨୮।୩(ସୁଚିସ୍ମିତା ସାହୁ)

ଓଡ଼ିଶା ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ଗତ ବୁଧବାରଠାରୁ ଚାଲିଥିବା ଆନ୍ଦୋଳନ ଶୁକ୍ରବାର ପ୍ରତ୍ୟାହୃତ ହୋଇଛି। ବିଧାନସଭା ପରିସରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଗଠିତ ମନ୍ତ୍ରିମଣ୍ଡଳୀୟ କମିଟି ସହ ମହାସଂଘର ୧୦ ଜଣିଆ ପ୍ରତିନିଧି ମଣ୍ଡଳୀ ଆଲୋଚନା କରିଥିଲେ। ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, ଆଉଟ୍‌ସୋର୍ସିଂରେ ଥିବା ଡେଲି ୱେଜେସ୍ କର୍ମଚାରୀଙ୍କୁ ଆଉଟ୍‌ସୋର୍ସିଂ କର୍ମଚାରୀ ଭାବେ ବିଚାର୍‌କରିବା ଏବଂ ସ୍ଥାୟୀକରଣ କରିବା ଆଦି ୩ଟି ପ୍ରମୁଖ ଦାବି ଉପସ୍ଥାପନ କରିଥିଲେ। ସରକାର ଦାବିଗୁଡିକ ଉପରେ ତୁରନ୍ତ ବିଚାରକରିବେ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ସରକାରଙ୍କ ଉପରେ ଆସ୍ଥା ପ୍ରକଟକରି ମହାସଂଘର ଆନ୍ଦୋଳନକୁ ସାମୟିକ ପ୍ରତ୍ୟାହାର କରାଗଲା ବୋଲି ଅଧ୍ୟକ୍ଷ ପ୍ରଭାତ ମହାନ୍ତି ଓ ସଭାପତି ସଞ୍ଜୟ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ମହାସଂଘର ସାଧାରଣ ସମ୍ପାଦକ ମାନସ ରଞ୍ଜନ ଦାଶ, ମହାସଚିବ ହେମନ୍ତ ବସ୍ତିଆ, ଉପସଭାପତି ଗୌତମ ମହାରଣା, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ ସମ୍ପାଦକ ଦୀପକ ପାଣି, ସେହେଜୁର ରେହେମାନ ଓ ବରଗଡ ଜିଲା ସଭାପତି ରାକେଶ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

### ସ୍କୁଟିକୁ ପଛରୁ ଧକ୍କା ଦେଲା ହାଇୱା: ଜଣେ ମୃତ, ଜଣେ ଗୁରୁତର

ଭୁବନେଶ୍ୱର,୨୮।୩ (ସୂର୍ଯ୍ୟକାନ୍ତ ବେହେରା)

ଖଣ୍ଡଗିରି ଥାନା ଅନ୍ତର୍ଗତ ପାତ୍ରପଡାଠାରେ ଗୁରୁବାର ଏକ ସଡକ ଦୁର୍ଘଟଣା ଘଟିଛି। ଚଳନ୍ତା ସ୍କୁଟି ପଛକୁ ଏକ ହାଇୱା ଧକ୍କା ଦେବାରୁ ସେଥିରେ ଯାଉଥିବା ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତ ଯୁବକ ହେଲେ କେନ୍ଦ୍ରାପଡା ମହାକାଳପଡା କନ୍ତିଆପାଳ ଅଞ୍ଚଳର ଦେବ ପ୍ରକାଶ ରାଉତ (୩୪)। ଗୁରୁତର ଯୁବକ ସେହି ଗ୍ରାମର ସରୋଜ ଭୋଳ। ଦୁର୍ଘଟଣା ପରେ ହାଇୱା ଚାଳକ ଗାଡି ଛାଡି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାରୁ ପୋଲିସ ହାଇୱାକୁ ଜବତ କରିବା ସହ ଚାଳକଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି।

ସୂଚନା ଅନୁସାରେ, ଗୁରୁବାର ରାତି ପ୍ରାୟ ୧୨ଟାରେ ଦେବ ଓ ସରୋଜ ସ୍କୁଟିରେ ଖଣ୍ଡଗିରିରୁ ତମାଣ୍ଡୋ ଆଡକୁ ଯାଉଥିଲେ। ସମାନ ଦିଗରୁ ଏକ ଦ୍ରୁତଗାମୀ ହାଇୱା ପଛରୁ ଧକ୍କା ଦେବା ପରେ ସ୍କୁଟି ସହ ଦେବ ଓ ସରୋଜଙ୍କୁ କିଛି ବାଟ ଘୋଷାରି ନେଇଥିଲା। ରାସ୍ତାରେ ଯାଉଥିବା କେତେଜଣ ଲୋକ ଟ୍ରକ୍‌କୁ ଅଟକାଇ ଥାନାକୁ ଖବର ଦେଇଥିଲେ। ଖଣ୍ଡଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ପଠାଇଥିଲେ। ହେଲେ ସେଠାରେ ଡାକ୍ତର ଦେବଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ସେଠାରେ ଦେବଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## ହୃଦୟ, ଫୁସ୍‌ଫୁସୀୟ ପୁନର୍ଜୀବନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ଭୁବନେଶ୍ୱର,୨୮।୩(ସୁଚିସ୍ମିତା ସାହୁ)

ଶ୍ରୀସତ୍ୟସାଇ ମହିଳା ମହାବିଦ୍ୟାଳୟ ପକ୍ଷରୁ 'ହୃଦୟ, ଫୁସ୍‌ଫୁସୀୟ ପୁନର୍ଜୀବନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ' (ସିପିଆର୍‌ଟି) ଶନିବାର ୟୁନିଟ୍-୩ସ୍ଥିତ ସାଇ ଜନନୀଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାରତୀୟ ରେଡ୍‌କ୍ରସ୍ ସୋସାଇଟିର ରାଜ୍ୟ ସମ୍ପାଦକ ଗଣେଶ ଚନ୍ଦ୍ର ପାତ୍ର ଯୋଗଦେଇ କାର୍ଡିଓ ପଲ୍ମୋନାରି ସମ୍ବନ୍ଧରେ ଆଲୋଚନା କରିବା ସହ ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଓଡ଼ିଶା ରାଜ୍ୟ ଶାଖାର ଯୁବ ରେଡ୍‌କ୍ରସ୍ ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା, ଶ୍ରୀସତ୍ୟସାଇ ସେବା ସଙ୍ଗଠନର ଜିଲା ସଭାପତି ପ୍ରତାପ ଚନ୍ଦ୍ର ପଣ୍ଡା ସିପିଆର୍ ପ୍ରଶିକ୍ଷଣରେ ଲୋକଙ୍କ ଜୀବନ ରକ୍ଷା ନିମନ୍ତେ ବିବିଧ ରଣନୀତି, ସାଧାରଣ ଆପାତ୍‌କାଳୀନ ଜୀବନ ସୁରକ୍ଷା କୌଶଳ, ପୁନର୍ଜୀବନ ପ୍ରୟାସରେ ସଙ୍ଗଠନର ସମନ୍ୱୟ ଶୃଙ୍ଖଳା ଆଦି ବହୁବିଧ ଦିଗ ଉପରେ ସଚେତନତାମୂଳକ ବାର୍ତ୍ତା ପ୍ରଦାନ କରିଥିଲେ। ଶ୍ରୀସତ୍ୟସାଇ ସେବା ସଙ୍ଗଠନର ରାଜ୍ୟ ସଭାପତି ଡ. ସତ୍ୟସ୍ୱରୂପ ପଟ୍ଟନାୟକ ଶିବିରକୁ ଉଦ୍‌ଘାଟନକରି ସ୍ୱାସ୍ଥ୍ୟ ଏବଂ ବିଜ୍ଞାନର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଦେବଯାନୀ ସିଂ ସ୍ୱାଗତ ଭାଷଣ ଓ ମହାବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ସୁନୀଲ କୁମାର ରଥ ଧନ୍ୟବାଦ ଦେଇଥିଲେ। ରାଜନୀତି ବିଭାଗର ବିଭାଗ ମୁଖ୍ୟ ଅଧ୍ୟାପିକା ଅର୍ପନା ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ରକ୍ତଦାନ ସମ୍ପର୍କରେ ସଚେତନ କରାଯାଇଥିଲା।

## ଆଜି ଭୁବନେଶ୍ୱର ବାର୍ ଆସୋସିଏଶନ ନିର୍ବାଚନ

ପୁରୁଣା ଭୁବନେଶ୍ୱର,୨୮।୩(ସୁବାସ ଚନ୍ଦ୍ର ପ୍ରଧାନ)

୨୦୨୫-୨୬ବର୍ଷ ପାଇଁ ବାର୍ ଆସୋସିଏଶନ ନିର୍ବାଚନ ଶନିବାର ଅନୁଷ୍ଠିତ ହେବ। ଏହିକ୍ରମରେ ଭୁବନେଶ୍ୱର ବାର୍ ଆସୋସିଏଶନର ନିର୍ବାଚନ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସକାଳ ୭ଟା ୩୦ରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଭୋଟିଂ ହେବ। ରାତି ୮ଟା ସୁଦ୍ଧା ଫଳାଫଳ ପ୍ରକାଶ ପାଇବ ବୋଲି ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ପଟ୍ଟନାୟକ କହିଛନ୍ତି। ଚଳିତ ବର୍ଷ ମୋଟ୍ ୨୨ଜଣ ପ୍ରାର୍ଥୀ ସେମାନଙ୍କ ଭାଗ୍ୟ ପରୀକ୍ଷା କରୁଛନ୍ତି। ସଭାପତି ପଦ ପାଇଁ ନନ୍ଦନନ୍ଦନ ଶତପଥୀ, ଅଶୋକ କୁମାର ପାତ୍ର ଓ ଅଶୋକ କୁମାର ଛୋଟରାୟ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ସମ୍ପାଦକ ପଦ ପାଇଁ ସତ୍ୟ ରଞ୍ଜନ ସେନାପତି ଏବଂ ମନୋଜ ନାୟକ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତେବେ ଉପସଭାପତି, ଯୁଗ୍ମ ସମ୍ପାଦକ, ସହ ସମ୍ପାଦକ, କୋଷାଧ୍ୟକ୍ଷ, କାର୍ଯ୍ୟନିର୍ବାହୀ ସଦସ୍ୟ ପଦ ପାଇଁ ମୋଟ୍ ୧୭ଜଣ ପ୍ରାର୍ଥୀ ଲଢୁଛନ୍ତି। ଅନ୍ୟପଟେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ଶେଷ କରିବାକୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଏନେଇ ସ୍ଥାନୀୟ ଥାନା ଏବଂ ଡିସିପିଙ୍କ କାର୍ଯ୍ୟାଳୟକୁ ଅବଗତି କରାଯାଇଛି ବୋଲି ନିର୍ବାଚନ ଅଧିକାରୀ ପଟ୍ଟନାୟକ କହିଛନ୍ତି।

## ପୂର୍ବତଟ ରେଳପଥର ରେକର୍ଡ: ୨୬୫.୬୨ କୋଟିର ସ୍କ୍ରାପ୍ ବିକ୍ରି

ଭୁବନେଶ୍ୱର,୨୮।୩(ଅନୁରାଧା ମହାରଣା)

ଆର୍ଥିକ ବର୍ଷ ୨୦୨୪-୨୫ ଶେଷ ହେବାର ୧୦ଦିନ ପୂର୍ବରୁ ପୂର୍ବତଟ ରେଳପଥ ମୋଟ ୨୬୫.୬୨ କୋଟି ଟଙ୍କାର ସ୍କ୍ରାପ ବିକ୍ରି କରି ରେକର୍ଡ କରିଛି। ରେଳପଥ ବୋର୍ଡ ଦ୍ୱାରା ଏହି ଆର୍ଥିକ ବର୍ଷରେ ୨୫୦ କୋଟି ଟଙ୍କାର ଲକ୍ଷ୍ୟଧାର୍ଯ୍ୟକୁ ମାର୍ଚ୍ଚ ୨୧ରେ ହାସଲ କରାଯାଇଛି। ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସ୍କ୍ରାପ ବିକ୍ରୟ ପ୍ରକ୍ରିୟାରେ ସାମିଲ ଥିବା ସମଗ୍ର ଟିମ୍‌କୁ ସେମାନଙ୍କ ଉଲ୍ଲେଖନୀୟ ପ୍ରୟାସ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ପ୍ରମୁଖ ମୁଖ୍ୟ ଭଣ୍ଡାର ପ୍ରବନ୍ଧକ ପ୍ରେମ ନାରାୟଣଙ୍କ ଦ୍ୱାରା ସ୍କ୍ରାପ୍ ବିକ୍ରୟ ବ୍ୟବସ୍ଥାର ଠିକ ମାର୍ଗଦର୍ଶନ ଏବଂ ନିରନ୍ତର ସମୀକ୍ଷା ଯୋଗୁ ଏହି ମାଇଲଖୁଣ୍ଟ ସମ୍ଭବ ହୋଇପାରିଛି। ଏହି ସଫଳତା ପୂର୍ବତଟ ରେଳପଥର ବିଭିନ୍ନ ରେଳମଣ୍ଡଳ ଯଥା ଖୋର୍ଦ୍ଧା ରୋଡ୍, ସମ୍ବଲପୁର, ୱାଲ୍‌ଟିୟର ଏବଂ ମଞ୍ଚେଶ୍ୱରର ରେଳଡ଼ବା ମରାମତି କାରଖାନାରେ ଥିବା ସ୍କ୍ରାପ ୟାର୍ଡରେ ଅନୁଷ୍ଠିତ ୨୦୪ଟି ନିଲାମ ତାରିଖ ମାଧ୍ୟମରେ ସମ୍ଭବ ହୋଇପାରିଛି। ବ୍ୟବହାର ଅନୁପଯୋଗୀ ହୋଇଥିବା ରୋଲିଂ ଷ୍ଟକ୍, ଲୋକୋମୋଟିଭ, କୋଚ୍ ଏବଂ ୱାଗନ, ସ୍କ୍ରାପ୍ ରେଳ, ରେଳଧାରଣାରେ ବ୍ୟବହୃତ ଅକାମୀ ଜିନିଷ ଏବଂ ୱାର୍କଶପ୍‌ରୁ ବାହାରିଥିବା ଅବ୍ୟବହୃତ ସ୍କ୍ରାପ୍ ଆଦି ବିକ୍ରୟ ହୋଇଛି। ଏହାସହିତ ଫେରସ, ନନ୍‌ଫେରସ ଏବଂ ଅଧାତୁ ସ୍କ୍ରାପ୍, ଅକାମି ଯନ୍ତ୍ରପାତି, ଯାନବାହନ ଏବଂ ଅଫିସ ଉପକରଣଗୁଡ଼ିକୁ ନିଲାମ କରାଯାଇଥିଲା।

## ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ପ୍ରତିବିମ୍ବ ଶିବିର ଉଦ୍‌ଯାପିତ

ଭୁବନେଶ୍ୱର,୨୮।୩(ସୁଚିସ୍ମିତା ସାହୁ)



ଓଡିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଦ୍ୱାରା ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଆରମ୍ଭ ହୋଇଥିବା ପ୍ରତିବିମ୍ବ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଷ୍ଠାନର ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡ. କାଳି ପ୍ରସାଦ ମିଶ୍ର ଯୋଗଦେଇ କହିଲେ, ଓଡିଶାର ବିଭିନ୍ନ କୋଣ ଅନୁକୋଣରେ ଲୁଚି ରହିଥିବା ଯୁବ ପ୍ରତିଭାଙ୍କୁ ଖୋଜି ବାହାର କରି ସେମାନଙ୍କୁ ଉତ୍ସାହିତ କରିବା ଲାଗି ଏହି ଶିବିରର ଆୟୋଜନ କରାଯାଇଛି। ଶିବିରରେ ୨୫ ଜିଲାରୁ ମୋଟ ୫୯୦ ଜଣ ସ୍କାଉଟ, ଗାଇଡ, ସ୍କାଉଟ୍ ମାଷ୍ଟର ଏବଂ ଗାଇଡ କ୍ୟାପଟେନ ଯୋଗଦେଇଥିଲେ। ଏହି ଅବସରରେ ପେପର କ୍ରାଫ୍ଟ, କ୍ଷୁଦ୍ର ନାଟକ, ଟେଷ୍ଟଫେଷ୍ଟ, ଦଳଗତ ନୃତ୍ୟ, ଯୋଗ, ଗୋଲ୍ଡେନ ଏରା ଅଫ୍ ବଲିଉଡ/ଓଲିଉଡ୍, କ୍ୟାମ୍ପଫାୟାର, ଏରୋବିକ, ଜୁମ୍ବା, ବକ୍ତୃତା, କୁଇଜ ଆଦି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ରାଜ୍ୟ ମୁଖ୍ୟ କମିଶନର ଡ. ମିଶ୍ର ମେଡାଲ, ମାନପତ୍ର ଓ ଫଳକ ଦେଇ ପୁରସ୍କୃତ କରିଥିଲେ।

## ଜାଲ୍ ନୋଟ୍ ର୍‍ୟାକେଟର ଖୋଳତାଡ଼ ପାଇଁ ଭଦ୍ରକ ଯିବ ପୋଲିସ ଟିମ୍

ଭୁବନେଶ୍ୱର,୨୮।୩ (ସୂର୍ଯ୍ୟକାନ୍ତ ବେହେରା)

**ଗିରଫ ନକଲି ଡିଏସ୍‌ପି, କନ୍‌ଷ୍ଟେବଲଙ୍କ କଳାକାରନାମାର ଗୁମର ଫିଟୁଛି**

ନିଜକୁ ଡିଏସ୍‌ପି ପରିଚୟ ଦେଇ ଠକେଇ କରୁଥିବା ଭଦ୍ରକର ମାନସ ସେନାପତି ଓ ତାଙ୍କ ସହଯୋଗୀ ଶହୀଦନଗର ଥାନା ପୋଲିସ ହାତରେ ଧରାପଡିବା ପରେ ଧୀରେ ଧୀରେ ସେମାନଙ୍କ କଳା କାର୍‌ନାମାର ଗୁମର ପଦାକୁ ଆସିବାରେ ଲାଗିଛି। ବିବାହ ବାହାନାରେ ଯୁବତୀଙ୍କୁ ପ୍ରଲୋଭିତ କରି ଠକେଇ, ଚାକିରି ଆଶାୟୀଙ୍କଠାରୁ ଟଙ୍କା ଠକେଇ ଘଟଣାର ତଦନ୍ତ ପରେ ଏବେ ଆରମ୍ଭ ହୋଇଛି ଜାଲ୍ ନୋଟ୍‌ର ଖୋଳତାଡ଼। ତାଙ୍କ ଗାଡିରୁ ମିଳିଥିବା ୧ଲକ୍ଷ ୯୩ ହଜାର ଟଙ୍କାର ଜାଲ୍ ନୋଟ୍ ଆସିଲା କେଉଁଠୁ? ମାନସ ନିଜେ ମେଶିନ ରଖି ଏସବୁ ଛାପୁଥିଲେ ନା ଅନ୍ୟ କେଉଁଠୁ ଆଣୁଥିଲେ? ଏଥିସହ ସେ ଏହି ନକଲି ନୋଟ୍ କେଉଁଠାରେ କାରବାର କରିଛନ୍ତି, ଏସବୁର ତଥ୍ୟ ଜାଣିବାକୁ କମିଶନରେଟ ପୋଲିସ ତଦନ୍ତକୁ ତ୍ୱରାନ୍ୱିତ କରିଛି। ମାନସଙ୍କ ନକଲି ନୋଟ୍ କାରବାର, ଠକେଇ ର୍‍ୟାକେଟ ସହ ଅନ୍ୟ ଆପରାଧିକ କାର୍ଯ୍ୟକଳାପ ନେଇ ଅଧିକ ତଥ୍ୟ ହାସଲ ଲାଗି କମିଶନରେଟ ପୋଲିସର ସ୍ୱତନ୍ତ୍ର ଟିମ୍ ଭଦ୍ରକ ଯିବ। ତେବେ ଇତିମଧ୍ୟରେ ଏହି କାରବାରରେ ଆଉ ୨ଜଣଙ୍କ ସମ୍ପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଛି। ଅନ୍ୟପକ୍ଷରେ ତଦନ୍ତବେଳେ ପୋଲିସକୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ଘଟଣାଦିନ ଜଣଙ୍କୁ କନ୍‌ଷ୍ଟେବଲ ଚାକିରି କରାଇଦେବା ପାଇଁ ଅଭିଯୁକ୍ତ ମାନସ ୨ ଲକ୍ଷ ଟଙ୍କା ନେଇଥିବା ଜଣାପଡ଼ିଛି। ଏନେଇ ମାନସଙ୍କୁ ରିମାଣ୍ଡରେ ଆଣି ଖୋଳତାଡ କରିବା ପାଇଁ ପୋଲିସ କୋର୍ଟରେ ଖୁବ୍‌ଶୀଘ୍ର ଆବେଦନ କରିବ। ଅନୁମତି ମିଳିବା ପରେ ତାଙ୍କୁ ରିମାଣ୍ଡରେ ଆଣି ଠକେଇ ର୍‍ୟାକେଟ ସମ୍ପର୍କରେ ଅଧିକ ତଥ୍ୟ ସହ ଜାଲ୍ ନୋଟ କାରବାରର କିଙ୍ଗ୍‌ପିନ ସମ୍ପର୍କରେ ସୂଚନା ମିଳିପାରିବ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନାନୁସାରେ, ଗତ ରବିବାର ବିଳମ୍ବିତ ରାତିରେ ଶହୀଦନଗର ଥାନା ଏସ୍‌ଆଇ ଜ୍ୟୋତିରଞ୍ଜନ ମହାନ୍ତି ଜଣେ ଥାନା କର୍ମଚାରୀଙ୍କ ସହ ଆଇଡିବିଆଇ ଛକରେ ବ୍ଲକିଂ ଚେକିଂ କରୁଥିବା ସମୟରେ ଅଭିଯୁକ୍ତ ମାନସ ଓ ତାଙ୍କ ସହଯୋଗୀ ତଥା ନକଲି କନ୍‌ଷ୍ଟେବଲ ଆଶିଷ ସ୍ୱାଇଁ ପୋଲିସ ହାତରେ ଧରାପଡିଥିଲେ।

## ଫଟୋରେ ଖବର




ଭୁବନେଶ୍ୱରକୁ ଜିଲା ଦାବି ନେଇ କଳ୍ପନା ଛକ ନିକଟ କୋର୍ଟ ସମ୍ମୁଖରେ ଓକିଲଙ୍କ ଦସ୍ତଖତ ଅଭିଯାନ।



ବିଶ୍ୱ ନାଟ୍ୟ ଦିବସ ଉପଲକ୍ଷେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟଠାରେ ଶୁକ୍ରବାର ପରିବେଷିତ ନାଟକ 'ଏଣ୍ଟୁଅ'ର ଏକ ଦୃଶ୍ୟ।

## ଜଳସେବା, ଅଂଶୁଘାତ ସଚେତନତା ଶିବିର

ସାଲେପୁର,(ଅରବିନ୍ଦ ଭୂୟାଁ) ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ଭାରତ ସ୍କାଉଟ୍ ଓ ଗାଇଡ୍ସ ପକ୍ଷରୁ ଜଳସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ. ସଙ୍ଗୀତା ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଏହି ଶିବିରକୁ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ.ସ୍ୱାତୀ ପଣ୍ଡା ଏବଂ ଶୈକ୍ଷିକ ଅଧିକାରୀ ଜୟନ୍ତୀବାଳା ପରିଜା ଉଦ୍‌ଘାଟନ କରିଥିଲେ। ରୋଭର ସ୍କାଉଟ୍ ଲିଡର ଅଶୋକ କୁମାର ନାୟକ ତଥା ରେଞ୍ଜର ସ୍ୱାତିମୁକ୍ତା ଷଡ଼ଙ୍ଗୀ ଶିବିରକୁ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଅଧାପକ ଡ. ଅସିତ୍ ପରିଜା, ନିରଞ୍ଜନ ବିଶ୍ୱାଳ, ସରୋଜ ବେହେରା, ଡ. ସୁଶାନ୍ତ କୁମାର ପାଢ଼ୀ, ଲ୍ୟୁଟନାଣ୍ଟ ଜୀବନଜ୍ୟୋତି ପଟ୍ଟନାୟକ, ନିତ୍ୟସୁନ୍ଦର ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

### ସଂକ୍ଷେପରେ

## ମେ’ ସୁଦ୍ଧା ସରିବ ଜାତୀୟ ରାଜପଥ କାର୍ଯ୍ୟ

ଚୌଦ୍ୱାର,୨୮।୩(ଆଶୁତୋଷ ଦାସ)

୫୫ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ୨୦୧୮ରୁ ଆରମ୍ଭ ହୋଇଥିଲେ ମଧ ଏପର୍ଯ୍ୟନ୍ତ ଶେଷ ହୋଇପାରି ନାହିଁ। ରାସ୍ତା କାମର ମନ୍ଥରତାକୁ ନେଇ ଚୌଦ୍ୱାର ଜାଗରଣ ମଞ୍ଚ ଓ ସ୍ଥାନୀୟ ଜନସାଧାରଣ ଅନେକ ସମୟରେ ଆନ୍ଦୋଳନ, ରାସ୍ତାରୋକୋ, ପ୍ରତିବାଦ ସଭା କରିଥିଲେ। ଫଳରେ କିଛିଦିନ ପାଇଁ ରାସ୍ତା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା। ହେଲେ ପୁନର୍ବାର କାମରେ ଶିଥିଳତା ଦେଖାଦେଇଥିଲା। ଏହାକୁ ନେଇ ଚୌଦ୍ୱାର ଅଞ୍ଚଳର ସୂଚନା ଅଧିକାର କର୍ମୀ ମନୋଜ ସାହୁ ଓ ଶ୍ରୀକାନ୍ତ ପାକଳ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ । ହାଇକୋର୍ଟ ଏହି ମାମଲାରେ ଶୁଣାଣିକରି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଗତ ୨୬ ତାରିଖ ସୁଦ୍ଧା ରାସ୍ତା କାମ ଶେଷ ହେବାର ଠିକ୍ ତାରିଖ ସତ୍ୟପାଠ ମାଧ୍ୟମରେ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଆସନ୍ତା ମେ’ ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ସତ୍ୟପାଠରେ ଜଣାଇଥିବା ଜଣାପଡ଼ିଛି ।

## ବଳାତ୍କାର ଅଭିଯୋଗ: ଶ୍ୱଶୁର ଗିରଫ

ସାଲେପୁର,୨୮।୩(ଅରବିନ୍ଦ ଭୂୟାଁ)

ବୋହୂଙ୍କୁ ବଳାତ୍କାର କରିବା ଅଭିଯୋଗରେ ସାଲେପୁର ପୋଲିସ ଜଣଙ୍କୁ ଗିରଫ କରିଛି। ଥାନାରେ ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ଗୁରୁବାର ରାତିରେ ସ୍ୱାମୀ ଘରେ ନ ଥିଲେ। ଏହାର ସୁଯୋଗ ନେଇ ଶ୍ୱଶୁର ତାଙ୍କୁ ବଳାତ୍କାର କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା (ନଂ.୧୨୩/୨୫) ରୁଜୁ କରି ଉଭୟଙ୍କୁ ଡାକ୍ତରୀମାଇନା କରାଇବା ପରେ ଶ୍ୱଶୁରଙ୍କୁ କୋର୍ଟ ଚାଲାଣ କରିଛି।

## ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

### ଗୋହତ୍ୟା ରୋକିବାକୁ ଦାବିପତ୍ର

କଟକ,୨୮।୩(ଶିଳ୍ପା ପ୍ରିୟଦର୍ଶିନୀ)

ଗୋହତ୍ୟା ରୋକିବା ପାଇଁ କଟକର ବିଭିନ୍ନ ଆଧାତ୍ମିକ, ଗୋସେବା ଓ ସାମାଜିକ ସଙ୍ଗଠନ ପକ୍ଷରୁ ଦାବି ହୋଇଛି। ଏନେଇ ଅତିରିକ୍ତ ଜିଲାପାଳ ଈପ୍‌ସିତା ପ୍ରିୟଦର୍ଶିନୀଙ୍କୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଦାବିପତ୍ର ପ୍ରଦାନ କରାଯାଇଛି। ଓଡ଼ିଶାରେ ଗୋହତ୍ୟା ସମ୍ପୂର୍ଣ୍ଣ ନିଷେଧ କରିବା, ଗୋଚାଲାଣ ଉପରେ ଅଙ୍କୁଶ ଲଗାଇବା, ରାଜ୍ୟରେ ଗୋଧନ ସଞ୍ଚାଳନ ପାଇଁ ଓଡ଼ିଶା ଗୋସେବା ଆୟୋଗ ଗଠନ ପୂର୍ବକ ଓଡ଼ିଶା ଗୋହତ୍ୟା ନିଷେଧ ଓ ଗୋସଂରକ୍ଷଣ ବିଲ୍ ୨୦୨୪କୁ ତୁରନ୍ତ ବିଧାନସଭାରେ ପାରିତ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ତୁରନ୍ତ ଦାବିଗୁଡିକ ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସଙ୍ଗଠନଗୁଡିକ ପକ୍ଷରୁ ଚେତାବନୀ ଦିଆଯାଇଛି। ଅତିରିକ୍ତ ଜିଲାପାଳ ପ୍ରିୟଦର୍ଶିନୀ ଉକ୍ତ ଦାବିପତ୍ର ଗ୍ରହଣକରି ଏ ସମ୍ପର୍କରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବ ବୋଲି କହିଛନ୍ତି। ଦାବିପତ୍ର ପ୍ରଦାନବେଳେ କଟକର ଶିବଶକ୍ତି ଗୋସେବା ସଂଘ, ସଙ୍କଳ୍ପ ସେବାସଂଘ, ସାହାଯ୍ୟ ଗୋସେବା କେନ୍ଦ୍ର, ମହାବୀର ଫାଉଣ୍ଡେଶନ, ବଜରଙ୍ଗ ଦଳ, ସନ୍ଥ ଭୀମ ଭୋଇ ଗୋଶାଳା, ଗାୟତ୍ରୀ ପରିବାର, ପତଞ୍ଜଳି ଯୋଗ ସମିତି, ସୁଭାଷ ସଙ୍ଗଠନ, ସିଲ୍‌ଭରସିଟି କଟକ ଚାରିଟେବୁଲ ଟ୍ରଷ୍ଟ, ଓମ୍ ଜୟ ଜଗଦୀଶ କ୍ଲବ୍, ଶ୍ରୀହରି ଫାଉଣ୍ଡେଶନ ଓ ଜନକଲ୍ୟାଣ ଫାଉଣ୍ଡେଶନର ସଦସ୍ୟ ଉପସ୍ଥିତ ଥିଲେ।

# ‘ବ୍ୟାଙ୍କ ସହ ଉତ୍ତମ ସମନ୍ୱୟ ଆବଶ୍ୟକ’

କଟକ,୨୮।୩(କାର୍ତ୍ତିକ ସାହୁ)



ବୈଠକରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ସମେତ ଅନ୍ୟମାନେ।

### କଟକ ଜିଲା ପରାମର୍ଶାତ୍ମକ ସମିତି ବୈଠକ

କଟକ ଜିଲା ପରାମର୍ଶାତ୍ମକ ସମିତି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ସମସ୍ତ ବ୍ୟାଙ୍କର କାର୍ଯ୍ୟଦକ୍ଷତା ସମୀକ୍ଷା କରି ଅଧିକ ଋଣ ବିତରଣ ଓ ଉତ୍ପାଦନାତ୍ମକ ଶ୍ରେଣୀରେ କ୍ରେଡିଟ୍-ଡିପୋଜିଟ ଅନୁପାତ ବୃଦ୍ଧି କରିବା ଉପରେ ଆଲୋକପାତ କରିଛନ୍ତି। ଲିଡ୍ ବ୍ୟାଙ୍କ ମ୍ୟାନେଜର ରମଣୀ ରଞ୍ଜନ ମଲ୍ଲିକ ପ୍ରାଥମିକତା ଖାତିର ଲକ୍ଷ୍ୟର ୯୩% ସାଧନ କରାଯାଇଥିବା ସମ୍ବନ୍ଧରେ ସୂଚନା ଦେଇଥିଲେ। ସରକାରୀ ଯୋଜନାଗୁଡିକରେ ଋଣ ବିତରଣ ବୃଦ୍ଧି କରିବା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା।

ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ପ୍ରଧାନମନ୍ତ୍ରୀ ଫର୍ମାଲିଜେସନ ଅଫ୍ ମାଇକ୍ରୋ ଫୁଡ୍ ପ୍ରୋସେସିଂ ଏଣ୍ଟରପ୍ରାଇଜେସ, ପ୍ରଧାନମନ୍ତ୍ରୀ ରୋଜଗାର ସୃଷ୍ଟି ଯୋଜନା ଆଦି ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ନାବାର୍ଡ, ଉଦ୍ୟାନ, ପ୍ରାଣୀ ସମ୍ପଦ ଓ କୃଷି ବିଭାଗ ଆଦିର ପ୍ରତିନିଧିମାନେ ସେମାନଙ୍କର ପ୍ରାୟୋଜିତ ଋଣ ଆବେଦନର ସ୍ଥିତି ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ତେବେ ଏସବୁ ଆର୍ଥିକ କାରବାର ମାଧ୍ୟମରେ ନିଜର ଅଭିବୃଦ୍ଧି ନିମନ୍ତେ ବ୍ୟାଙ୍କ ସହିତ ଉତ୍ତମ ସମନ୍ୱୟ ଆବଶ୍ୟକ ବୋଲି ଜିଲାପାଳ କହିଛନ୍ତି।

ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ନାବାର୍ଡର ଜିଲା ଉନ୍ନୟନ ପ୍ରବନ୍ଧକ ପ୍ରକ୍ସିମା ପରିଡ଼ା, ଆର୍‌ବିଆଇର ସହକାରୀ ସାଧାରଣ ପରିଚାଳକ ରଶ୍ମିରଞ୍ଜନ ସାହୁ, ୟୁକୋ ବ୍ୟାଙ୍କର ସହକାରୀ ସାଧାରଣ ପରିଚାଳକ ବିଭୂତି ଭୂଷଣ ବେହେରା, ଆର୍‌ଏସ୍‌ଇଟିଆଇର ନିର୍ଦ୍ଦେଶକ ସୁକାନ୍ତ କୁମାର ଛଟୋଇ, ବାଙ୍କୀ କୋ-ଅପରେଟିଭ ବ୍ୟାଙ୍କର ମୁଖ୍ୟ ନିର୍ବାହୀ ଅଧିକାରୀ କରୁଣାକର ସାହୁ, ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ତରୁଣ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗୀୟ ଓ ବ୍ୟାଙ୍କ ଅଧିକାରୀମାନେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସରକାରଙ୍କ ବିଭିନ୍ନ ବିଭାଗ ଓ ଆର୍ଥିକ ସଂସ୍ଥାଗୁଡିକ ମଧ୍ୟରେ ଉତ୍ତମ ସମନ୍ୱୟ ରଖି ଋଣ ବିତରଣ ବୃଦ୍ଧି କରି ଜିଲାର ସମାବେଶମୂଳକ ଆର୍ଥିକ ବିକାଶକୁ ଉତ୍ସାହିତ କରିବା ଉପରେ ଆଲୋଚନା କରିଥିଲେ।

# ‘ଆବଶ୍ୟକତା ଅନୁଯାୟୀ ସହାୟତା ଦିଆଯାଉ’

କଟକ,୨୮।୩(କାର୍ତ୍ତିକ ସାହୁ)

### କଟକ ଜିଲା ରେଡ୍‌କ୍ରସ ଶାଖାର ବାର୍ଷିକ ସାଧାରଣ ବୈଠକ

ରେଡ୍‌କ୍ରସ ପାଣ୍ଠିର ଅଭିବୃଦ୍ଧି କରାଯିବା ସହ ଉକ୍ତ ପାଣ୍ଠିରୁ ଅଭାବୀ ତଥା ଅବହେଳିତ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ସହାୟତା ଦିଆଯାଉ। ଯଦ୍ୱାରା ବିଭିନ୍ନ ସମୟରେ ସ୍ୱାସ୍ଥ୍ୟସେବା, ଦୁର୍ଘଟଣା, ବିପର୍ଯ୍ୟୟ କ୍ଷତିଗ୍ରସ୍ତ, ଶିକ୍ଷା, ଜରୁରୀ ସେବା ଏବଂ ଅର୍ଥାଭାବ ଆବଶ୍ୟକତା ଲୋଡୁଥିବା ବିଭିନ୍ନ ବର୍ଗର ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ କରାଯାଇପାରିବ। ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହଠାରେ ଶୁକ୍ରବାର ଅନୁଷ୍ଠିତ ଜିଲା ରେଡ୍‌କ୍ରସ ଶାଖାର ବାର୍ଷିକ ସାଧାରଣ ବୈଠକରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଅଧ୍ୟକ୍ଷତା କରି ଅଧିକାରୀମାନଙ୍କୁ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ, ଜିଲା ରେଡ୍‌କ୍ରସ ଶାଖାର ସୁପରିଚାଳନା ତଥା ଅଭାବି ଲୋକଙ୍କୁ ଅଧିକରୁ ଅଧିକ ସହାୟତା ପ୍ରଦାନ କରାଯିବା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଜିଲା ରେଡ୍‌କ୍ରସ ପାଣ୍ଠିର ଆର୍ଥିକ ଅଭିବୃଦ୍ଧି କରାଯାଇ ବିଭିନ୍ନ ସହାୟତା ରାଶିର ପରିମାଣ ବୃଦ୍ଧି କରାଯିବ ବୋଲି ଜିଲାପାଳ କହିଥିଲେ। ଏସ୍‌ସିବି ମେଡିକାଲ, ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର, ଶିଶୁଭବନ, ସିଟି ହସ୍ପିଟାଲ ଆଦି ମେଡିକାଲରେ ଜିଲା ରେଡ୍‌କ୍ରସ ପକ୍ଷରୁ ସାଧାରଣ ଲୋକଙ୍କ ନିମନ୍ତେ ସ୍ୱେଚ୍ଛାକୃତ ସେବା ଯୋଗାଇ ଦିଆଯାଉଛି ବୋଲି ଅତିରିକ୍ତ ଜିଲାପାଳ ଡ. ଦିବ୍ୟଲୋଚନ ମହାନ୍ତ କହିଥିଲେ। ଏଥିସହ ଜିଲା ରେଡ୍‌କ୍ରସ ଶାଖାର କାର୍ଯ୍ୟଶୈଳୀ, ସ୍ଥିତି ଓ ଆବଶ୍ୟକତା ଆର୍ଥିକ ଅଭିବୃଦ୍ଧି ସମ୍ପର୍କରେ ସେ ସୂଚନା ଦେଇଥିଲେ। ଏହି ବୈଠକରେ ଆଠଗଡ଼ ଉପଜିଲାପାଳ ପ୍ରହଲ୍ଲାଦ ନାରାୟଣଶର୍ମା, କଟକ ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଡେପୁଟି କଲେକ୍ଟର(ଜରୁରୀ) ନିଷ୍ଠା ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ତହସିଲଦାର, ବିଡିଓ ଯୋଗଦେଇଥିଲେ।

# ବୟନଶିଳ୍ପକୁ ଆଗେଇ ନେବାକୁ ଯୁବପିଢ଼ିଙ୍କୁ ଆହ୍ୱାନ


ସାଧାରଣ ସଭାରେ ଯୋଗଦେଇଥିବା ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବୁଣାକାରମାନେ।

ତିଗିରିଆ, ୨୮।୩(ଜାଫର ଖାଁ)

### ନୂଆପାଟଣା ନଂ.୨ ତନ୍ତୁବାୟ ସହଯୋଗ ସମିତିର ସାଧାରଣ ସଭା

ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ନଂ.୨ ତନ୍ତୁବାୟ ସହଯୋଗ ସମିତି ଲିମିଟେଡ୍‌ର ୭୦ ତମ ବାର୍ଷିକ ସାଧାରଣ ସଭା ସମିତି ସଭାପତି ପ୍ରସନ୍ନ କୁମାର ଗୁଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମିତିର ପୂର୍ବତନ ସଭାପତି ତଥା ବୟୋଜ୍ୟେଷ୍ଠ ବୁଣାକାର ହରିହର କୁଣ୍ଡୁ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ଅବିନାଶ ସେଠୀ ଯୋଗଦେଇ ଯୁବପିଢ଼ିଙ୍କୁ ବୟନଶିଳ୍ପକୁ ଆଗେଇ ନେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥିଭାବେ ବୟନ ବୈଷୟିକ ସହାୟକ ଚକ୍ରଧର କଟୁଆଳ, ବୟନ ତତ୍ତ୍ୱାବଧାରକ ଦାମୋଦର ବେହେରା ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ବିଜୟ କୁମାର ଭଞ୍ଜ ବାର୍ଷିକ ଆୟବ୍ୟୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଉନ୍ନତ ବୁଣା କାର୍ଯ୍ୟ ପାଇଁ ୧୧ ଜଣ ବୁଣାକାରଙ୍କୁ ମାନପତ୍ର ଓ ଉତ୍ତରୀୟ ଦିଆଯାଇ ସମ୍ମାନିତ କରାଯାଇଥିଲା।

## ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଉଦ୍‌ଯାପିତ

ବାଙ୍କୀ,୨୮।୩(ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ-ଡମପଡା ବ୍ଲକ ଅନ୍ତର୍ଗତ ଦୁଲଣାପୁର ଗ୍ରାମର ପାଲାମଣ୍ଡପ ପରିସରରେ ଚାଲିଥିବା ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ପ୍ରବଚନ ଓ ଜ୍ଞାନଯଜ୍ଞ ଉଦ୍‌ଯାପିତ ହେଇଯାଇଛି। ୮ ଦିନ ବ୍ୟାପୀ ଚାଲିଥିବା ପାରାୟଣ ଓ ଯଜ୍ଞରେ ବ୍ୟାସଜୀ ମହାରାଜା ଦାମୋଦର ଦାସଜୀ ମହାରାଜା ଯୋଗଦେଇ ଶ୍ରୀରାମ ଚରତ ମାନସ ଓ ହନୁମାନ ଚାଳିଶା ପାଠ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ଅକ୍ଷୟ ଯୁବ ସଂଘର ଆବାହକ ତଥା ସାମାଜିକ କର୍ମୀ ଅବିନାଶ ପଟ୍ଟନାୟକ, ଭାଜପା ନେତା ତୁଷାରକାନ୍ତ ଚକ୍ରବର୍ତ୍ତୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରବଚକ ଭାବେ କୈଳାସ ଚନ୍ଦ୍ର ପଣ୍ଡା, ପଦ୍ମନାଭ ସାହୁ, ଶୁକଦେବ ମହାରଣା, କୃପାସିନ୍ଧୁ ମହାରାଜା, ବସନ୍ତ ବିଶୋଇ ଉପସ୍ଥିତ ଥିଲେ। ଏହି ଅବସରରେ ମଶାଲ ଯାତ୍ରା, କଳସ ସ୍ଥାପନ, ଅଙ୍କୁରାରୋପଣ, ଘୃତଯଜ୍ଞ ,ବିଗ୍ରହ ପ୍ରତିଷ୍ଠା, ମଙ୍ଗଳ ଆଳତି, ପୂର୍ଣ୍ଣାହୁତି, ଫଗୁ ଖେଳ, ପ୍ରସାଦ ସେବନ, ରାବଣ ପୋଡି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରୀରାମ ଚରତ ମାନସପ୍ରଚାର ସମିତିର ମୁଖ୍ୟ ବାଉରିବନ୍ଧୁ ମହାପାତ୍ର, ଜମ୍ବେଶ୍ୱର ନାୟକ, ପୂର୍ବତନ ସମିତି ସଭ୍ୟ ଲକ୍ଷ୍ମୀଧର ପରିଡ଼ା, ଶିକ୍ଷାବିତ୍ ବିପିନ ବିହାରୀ ମହାପାତ୍ର, କିଶନ ମହାପାତ୍ର ଗୁକୁନା ନାୟକ, ଶିବପ୍ରସାଦ ଜେନା ପ୍ରମୁଖ ପରିଚାଳନା ଏହାକୁ କରିଥିଲେ।

# ମହାନଦୀରେ ଛଡ଼ାଗଲା ୭.୫ ଲକ୍ଷ ମାଛ ଯାଆଁଳ


ମେୟର ସୁବାସ ସିଂ ମହାନଦୀରେ ମାଛ ଯାଆଁଳ ଛାଡୁଛନ୍ତି।

କଟକ,୨୮।୩(କାର୍ତ୍ତିକ ସାହୁ)

ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ମହାନଦୀରେ ଶୁକ୍ରବାର ମାଛ ଯାଆଁଳ ଛଡ଼ାଯାଇଛି। ଓଡ଼ିଶା ସମବାୟ ବିକାଶ ନିଗମ ଦ୍ୱାରା ମହାନଦୀର ମୁଣ୍ଡୁଳି ବ୍ୟାରେଜରେ ୫ ଲକ୍ଷ ଏବଂ ଗଡ଼ଗଡ଼ିଆ ଘାଟଠାରେ ୨.୫୦ ଲକ୍ଷ ରୋହୀ, ଭାକୁର, ମିରିକାଳି ଯାଆଁଳ ଛଡ଼ାଯାଇଛି। ଏହି ଅବସରରେ ବାରଙ୍ଗ ବ୍ଲକ୍‌ର ନାରାୟଣ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ଏବଂ କଟକ ମହାନଗର ନିଗମ(ସିଏମ୍‌ସି)ର ଜୋବ୍ରା ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମତ୍ସ୍ୟଜୀବୀ ଓ ମତ୍ସ୍ୟଚାଷୀଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ସିଏମ୍‌ସି ମେୟର ସୁବାସ ସିଂ, ଜିଲା ପରିଷଦର ସ୍ଥାୟୀ କମିଟି ଅଧ୍ୟକ୍ଷ ଆଶିଷ କୁମାର ସାହୁ, ବାରଙ୍ଗ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ଦଳେଇ, ଉପ ମତ୍ସ୍ୟ ନିର୍ଦ୍ଦେଶକ ନୀଳାମ୍ବର କିଲାକା ପ୍ରମୁଖ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବ୍ଲକ୍ ଓ ଜିଲା କାର୍ଯ୍ୟାଳୟର ସହକାରୀ ମତ୍ସ୍ୟ ଅଧିକାରୀ ଉପସ୍ଥିତ ରହି ମତ୍ସ୍ୟ ସମ୍ପଦ ବିକାଶ ଓ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ସମ୍ବନ୍ଧରେ ଆଲୋଚନା କରିଥିଲେ। ଉପ ମତ୍ସ୍ୟ ନିର୍ଦ୍ଦେଶକ ବବିତା ମହନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଉଦ୍ୟାନ କୃଷି ତାଲିମ ଶିବିର ଉଦ୍‌ଯାପିତ

କଟକ ସଦର,୨୮।୩(ସୁଶାନ୍ତ କୁମାର ଜେନା): ୪୨ମୌଜା ଥାନା ଅନ୍ତର୍ଗତ ବରାଳସ୍ଥିତ ନୀଳକଣ୍ଠନାଥ ମନ୍ଦିର ମଣ୍ଡପରେ ୪ର୍ଥ ପର୍ଯ୍ୟାୟ ଉଦ୍ୟାନ କୃଷି ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କଟକ ସଦର ବ୍ଲକ୍ ଆତ୍ମାର ସଭାପତି ରମାପ୍ରସାଦ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ମୃତ୍ତିକା ପରୀକ୍ଷା ସହ ଜୈବିକ ଖତର ପ୍ରୟୋଗ ଉପରେ କୃଷି ବିଶେଷଜ୍ଞମାନେ ମତବ୍ୟକ୍ତ କରିଥିଲେ। ଏଥିରେ ମଣ୍ଡଳ ଭାଜପା ସଭାପତି ସୁଧାଂଶୁ ଶେଖର ଦାସ, ଅଶୋକ ସାହୁ, ସୁମିତା ଦେବତା, ବନିତା ଶତପଥୀ ଉପସ୍ଥିତ ଥିଲେ। ଅବିଭକ୍ତ କଟକ ଜିଲା ସମବାୟ ସଂଯୋଜକ ବିଜୟ ରାଉତରାୟ, ରାମଚନ୍ଦ୍ର ଲେଙ୍କା, ହୃଷୀକେଶ ଜେନା, ପ୍ରଶାନ୍ତ ରାଉଳ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଉଦ୍ୟାନ କୃଷି ଅଧିକାରୀ ଦେବୀପ୍ରସାଦ ରାଉତ ମାଷ୍ଟର ଟ୍ରେନର ଭାବେ ଯୋଗଦେଇଥିଲେ। ସବିତା ଦାଶ ଧନ୍ୟବାଦ ଦେଇଥିଲେ।

## ‘ବିଦେଶୀ ପୁଞ୍ଜି ବିନିଯୋଗ ଦେଶର ସ୍ୱାର୍ଥ ପରିପନ୍ଥୀ’

କଟକ,୨୮।୩(କାର୍ତ୍ତିକ ସାହୁ)

ଓଡ଼ିଶା ରାଜ୍ୟ ସାଧାରଣ ବୀମା ପେନ୍‌ସନ୍ ଭୋଗୀ ସଂଘର ୧୦ମ ତ୍ରୈବାର୍ଷିକ ସମ୍ମିଳନୀ କଟକ ଯୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ଉପସଭାପତି ଜେ. ଗୁରୁମୁକ୍ତି ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ବୀମା ଶିଳ୍ପରେ ଶତକଡ଼ା ୧୦୦ ଭାଗ ବିଦେଶୀ ପୁଞ୍ଜିର ବିନିଯୋଗ ସମଗ୍ର ବୀମା ଶିଳ୍ପ ଓ ଦେଶର ସ୍ୱାର୍ଥ ପରିପନ୍ଥୀ। ରାଷ୍ଟ୍ରାୟତ୍ତ ଉଦ୍ୟୋଗର ସୁରକ୍ଷା ଓ ବୀମା ଶିଳ୍ପର ଘରୋଇକରଣ ବିରୋଧରେ ବ୍ୟାପକ ଜନଚେତନା ସୃଷ୍ଟି କରି ଆନ୍ଦୋଳନ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ବୀମା କର୍ମଚାରୀଙ୍କ ସମସ୍ୟା, ପେନ୍‌ସନ୍ ଭୋଗୀଙ୍କ ମୂଳ ପେନ୍‌ସନ୍ ବୃଦ୍ଧି, ଶତକଡ଼ା ୩୦ ଭାଗ ଫ୍ୟାମିଲି ପେନ୍‌ସନ୍, ମେଡ଼ିକ୍ଲେମ୍ ପ୍ରିମିୟମ ଉପରେ ଜିଏସ୍‌ଟି ପ୍ରତ୍ୟାହାର ଆଦି ସମସ୍ୟା ଉପରେ ଆଲୋକପାତ କରିଥିଲେ। ସୁଜିତ୍ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ପ୍ରଦୀପ୍ତ କୁମାର ମହାନ୍ତି ବିବରଣୀ ପାଠ ଓ ଆୟବ୍ୟୟ ବିବରଣୀ ଉପସ୍ଥାପନା କରିଥିଲେ। ଯୁଗ୍ମ ସମ୍ପାଦକ ରବି ନାରାୟଣ ମଲ୍ଲିକ, ଓଡ଼ିଶା ଜୀବନ ବୀମା ପେନ୍‌ସନ୍ ଭୋଗୀ ସଂଘର ମାନଗୋବିନ୍ଦ ବାରିକ, କଟକ ଡିଭିଜନ ବୀମା କର୍ମଚାରୀ ସଂଘ ସଭାପତି ଡ. ସନ୍ତୋଷ କୁମାର ମହାପାତ୍ର, ଓଡ଼ିଶା ରାଜ୍ୟ ସାଧାରଣ ବୀମା କର୍ମଚାରୀ ସଂଘର ପୂର୍ବତନ ସଭାପତି ଦୁଷ୍ମନ୍ତ କୁମାର ଦାସ, ସାଧାରଣ ସମ୍ପାଦକ ଦେବାଶିଷ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆସନ୍ତା ୩ ବର୍ଷ ପାଇଁ ନୂତନ ପରିଚାଳନା କମିଟି ଗଠନ ହୋଇଥିଲା। ସୁଜିତ୍ କୁମାର ନନ୍ଦ ଓ ପ୍ରଦୀପ୍ତ କୁମାର ମହାନ୍ତି ଯଥାକ୍ରମେ ସଭାପତି ଓ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି।

# ରୋଗୀଙ୍କୁ ନିଜର ଭାବି ଚିକିତ୍ସା କରିବାକୁ ପରାମର୍ଶ

କଟକ,୨୮।୩(ଶିଳ୍ପା ପ୍ରିୟଦର୍ଶିନୀ)


ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

ଏସ୍‌ସିବି ମେଡିକାଲ କଲେଜ ଯୁଜି ଛାତ୍ର ୟୁନିୟନର ଉଦ୍‌ଯାପନୀ କାର୍ଯ୍ୟକ୍ରମ ‘ପ୍ରତ୍ୟୁଷ’ ମେଡିକାଲର ନୂତନ ଅଡିଟୋରିୟମରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସୋଆ ବିଶ୍ୱବିଦ୍ୟାଳୟ ସ୍ୱାସ୍ଥ୍ୟ ବିଜ୍ଞାନର ପ୍ରମୁଖ ଉପଦେଷ୍ଟା ପ୍ରଫେସର ଡା. ଅଶୋକ ମହାପାତ୍ର ଯୋଗଦେଇ କହିଛନ୍ତି, ଛାତ୍ରୀଛାତ୍ର ଶିକ୍ଷକଙ୍କ ପାଇଁ ସର୍ବଦା ଗର୍ବ ପାଲଟିଥାନ୍ତି। ପ୍ରତ୍ୟେକ ରୋଗୀଙ୍କୁ ଡାକ୍ତରମାନେ ନିଜ ସମ୍ପର୍କୀୟ ବୋଲି ଭାବିବା ଆବଶ୍ୟକ। ଫଳରେ ରୋଗୀ ଓ ଡାକ୍ତରଙ୍କ ମଧ୍ୟରେ ଦୂରତା କମିପାରିବ ଏବଂ ରୋଗୀ ଉପଯୁକ୍ତ ଚିକିତ୍ସା ପାଇପାରିବେ ବୋଲି ଛାତ୍ରୀଛାତ୍ରଙ୍କୁ ମହାପାତ୍ର ପରାମର୍ଶ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ଅନ୍ୟ ଅତିଥି ଭାବେ ଏସ୍‌ସିବି ମେଡିକାଲ କଲେଜ ଅଧକ୍ଷା ପ୍ରଫେସର ଡା. ଲୁସି ଦାସ, ଉପାଧକ୍ଷ ଡା. କ୍ରିଷ୍ଣା କର, ପ୍ରଫେସର ଡା. ଭୁବନ ମୋହନ ଦାସ, ପ୍ରଫେସର ବନବିହାରୀ ମିଶ୍ର, ପ୍ରଫେସର ଡା. ଜୟନ୍ତ ପଣ୍ଡା ଯୋଗଦେଇଥିଲେ। ଏହି ଅବସରରେ ଏକ ପୁସ୍ତକ ‘ସମହିତା’ ଉନ୍ମୋଚିତ ହୋଇଥିଲା। ସଂଘ ସଭାପତି ପ୍ରମୋଦ କୁମାର ଶତପଥୀ ବାର୍ଷିକ ବିବରଣୀ ପାଠ ଓ ସାଧାରଣ ସମ୍ପାଦକ ସୌଭାଗ୍ୟ ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### ଫଟୋରେ ଖବର



**ବଢ଼ୁଛି ତାତି:** କଟକ ମିଶନରୋଡ୍ ପାର୍ଶ୍ୱରେ ଜଣେ ବ୍ୟବସାୟୀ ବିକ୍ରି ପାଇଁ ଟୋପିଗୁଡିକ ସଜ୍ଜିତ କରି ରଖୁଛନ୍ତି।



କଟକ ନୟାସଡ଼କସ୍ଥିତ ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ଶୀତକାଳୀନ ଶିବିର ଉଦ୍‌ଯାପନୀ ସମାରୋହରେ ଉପସ୍ଥିତ ଅତିଥିଙ୍କ ଗହଣରେ ଛାତ୍ରୀମାନେ।

**ବିଶ୍ୱଶାନ୍ତି ମହାଯଜ୍ଞ**

**ବେଗୁନିଆ (ହର ପ୍ରସନ୍ନ ପଣ୍ଡା):** ଗୋବିନ୍ଦପୁର ଗ୍ରାମର ବାଲୁଙ୍କେଶ୍ୱର ଦେବଙ୍କ ପୀଠ ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ଆରମ୍ଭ ହୋଇଛି। ଥାନପତି ବାଲୁଙ୍କେଶ୍ୱର ଦେବଙ୍କ ପୁରାତନ ପରମ୍ପରା ଅନୁଯାୟୀ ଅତିଥି ଠାକୁରଭାବେ ଗ୍ରାମର ବିଭିନ୍ନ ମନ୍ଦିରରେ ପୂଜା ପାଉଥିବା ଚାରି ଦେବଙ୍କୁ ନିମନ୍ତ୍ରିତ କରାଯାଇଥିଲା। ରଘୁନାଥ ଦେବ, ଗୋପାଳଜୀଉ, ଗୋପୀନାଥ ଦେବ ଏବଂ ରାଧାକାନ୍ତ ଦେବଙ୍କ ଚଳନ୍ତି ପ୍ରତିମା ଆଟପ ପଟୁଆରରେ ଆସି ଯଜ୍ଞ ମଣ୍ଡପରେ ପୂଜା ପାଉଛନ୍ତି। ବିଧିମୁତାବକ ଅଙ୍କୁରାରୋପଣ, ମଣ୍ଡଳକରଣ, କଳସ ଯାତ୍ରା, ଅଗ୍ନି ସ୍ଥାପନା ଆଦି ସମ୍ପନ୍ନ ହୋଇଛି।

## ସଂକ୍ଷେପରେ

### ରାଜସ୍ୱ ସହାୟକ ଉମାପ୍ରସାଦ ନିଲମ୍ବିତ

**ଖୋର୍ଦ୍ଧା, ୨୮।୩(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ରାଜସ୍ୱ ସହାୟକ ଉମାପ୍ରସାଦ ଦାସଙ୍କୁ ନିଲମ୍ବନ କରାଯାଇଛି। ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଏବଂ ଅନିୟମିତତା ଆଧାରରେ ତାଙ୍କୁ ନିଲମ୍ବନ କରାଯାଇଥିବା ଜଣାପଡିଛି। ଜିଲା କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୫୬୭୪, ତାରିଖ ୨୫।୩।୨୫ ପ୍ରକାରେ ନିଲମ୍ବନ କରାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଏକ ପ୍ରେସ ବିବୃତିରେ ସୂଚନା ଦିଆଯାଇଛି। ନିଲମ୍ବନ ପରେ ତାଙ୍କୁ ଜିଲା ସଦର ମହାକୁମା କାର୍ଯ୍ୟାଳୟକୁ ସ୍ଥାନାନ୍ତର କାରାଯାଇଛି।

### ମୋରମ ଚାଲାଣ ବେଳେ ଚଢ଼ାଉ: ୨ ହାଇୱା, ପ୍ରୋକ୍ଲିନ ଜବତ

**ବେଗୁନିଆ, ୨୮।୩(ସନ୍ଧ୍ୟାରାଣୀ ମିଶ୍ର):** ବାଘମାରୀ ଥାନା ଅଧୀନ ଅଚ୍ଛିସ୍ଥିତ ଏକ ସ୍ଥାନରୁ ବେଆଇନ ଭାବେ ମୋରମ ଖୋଳାଯାଇ ଚାଲାଣ ହେଉଥିବା ଖବରପାଇ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ପହଞ୍ଚି ଚଢ଼ାଉ କରିଥିଲେ। ଦୁଇଟି ହାଇୱା ଏବଂ ଗୋଟିଏ ପ୍ରୋକ୍ଲିନ ଜବତ କରି ପୋଲିସ ଜିମା ଦେଇଛନ୍ତି। ଜିଲା ଖଣି ନିଗମ ଅଧିକାରୀ ଜଗନ ବେହେରାଙ୍କୁ ପଚାରିବାରୁ କହିଥିଲେ, ବାଘମାରୀଠାରେ ବାଇପାସ ରାସ୍ତା ନିର୍ମାଣ ପାଇଁ ଠିକାସଂସ୍ଥା ପକ୍ଷରୁ ମୋରମ ଖନନ ଓ ଉତ୍ତୋଳନ ହେଉଥିବା ବେଳେ ରାଜସ୍ୱ ନୀରିକ୍ଷକ ସେଠାରେ ପହଞ୍ଚି ଗାଡ଼ିକୁ ଅଟକ ରଖିଥିଲେ। ପରେ ଗାଡ଼ିର ଆବଶ୍ୟକ କାଗଜାତ ତନଖି କରିବା ପରେ ଠିକ୍ ରହିଛି ବୋଲି କହିଥିଲେ।

### ଦେଶୀମଦ ଜବତ, ୨ ଗିରଫ

**ବେଗୁନିଆ, ୨୮।୩(ସନ୍ଧ୍ୟାରାଣୀ ମିଶ୍ର):** ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଏବଂ ଭ୍ରାମ୍ୟମାଣ ଅବକାରୀ ବିଭାଗ ଅଧିକାରୀ ଥାର୍ପା ମାରାଣ୍ଡିଙ୍କ ନେତୃତ୍ୱରେ ବେଗୁନିଆ ଅବକାରୀ ଥାନା ବିଭାଗ ଅଞ୍ଚଳରେ ଚଢାଉ କରାଯାଇଥିଲା। ମୋଟ ୪୫ ଲିଟର ଦେଶୀମଦ ଜବତ କରାଯାଇଥିବା ବେଳେ ସୁଶାନ୍ତ କୁମାର ସାହୁ ଏବଂ ଅନନ୍ତ ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

### ସ୍ୱତନ୍ତ୍ର କ୍ରୀଡ଼ା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଖୋର୍ଦ୍ଧା, ୨୮।୩(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ ସମଗ୍ର ଶିକ୍ଷା ଜିଲା ପ୍ରକଳ୍ପ କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ଚାଲିଥିବା ଦୁଇଦିନିଆ ଜିଲାସ୍ତରୀୟ କ୍ରୀଡ଼ା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ରାଜ୍ୟସ୍ତରୀୟ ସାଧନ କର୍ମୀମାନେ ପରିଚାଳନା କରିଥିଲେ। ବ୍ଲକସ୍ତରୀୟ ଦିବ୍ୟାଙ୍ଗ ପିଲାମାନଙ୍କ ସାଧନ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ଡ.ତାପସ କୁମାର ନାୟକ ଏବଂ ଜିଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜିକା ପୁଷ୍ପମିତ୍ରା ମିଶ୍ର ଉଦ୍‌ଘାଟନ କରିଥିଲେ। ଜିଲାର ୨୫ଜଣ ସମ୍ବଳ ଶିକ୍ଷକ ପ୍ରଶିକ୍ଷଣ ନେଇଥିଲେ। ସାଧନ କର୍ମୀଭାବେ ଅର୍ପିତା ମହାପାତ୍ର, ସସ୍ମିତା ମହାପାତ୍ର ଓ ଦୀପକ ବେହେରା ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ଡ.ତାପସ କୁମାର ନାୟକ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ।

# ଏକାଠି ହେଲେ ୧୬ଗାଁ ଠାକୁର

## ଶରଧାପୁର ଚଉଦଦୋଳ ମେଳଣ

**ଖୋର୍ଦ୍ଧା, ୨୮।୩(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବ୍ଲକ ନାଳିପଡା ଅର୍ଜ୍ଜୁନପୁର ପଞ୍ଚାୟତ ଅନ୍ତର୍ଗତ ଶରଧାପୁର ଗ୍ରାମର ୧୪ଦୋଳ ମେଳଣ ଆରମ୍ଭ ହୋଇଛି। ବାଲୁଙ୍କେଶ୍ୱର ଦେବ ମେଳଣ କମିଟି ଏବଂ ଗ୍ରାମ୍ୟ କମିଟିଙ୍କ ଦ୍ୱାରା ୩ଦିନ ଧରି ଏହି ମେଳଣ ହୋଇଥାଏ। ଗ୍ରାମର ବାଲୁଙ୍କେଶ୍ୱର ମହାଦେବ ହେଉଛନ୍ତି ଥାନପତି। ଶୁକ୍ରବାର ମଧ୍ୟରାତ୍ରିରେ ବାଲୁଙ୍କେଶ୍ୱର ସୁସଜ୍ଜିତ ଦୋଳ ବିମାନରେ ବିଜେ ହୋଇ ପାରମ୍ପରିକ ବାଦ୍ୟଯନ୍ତ୍ର, ଲୋକନୃତ୍ୟ ସହ ଭକ୍ତଙ୍କ ଗହଣରେ ଶୋଭାଯାତ୍ରାରେ ଗାଁ ପରିକ୍ରମା କରି ମେଳଣ ପଡିଆରେ ପହଞ୍ଚିଥିଲେ। ବାଲୁଙ୍କେଶ୍ୱରଙ୍କ ନିମନ୍ତ୍ରଣ ପାଇ ୧୬ଟି ଗ୍ରାମର ଠାକୁର ଦୋଳ ବିମାନରେ ବିଜେ ହୋଇ ମେଳଣ ପଡିଆରେ ଏକାଠି ହୋଇଛନ୍ତି। ଏହି ମେଳଣରେ ଥାନପତି ବାଲୁଙ୍କେଶ୍ୱରଙ୍କ ସମେତ ଜାଗୁଳେଇପାଟଣାର ରାଧାକୃଷ୍ଣ ଦେବ, ପାନବରଜ ବାଲୁଙ୍କେଶ୍ୱର, ଟାଙ୍ଗିଆପଡାର କେଦାରେଶ୍ୱର, ଗୋପପୁରିଆ ପାଟପୁରର ରାଧାକୃଷ୍ଣଦେବ, ବେରୁହାଁର ଭଗବତ ବାସୁଦେବ, ନାଳିପଡା ଅର୍ଜ୍ଜୁନପୁରର ଭଗବତ ବାସୁଦେବ, ଶରଧାପୁର ଭଗବତ ବାସୁଦେବ, ଚମ୍ପାପୁର ନିଆଳର ରାଧାକୃଷ୍ଣ, ବୋତଳମାର ଭଗବତା ବାସୁଦେବ, ଗଡ଼ନିଆଳର କେଦାରେଶ୍ୱର, ହଳଦିପଦାର ମଲିକେଶ୍ୱର, ଗଡ଼ତରତୁଆ ନୂଆସାହିର ରାଧାଗୋବିନ୍ଦ, ଶରଧାପୁରର ଭଗବତ ବାସୁଦେବ, ରାଧାକୃଷ୍ଣ ଏବଂ ଭାଲିଆବାଡି (ସାନପଲ୍ଲା)ର ରାଧାକୃଷ୍ଣ ଦେବ ପ୍ରମୁଖ ବିଜେ ହୋଇଛନ୍ତି। ମେଳଣ ପଡ଼ିଆରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଆସନ୍ତା ୩୧ ତାରିଖ ଅପରାହ୍ନ ୫ଟାରେ ଠାକୁରମାନେ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି। ଗ୍ରାମ୍ୟ କମିଟି ସଭାପତି ଲକ୍ଷ୍ମୀଧର ବଡ଼ଜେନା କୁହନ୍ତି, ଏହି ମେଳଣ ଉତ୍ସବ ଦୀର୍ଘ ବର୍ଷ ଧରି ପାଳିତ ହୋଇଆସୁଛି। ବର୍ଷକୁ ଥରେ ଶରଧାପୁର ସମେତ ଆଖପାଖ ଗ୍ରାମବାସୀଙ୍କ ମଧ୍ୟରେ ଭାଇଚାରା ଓ ଭାବର ଆଦାନପ୍ରଦାନ ହୋଇଥାଏ। ସେହିପରି ସାମାଜିକ କର୍ମୀ ଜିତେନ୍ଦ୍ର ବେହେରା କୁହନ୍ତି, ଶରଧାପୁର ମେଳଣ ଉତ୍ସବ ସମ୍ପର୍କରେ ଡୋରିକୁ ବାନ୍ଧି ରଖିଛି। ବର୍ଷସାରା ଗାଁଠୁ ଦୂରରେ ରହୁଥିବା ପରିବାର, ସାଙ୍ଗସାଥୀ ଏହି ସମୟରେ ଏକାଠି ହୋଇଥାନ୍ତି। ଠାକୁରଙ୍କ ପୂଜାର୍ଚ୍ଚନା ସହ ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ କରିଥାନ୍ତି।

## ସରିଲା ଗୋଳବାଇ ଦଶଦୋଳ ମେଳଣ



**ନିରାକାରପୁର, ୨୮।୩ (ମାନସ ଚନ୍ଦ୍ର ପଟ୍ଟନାୟକ)**

ଗୋଳବାଇ ଦଶଦୋଳ ମେଳଣ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ଇଷ୍ଟଦେବ ତଥା ମେଳଣର ଥାନପତି ଶ୍ରୀନୃସିଂହ ଠାକୁର ଏବଂ ଇଷ୍ଟଦେବୀ ମା'ଭଗବତୀଙ୍କୁ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇ ମେଲାଣି ଦିଆଯାଇଥିଲା। ଅନୁରୂପଭାବେ ନିମନ୍ତ୍ରଣ ରକ୍ଷାକରି ଗୋଡିପଡ଼ା, ଶବଳଙ୍ଗ, ଡିହଖଳା ଆଦି ଅଞ୍ଚଳର ଏହି ମେଳଣରେ ଯୋଗଦେଇଥିବା ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଠାକୁରଙ୍କୁ ମଧ ମେଲାଣି ଦିଆଯାଇଥିଲା। ଅନ୍ତିମ ଦିବସରେ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଫଗୁଖେଳ ଦୃଶ୍ୟ ଦେଖିବାକୁ ମିଳିଥିଲା। ଘଣ୍ଟ, ମୃଦଙ୍ଗ, ବିଭିନ୍ନ ବାଦ୍ୟ ସାଙ୍ଗକୁ ହରିବୋଲ, ହୁଳହୁଳି ଓ ନାମ ସଂକୀର୍ତ୍ତନରେ ମେଳଣ ପଡ଼ଆରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ବହୁ ଶ୍ରଦ୍ଧାଳୁ ଏହି ମେଳଣରେ ଉପସ୍ଥିତ ରହି ପ୍ରଭୁକୃପା ଲାଭ କରିଥିଲେ।

# ବେଆଇନ ପାର୍ଟପ୍ଲଟ ରେଜିଷ୍ଟ୍ରେଶନ ନେଇ ରିପୋର୍ଟ ତଲବ

**ଟାଙ୍ଗୀ, ୨୮।୩(ରଘୁନାଥ ସାହୁ)**

ପାର୍ଟ ବା ଆଂଶିକ ପ୍ଲଟ ରେଜିଷ୍ଟ୍ରେଶନ ଉପରେ ସରକାରୀ କଟକଣା ରହିଥିବା ସତ୍ତ୍ୱେ ଖୋର୍ଦ୍ଧା ଜିଲାର ବିଭିନ୍ନ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଏହାର ଖୋଲା ଉଲ୍ଲଂଘନ କରାଯାଇଛି। ଏପରି କି ପାର୍ଟ ପ୍ଲଟ କିଣାବିକାରେ ଲକ୍ଷାଧିକ ଟଙ୍କା ଅର୍ଥ କାରବାର କରାଯାଇଛି। ଜିଲାର ୧୦ ସବ୍‌ରେଜିଷ୍ଟ୍ରାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସରକାର ଯୋଜନା କରିଛନ୍ତି। ଏହା ମଧ୍ୟରେ ଟାଙ୍ଗୀ ସବ୍‌ରେଜିଷ୍ଟ୍ରାର ଅଫିସ ରହିଛି। ଗତବର୍ଷ ଡିସେମ୍ବରରୁ ଚଳିତ ବର୍ଷ ମାର୍ଚ୍ଚ ମଧ୍ୟରେ କେତେ ପାର୍ଟପ୍ଲଟ ରେଜିଷ୍ଟ୍ରେଶନ କରାଯାଇଛି ତା'ର ତଥ୍ୟ ଉପସ୍ଥାପନ କରିବାକୁ ଏଡିଏମ୍ ସାଫଲ୍ୟ ମଣ୍ଡିତ ପ୍ରଧାନ ନିର୍ଦ୍ଦେଶ ଦେଇଛନ୍ତି।

ଖୋର୍ଦ୍ଧା ଜିଲାର ବାଣପୁର, ବେଗୁନିଆ, ବୋଲଗଡ଼, ଟାଙ୍ଗୀ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ୩ମାସ ମଧ୍ୟରେ ୩୪୦ରୁ ଉର୍ଦ୍ଧ୍ୱ ସବ୍‌ପ୍ଲଟ ରେଜିଷ୍ଟ୍ରେଶନ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ୨୦୨୨ରେ ପାର୍ଟପ୍ଲଟ ପଞ୍ଜୀକରଣ କରିବା ଉପରେ କଟକଣା ଲାଗିଥିଲା। ଏହି କଟକଣାକୁ ଅଣଦେଖା କରି ଅଫିସରମାନେ ବହୁ ପ୍ଲଟ ରେଜିଷ୍ଟ୍ରେଶନ କରିଥିବା ଅଭିଯୋଗ ହେଉଛି। ଟାଙ୍ଗୀ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଦୀର୍ଘ ବର୍ଷ ଧରି ସବ୍‌ରେଜିଷ୍ଟ୍ରାର ନିଯୁକ୍ତି ହୋଇନାହାନ୍ତି। ତହସିଲ କାର୍ଯ୍ୟାଳୟର ଅତିରିକ୍ତ ତହସିଲଦାର ଏହି ଦାୟିତ୍ୱରେ ରହୁଛନ୍ତି। ପ୍ରତ୍ୟେକ ଦିନ ଏହି କାର୍ଯ୍ୟାଳୟରେ ଜମି ରେଜିଷ୍ଟ୍ରେଶନ ପାଇଁ ଜନସାଧାରଣଙ୍କ ଉପସ୍ଥିତ ରହୁଛନ୍ତି। ପ୍ରତ୍ୟେକ ରେଜିଷ୍ଟ୍ରେଶନରେ ଦଲାଲମାନେ ମଧ୍ୟସ୍ଥ କରୁଥିବାରୁ କ୍ରେତାମାନେ ଅଧିକ ଅର୍ଥ ବ୍ୟୟ କରୁଥିବା ଅଭିଯୋଗ ହେଉଛି। ପ୍ଲଟ ବ୍ୟବସାୟୀମାନେ ଚାଷଜମିକୁ ଲକ୍ଷ ଲକ୍ଷ ଟଙ୍କାରେ କିଣି ହାତଗୁଞ୍ଜା ଦେଇ ଘରବାରି କରି ନେଉଛନ୍ତି। ଏହାପରେ ସେହିଜମିକୁ ପାର୍ଟ ପ୍ଲଟ ବା ସବ୍‌ପ୍ଲଟ କରି ବିକ୍ରି କରୁଛନ୍ତି। ତେଣୁ ଟାଙ୍ଗୀ ଅଞ୍ଚଳରେ ପ୍ଲଟ ବ୍ୟବସାୟୀଙ୍କ ସଂଖ୍ୟା ବଢ଼ିଚାଲିଛି। ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# କଣ୍ଢେଇ ମେଳଣ ଆରମ୍ଭ



କଣ୍ଢେଇ ମେଳଣ ଅବସରରେ ଅନୁଷ୍ଠିତ ଶୋଭାଯାତ୍ରା।

**ଯାଁଳା, ୨୮।୩(ବୁଲା ବାରିକ)**

ରାଜଧାନୀ ଉପକଣ୍ଠ ଭଗବାନପୁର-ପାତ୍ରପଡ଼ାଠାରେ କଣ୍ଢେଇ ମେଳଣ ଆରମ୍ଭ ହୋଇଛି। ଶୁକ୍ରବାର ଜମାଣ କାର୍ଯ୍ୟକ୍ରମରେ ପାରମ୍ପରିକ ବାଦ୍ୟ ସହିତ ପାଇକ ଆଖଡ଼ା, ଘୋଡ଼ାନାଚ, ବାଘ ନାଚ, ବୁଢ଼ାବୁଢ଼ୀନାଚ, ବଗବଗୁଲି ନାଚ, ନାଗା ନାଚ ଆଦି ହୋଇଥିବା ଦେଖିବାକୁ ମିଳିଥିଲା। ଜଟଣୀର ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ବିଜେଡି ନେତା ମନ୍ମଥ ରାଉତରାୟ, ସ୍ଥାନୀୟ କର୍ପୋରେଟର ରଶ୍ମିରଞ୍ଜନ ପାଢଶାଣୀ, ପ୍ରଶାସନିକ ଅଧିକାରୀ ଭକ୍ତ ରଞ୍ଜନ ମହାନ୍ତି ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗଦେଇଥିଲେ। ସନ୍ଧ୍ୟାରେ ପାତ୍ରପଡା ଭଗବାନପୁର ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ସଙ୍କୀର୍ତ୍ତନ ପରିବେଷଣ ହୋଇଥିଲା। ଚଳିତବର୍ଷ ପିଲାମାନଙ୍କ ପାଇଁ ଦୁଇଦିନ ଗଞ୍ଜାମର ସୂତା କଣ୍ଢେଇ ନାଚ ପରିବେଷଣ ହେବ।




ବାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ଅବସରରେ ବାହାରିଥିବା ସଚେତନତା ଶୋଭାଯାତ୍ରା।

## ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ

**ଖୋର୍ଦ୍ଧା, ୨୮।୩(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ବାଜପୁରଠାରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଯୁଧିଷ୍ଠିର ସାହୁ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଛାତ୍ରୀଛାତ୍ରଙ୍କୁ ବାଲ୍ୟବିବାହ ଦ୍ୱାରା ହେଉଥିବା ସମସ୍ୟା, ଭ୍ରୁଣ ହତ୍ୟା ରୋକିବା, କେମିତି ସୁସ୍ଥ ରହିବ ବିଷୟରେ ବୁଝାଇଯାଇଥିଲା। ଶିକ୍ଷୟିତ୍ରୀ ବବିତା ମହାନ୍ତି ଝିଅମାନଙ୍କ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ କହିଥିଲେ। ବିଶ୍ୱରଞ୍ଜନ ସେଠୀ, ଲଲାଟ କିଶୋରୀ ଚମ୍ପି, ଦେବାଶିଷ କାଳିଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ସଞ୍ଜୁବାଳା ଦେଇ ଧନ୍ୟବାଦ ଦେଇଥିଲେ।

# ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

**ଖୋର୍ଦ୍ଧା, ୨୮।୩(ପ୍ରଭାତ ପାଣିଗ୍ରାହୀ)**




କର୍ମଶାଳାରେ ଉପସ୍ଥିତ ଅଧିକାରୀମାନେ।

ଖୋର୍ଦ୍ଧା ଉଦ୍ୟାନ କୃଷି କାର୍ଯ୍ୟାଳୟ ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଯୋଜନାରେ ୩ ଦିନିଆ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଖୋର୍ଦ୍ଧା ବ୍ଲକର ୭ଟି ପଞ୍ଚାୟତ ଏବଂ ପୌର ପରିଷଦର ମୋଟ୍ ୧୦୦ଜଣ ମହିଳା ଓ ପୁରୁଷ ଚାଷୀ ଯୋଗଦେଇଥିଲେ। ଅଳ୍ପ ଖର୍ଚ୍ଚରେ କିଭଳି ଅଧିକ ରୋଜଗାର ହୋଇପାରିବ, ସଫଳ ଯୁବ ବ୍ୟବସାୟୀ ହୋଇପାରିବେ ତାହା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ସରକାରଙ୍କ ବିଭିନ୍ନ ଯୋଜନା ଓ ତା'ର ରିହାତି ଉପରେ ଚାଷୀ ବୁଝିଥିଲେ। ଉଦ୍ୟାନ କୃଷିମିଶନ ଯୋଜନାରେ କିଭଳି ଜଣେ ଚାଷୀ ଲାଭବାନ୍ ହୋଇପାରିବେ, ଫଳଚାଷ, ଫୁଲଚାଷ, ପନିପରିବା, ଛତୁଚାଷ, ଜୈବିକ ପ୍ରଣାଳୀରେ ଏବଂ ଅଳ୍ପ ଜଳ ବ୍ୟବହାର କରି କିଭଳି ଚାଷ କରିହେବ ତାହା ଉପରେ ଉପସ୍ଥିତ ଚାଷୀମାନଙ୍କୁ କୁହାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଉଦ୍ୟାନ କୃଷି ବିଭାଗ ଖୋର୍ଦ୍ଧାର ଉପନିର୍ଦ୍ଦେଶକ ବିଜୟ ବେହେରା, ଉପ ନିର୍ଦ୍ଦେଶକ ଉର୍ମିଳା ମହାପାତ୍ର, ସହକାରୀ ଉପନିର୍ଦ୍ଦେଶକ ସ୍ମିତା ମହାନ୍ତି, ସହକାରୀ ଉଦ୍ୟାନ ଅଧିକାରୀ ଗାୟତ୍ରୀ ମହାପାତ୍ର, ଉଦ୍ୟାନ ପରିଦର୍ଶକ ପ୍ରତାପ ଚନ୍ଦ୍ର ପାଇକରାୟ, ସହକାରୀ କୃଷି ଅଧିକାରୀ ବିନୋଦିନୀ ସାହୁ, ଆପିକଲର ଜିଲା ସଂଯୋଜକ ଶିବ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍ୟାନ କ୍ଷେତ୍ର କର୍ମଚାରୀ ସଂଗ୍ରାମ କେଶରୀ ଗୁମାନସିଂ, କୃଷକ ସାଥୀ ବିଶ୍ୱନାଥ ସାହୁ ଏବଂ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ପଞ୍ଚାୟତରେ ଜଳଛତ୍ର ଖୋଲିବାକୁ ପରାମର୍ଶ

**କୃଷ୍ଣପ୍ରସାଦ, ୨୮।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି କୃଷ୍ଣପ୍ରସାଦ ବ୍ଲକ ପରିସରରେ ଜନପ୍ରତିନିଧିଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଉନ୍ନୟନ ଅଧିକାରୀ ଅମିୟ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ପଞ୍ଚାୟତର ଜନସାଧାରଣଙ୍କ ଆବଶ୍ୟକତା ଥିବା ସ୍ଥାନରେ ମାଟିପାତ୍ରରେ ଜଳଛତ୍ର ଏବଂ ଓଆରଏସ୍ ରଖିବାକୁ ପରାମର୍ଶ ଦିଆଯାଇଥିଲା। ବୈଠକରେ ବ୍ଲକ ଅଧକ୍ଷା ସରୋଜିନୀ ତରେଇ, ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ଜଳଯୋଗାଣ ବିଭାଗ ଯନ୍ତ୍ରୀ ପୂର୍ଣ୍ଣେନ୍ଦୁ ଶେଖର ମିଶ୍ର, ବିପିନ ବିହାରୀ ମଙ୍ଗରାଜ, ପ୍ରଭାତ କୁମାର ଜେନା, ସୌଭାଗ୍ୟ କୁମାର ବଳିୟାରସିଂହ, ଅଭିନ୍ନ କୁମାର ପଲାଇ, ମହେନ୍ଦ୍ର ରଞ୍ଜନ ସାହୁ, କାଶୀମ ମହମ୍ମଦଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ହାତୀ ଉପଦ୍ରବ, ଫସଲ ନଷ୍ଟ



**ବେଗୁନିଆ, ୨୮।୩(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଅଞ୍ଚଳରେ ହାତୀଙ୍କ ଉପଦ୍ରବ ଲାଗିରହିଛି। ସନ୍ଧ୍ୟାହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରି ଏବଂ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଓ ପାଚେରି ଭାଙ୍ଗୁଥିବା ନଜିର ରହିଛି। ଏହି ବ୍ଲକ ଅନ୍ତର୍ଗତ ଶଗଡ଼ଭଙ୍ଗା ଗ୍ରାମର ସୁରେନ୍ଦ୍ର କୁମାର ସୁନ୍ଦରାୟ ଏବଂ ପ୍ରସନ୍ନ କୁମାର ବଳିୟାରସିଂହ ଦୁଇ ଏକର ଜମିରେ ଫୁଲ ଏବଂ ବନ୍ଧାକୋବି, ମକା, ବାଇଗଣ, ଟମାଟୋ, ଲଙ୍କା ଚାଷ କରିଥିବାବେଳେ ଗୁରୁବାର ରାତିରେ ୮ଟି ହାତୀ ପଶି ଖାଇବା ସହିତ ଦଳିଚକଟି ନଷ୍ଟ କରିଦେଇଛନ୍ତି। ପ୍ରାୟ ୨ଲକ୍ଷ ଟଙ୍କାର ପରିବା ନଷ୍ଟ ହୋଇଥିବା ଚାଷୀମାନେ ଅଭିଯୋଗ ଆଣିଛନ୍ତି। ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଜନସାଧାରଣଙ୍କ ସହାୟତାରେ ହାତୀପଲଙ୍କୁ ଜଙ୍ଗଲ ଅଭିମୁଖେ ଘଉଡ଼ାଇବା ପାଇଁ ଚେଷ୍ଟା ଚଳାଇଛନ୍ତି।

# କିଶୋରୀ ସୁରକ୍ଷା, ଶିକ୍ଷା ସଚେତନତା ଶିବିର

**ବାଣପୁର, ୨୮।୩(ଦିଲୀପ କୁମାର ସ୍ୱାଇଁ):** ନାଚୁଣୀ ଗୋଦାବରୀଶ ସରକାରୀ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ବସନ୍ତ ଶବରଙ୍କ ଅଧକ୍ଷତାରେ କିଶୋରୀ ସୁରକ୍ଷା ଓ ଶିକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ବକ୍ତାଭାବେ ସ୍କୁଲ ଶିକ୍ଷା ପରିଚାଳନା କମିଟି ଅଧକ୍ଷ ପ୍ରଦୋଷ ଦାସ ଯୋଗଦେଇ ସାଧାରଣ କିଶୋରୀ ତଥା ଅଧ୍ୟୟନରତ ଛାତ୍ରୀମାନଙ୍କ ସୁରକ୍ଷା ଓ ସମ୍ମାନ ରକ୍ଷାରେ ସାମାଜିକ କର୍ତ୍ତବ୍ୟବୋଧତା ଉପରେ ଆନ୍ତରିକତା ଓ ନିଷ୍ଠା ଉପରେ ବକ୍ତବ୍ୟ ରଖିଥିଲେ। ଅତିଥିଭାବେ ଶିକ୍ଷୟିତ୍ରୀ ମୋନିକା ମହାରଣା, ସୋନାଲି ନାୟକ, ବନିତା ପରିଡ଼ା, ନୀହାରିକା ପାଇକରାୟ ଯୋଗଦେଇଥିଲେ। ଶିକ୍ଷକ ସୌମ୍ୟକାନ୍ତ ସାହୁ, ରଞ୍ଜିତ ସାହୁ, କିଶୋର ପ୍ରଧାନ, ହିରଣ୍ୟ କୁମାର ଜାଲି ପ୍ରମୁଖ ସହଯୋଗ କରିଥିଲେ।

# ଗଙ୍ଗପଡ଼ା ଫାଇନାଲରେ

**ଯାଁଳା, ୨୮।୩(ବୁଲା ବାରିକ)**



ଅତିଥିଙ୍କଠାରୁ ଜଣେ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର ଉପକଣ୍ଠ ତମାଣ୍ଡୋ କ୍ରିକେଟ କ୍ଲବ ପକ୍ଷରୁ ଅନୁଷ୍ଠିତ ପ୍ରଭାତ ମେମୋରିଆଲ ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଗଙ୍ଗପଡ଼ା ଟିମ୍ ଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଶୁକ୍ରବାର ଗଙ୍ଗପଡ଼ା ଏବଂ ତମାଣ୍ଡୋ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଗଙ୍ଗପଡ଼ା ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ଓଭରରେ ୬ ଉଇକେଟ ବିନିମୟରେ ୨୬୧ରନ ସଂଗ୍ରହ କରିଥିଲା। ଜବାବରେ ତମାଣ୍ଡୋ ଟିମ୍ ୧୪.୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୪୫ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ତୁଷାର ରାଉତରାୟ ଏବଂ ଖଗେଶ୍ୱର ସୁବୁଦ୍ଧି ମ୍ୟାଚ୍ ପରିଚାଳନା କରିଥିଲେ। ବିଜୟୀ ଟିମ୍‌ର ମୃତ୍ୟୁଞ୍ଜୟ ମାନସିଂହ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇ ଅତିଥି ଗୁରୁକୁଳ ଟ୍ୟୁଟୋରିଆଲର ପ୍ରିନ୍ସିପାଲ ବିଶ୍ୱଜିତ ସାମନ୍ତରାୟଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ରବିବାର ଯଦୁପୁର ଏବଂ ଗଙ୍ଗପଡ଼ା ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ମାନପୁର ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

**ଖୋର୍ଦ୍ଧା, ୨୮।୩(ପ୍ରଭାତ ପାଣିଗ୍ରାହୀ)**



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

ଖୋର୍ଦ୍ଧା ଉପକଣ୍ଠ ଜଟଣୀ ବ୍ଲକ ଅଧୀନ ଅଙ୍ଗାରପଡ଼ା ପଞ୍ଚାୟତ ମାନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କୁମାର ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅରିଶଳ ସ୍କୁଲର ଶିକ୍ଷକ ଆକାଶ କୁମାର ମହାନ୍ତି ମଞ୍ଚ ସଂଯୋଜନା କରିଥିଲେ। କୁନି ପିଲାଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମରୁ ଆରମ୍ଭ ହୋଇଥିଲା ଏହି ପୁରସ୍କାର ବିତରଣ ଉତ୍ସବ। ଅତିଥିଭାବେ ଜଟଣୀ ବ୍ଲକ ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ଖଟେଇ, ଟାଙ୍ଗୀ ବ୍ଲକ ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ମଙ୍ଗରାଜ, ଅଙ୍ଗାରପଡ଼ା ସରପଞ୍ଚ ମମତା ସାହୁ, ସମିତି ସଭ୍ୟା ସୁମିତ୍ରା ସ୍ୱାଇଁ, ଜଟଣୀ ବ୍ଲକ ଶିକ୍ଷକ ସଂଘ ସଭାପତି ଜିତ୍ ରଞ୍ଜନ ମହାପାତ୍ର, ପିଷ୍ଟା ସଭାପତି ଅକ୍ଷୟ କୁମାର ପାଲଟାସିଂ, ମହୁଲ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ଲୋକନାଥ ମିଶ୍ର, ପାଣିଓରା ସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ରବୀନ୍ଦ୍ର ମହାନ୍ତି, ବର୍ତ୍ତମାନର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଜିତ ନାୟକ, ସାମାଜିକ କର୍ମୀ ଗୋପାଳକୃଷ୍ଣ ପ୍ରଧାନ, ୱାର୍ଡସଭ୍ୟା ସୁକାନ୍ତି ନାୟକ ପ୍ରମୁଖ ଯୋଗଦେଇ ବିଦ୍ୟାଳୟରେ ପ୍ରଥମ ଥର ଏଭଳି ଆୟୋଜନକୁ ପ୍ରଶଂସା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସ୍ମରଣିକା ଶିଶୁ ସୃଜନିକା ଓ ପ୍ରାଚୀର ପତ୍ରିକା ଉନ୍ମୋଚିତ କରାଯାଇଥିଲା। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଶିକ୍ଷା ସୁସ୍ଥ ସମାଜ ଗଠନର ଆଧାର

**ବାଘମାରୀ, ୨୮।୩(ମିହିର ରଞ୍ଜନ ମହାପାତ୍ର)**

**କୋକସିଂହ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ**

କୋକସିଂହ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ସତ୍ୟଜିତ ଚମ୍ପତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଡଙ୍ଗରପଡ଼ା ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରବିତ୍ର ମୋହନ ଖାଡଙ୍ଗା ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତାଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ସର୍ବେଶ୍ୱର ସାହୁ ଏବଂ ସମ୍ମାନିତ ଅତିଥିଭାବେ ମୋ ସ୍କୁଲ କମିଟିର ସଭାପତି ଅଶୋକ କୁମାର ଦାଶ, ସ୍ଥାନୀୟ ଭୋଳାନାଥ ବିଦ୍ୟାପୀଠର ପ୍ରଧାନଶିକ୍ଷକ ହୃଷୀକେଶ ଛୋଟରାୟ ଯୋଗଦେଇଥିଲେ। ଶିକ୍ଷା ହିଁ ଏକ ସୁସ୍ଥ ସମାଜ ଗଠନର ମୂଳ ଆଧାର। ତେଣୁ ଶିକ୍ଷା ମାଧ୍ୟମରେ ସମାଜକୁ ଆଗେଇ ନିଆଯାଇପାରିବ ବୋଲି ଅତିଥିମାନେ କହିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଶାନ୍ତ କୁମାର ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସୌମ୍ୟା ରୂପା ପ୍ରଧାନଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲୋପାମୁଦ୍ରା ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷୟିତ୍ରୀ ସୌମ୍ୟା ରୂପା ପ୍ରଧାନ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ଶ୍ରେଣୀ କୋଠରିରେ ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବଜାରରେ ରୟାଲ ଏନ୍‌ଫିଲ୍ଡର ଅଲ୍ ନ୍ୟୁ କ୍ଲାସିକ୍ ୬୫୦

ନୂଆଦିଲ୍ଲୀ,୨୮।୩

ରୟାଲ ଏନ୍‌ଫିଲ୍ଡର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ୍ ନ୍ୟୁ କ୍ଲାସିକ୍ ୬୫୦ର ଅନାବରଣ ସର୍ବଭାରତୀୟ ସ୍ତରରେ ହୋଇଯାଇଛି। ଏପରିକି କ୍ଲାସିକ୍ ୬୫୦ରେ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ଓ ଫିଚର ସାମିଲ ରହିଛି। ଏପରିକି ଏହାର ସୌନ୍ଦର୍ଯ୍ୟ, ଆଧୁନିକ ଡିଜାଇନ ଏବଂ ଅତ୍ୟାଧୁନିକ କାରିଗରିକୁ ମୋଟର ସାଇକେଲ ଚାଳନାର ସ୍ଥାୟୀ ଭାବନା ସହି ଏକତ୍ରିତ କରାଯାଇଛି। ବେସ୍ପୋକ୍ କାରିଗରି ଏବଂ ଡିଜାଇନ ସହିତ ଏହି ମୋଟରସାଇକେଲ କ୍ଲାସିକ୍ ଅଟୋମୋଟିଭ୍ ଡିଜାଇନ, ସୌନ୍ଦର୍ଯ୍ୟ ଏବଂ ଇଞ୍ଜିନିୟରିଂର ସଂସ୍କୃତିକୁ ପ୍ରତିନିଧିତ୍ୱ କରିଛି । ସେହିଭଳି ସାରା ଭାରତରେ ଏହାର ବୁକିଂ, ଟେଷ୍ଟ ରାଇଡ ଓ ସେଲ ନିକଟରେ ଆରମ୍ଭ ହୋଇଯାଇଛି। ରୟାଲ ଏନ୍‌ଫିଲ୍ଡ କ୍ଲାସିକ ୬୫୦ ୪ଟି ଆକର୍ଷଣୀୟ କଲରରେ




ଉପଲବ୍ଧ ହେଉଛି। ଏହାର ଏକ୍ସ-ଶୋ ରୁମ୍ ମୂଲ୍ୟ ବା କ୍ଲାସିକ୍ ୬୫୦କୁ ୩,୩୭,୦୦୦ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଶୁଭାରମ୍ଭ କରାଯାଇଛି। ଅପରପକ୍ଷରେ ହଟରୋଡ ଭାରିଆଣ୍ଟ ଭାଲାମ ରେଡ୍ ଏବଂ ବ୍ରଣ୍ଟିଙ୍ଗଥ୍ରୋପ ବ୍ଲୁ କଲରର ମୂଲ୍ୟ ୩,୩୭,୦୦୦ ଟଙ୍କା, କ୍ଲାସିକ୍ ଭାରିଆଣ୍ଟ ଟିଏଲ କଲର ମୂଲ୍ୟ ୩,୪୧,୦୦୦ ଟଙ୍କା ଏବଂ କ୍ରୋମ ଭାରିଆଣ୍ଟ ବ୍ଲାକ୍ କ୍ରୋମ କଲରର ମୂଲ୍ୟ ୩,୫୦,୦୦୦ ଟଙ୍କାରେ ଉପଲବ୍ଧ ହେଉଛି।

ଏ ସମ୍ପର୍କରେ ଆଇସର ମୋଟର୍ସ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ରୟାଲ ଏନ୍‌ଫିଲ୍ଡର ସିଇଓ ବି ଗୋବିନ୍ଦରାଜନ କହିଛନ୍ତି, କ୍ଲାସିକ୍ ୬୫୦ କେବଳ ଏକ ମୋଟରସାଇକେଲ ନୁହେଁ-ଏହା ଆମର ସମୃଦ୍ଧ ପରମ୍ପରା ପ୍ରତି ଏକ ଅବଦାନ। ଯେଉଁଠାରେ କାଳଜୟୀ ଡିଜାଇନ ସହଜ ପ୍ରଦର୍ଶନ ସହିତ ଏକତ୍ର ହୋଇଛି। ଏହା ରୟାଲ ଏନ୍‌ଫିଲ୍ଡର ଭାବନାକୁ ଆଗକୁ ବଢ଼ାଉଛି, ଯେବେକି ରାଇଡର୍ ଏବଂ ମେଶିନ ମଧ୍ୟରେ ରହିଥିବା ଏକ ଅତୁଟ ବନ୍ଧନ ସହିତ କାରିଗରିକୁ ଏକତ୍ର କରୁଛି। ଆମର ପ୍ରମାଣିତ ୬୫୦ସିସି ସମାନ୍ତରାଳ ଟ୍ୱିନ୍ ପ୍ଲାଟଫର୍ମ ଉପରେ ନିର୍ମିତ ହୋଇଛି।

# ମେଡିକାଲ ଶିକ୍ଷା ତାଲିମରେ ନିବେଶ କରାଯିବା ଉଚିତ

**ମୟୂରଭଞ୍ଜ ଜିଲାର ଏକ ଛୋଟ ଗାଁ ଧଙ୍ଗଡ଼ିଶୋଲରେ ଜନ୍ମିତ ଡ. ଲୋକନାଥ ଦାଶ ବର୍ତ୍ତମାନ କେୟାର ହସ୍ପିଟାଲର ଆସୋସିଏଟ୍ ଭାଇସ୍ ପ୍ରେସିଡେଣ୍ଟ ଭଳି ଗୁରୁଦାୟିତ୍ୱ ତୁଲାଉଛନ୍ତି। ରାଜାଲୋକ ହାଇସ୍କୁଲ, ବାରିପଦାର ଏମ୍‌ପିସି କଲେଜରେ ପାଠପଢ଼ା ପରେ ଫାର୍ମାସିରେ ଡିପ୍ଲୋମା ଓ ପରେ ପରେ ହସ୍ପିଟାଲ ଆଣ୍ଡ୍ ହେଲ୍‌ଥ କେୟାର ମ୍ୟାନେଜମେଣ୍ଟରେ ପିଜି ଓ ପିଏଚ୍.ଡି. କରିଛନ୍ତି। ସ୍ୱାସ୍ଥ୍ୟସେବା ପ୍ରତି ଡ. ଦାଶଙ୍କ ରୁଚି ରହୁଥିବାରୁ ବିଭିନ୍ନ ଅଗ୍ରଣୀ ହସ୍ପିଟାଲରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ଭାଳିଛନ୍ତି। ତାଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ବାର୍ତ୍ତାଳାପ....**


ଡ. ଲୋକନାଥ ଦାଶ

**ପ୍ର- ସ୍ୱାସ୍ଥ୍ୟକ୍ଷେତ୍ରରେ ଆପଣଙ୍କ ଯାତ୍ରା କିପରି ରହିଛି?**

ଉ- ସ୍ୱାସ୍ଥ୍ୟସେବା ପ୍ରତି ଆଗ୍ରହ, ଗୁଣାତ୍ମକ ଚିକିତ୍ସା ସେବା ପ୍ରଦାନ ଓ ବିଶେଷ ଭାବରେ ଗ୍ରାମାଞ୍ଚଳରେ ମୁଁ ଯେଉଁ ସବୁ ଆହ୍ୱାନ ଦେଖିଥିଲି ତାହା ମୋତେ ଏହି କ୍ଷେତ୍ରରେ ପାଦ ରଖିବାକୁ ବାଧ୍ୟ କରିଥିଲା। ରାଜ୍ୟର ଅନେକ ଅଗ୍ରଣୀ ହସ୍ପିଟାଲରେ କାର୍ଯ୍ୟକାଳ ମଧ୍ୟରେ ସ୍ୱାସ୍ଥ୍ୟସେବା ସୁବିଧା, ରୋଗୀସେବା ଏବଂ ଉନ୍ନତ ଚିକିତ୍ସା ପ୍ରଣାଳୀ ଆଣିବା ଦିଗରେ ପ୍ରୟାସ କରିଛି। ସ୍ୱାସ୍ଥ୍ୟଶିଳ୍ପରେ ନୂଆ ନୂଆ ଜ୍ଞାନକୌଶଳ ପ୍ରୟୋଗକରି ଏହାକୁ ନୂତନ ରୂପ ଦେବାକୁ ସବୁବେଳେ ପ୍ରୟାସ କରୁଛି।

**ପ୍ର- କେୟାର ହସ୍ପିଟାଲ କିପରି ରୋଗୀଙ୍କ ବିଶ୍ୱାସଭାଜନ ହୋଇପାରିଛି?**

ଉ- କେୟାର ହସ୍ପିଟାଲରେ ସର୍ବଦା ରୋଗୀସେବାକୁ ପ୍ରାଧାନ୍ୟ ଦେଉଥିବାବେଳେ ଅତ୍ୟାଧୁନିକ ମେଡିକାଲ ଟେକ୍ନୋଲୋଜି ପ୍ରୟୋଗ କରାଯାଉଛି। ଦକ୍ଷ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ଦ୍ୱାରା ଚିକିତ୍ସା ପ୍ରଦାନ କରାଯାଉଛି। ସର୍ଜିକାଲ ଇନୋଭେଶନ ଏବଂ ମେଡିକାଲ ଟ୍ରେନିଂର ଭବିଷ୍ୟତକୁ ଆଗେଇ ନେବା ପାଇଁ ପ୍ରତିଶ୍ରୁତିବଦ୍ଧ। ଆମେ ଏଆଇ ଏବଂ ଅଗ୍‌ମେଣ୍ଟେଡ୍ ରିଅଲିଟି ସହିତ ଇଣ୍ଟିଗ୍ରେଟେଡ୍ ରୋବୋଟିକ ଆଣ୍ଠୁ ପ୍ରତିରୋପଣ ହେଉକି ଲାପାରୋସ୍କୋପିକ ପ୍ରଣାଳୀ, ସବୁଥିରେ ଆମେ ଆଗୁଆ ଅଛୁ। ଅଙ୍ଗପ୍ରତିରୋପଣ ହେଉ କି ହୃଦବିଜ୍ଞାନ, ସବୁଥିରେ ଆମେ ଉନ୍ନତ ସେବା ପ୍ରଦାନ କରିଆସୁଛୁ। ଉନ୍ନତ ସେବା ହିଁ ଆମକୁ ରୋଗୀଙ୍କ ବିଶ୍ୱାସଭାଜନ କରାଇଛି।

**ପ୍ର- ସ୍ୱାସ୍ଥ୍ୟଶିଳ୍ପରେ କେଉଁ ସବୁ ସମସ୍ୟା ରହିଛି, ଏହାର କିପରି ସମାଧାନ କରାଯାଇପାରିବ?**




ଉ- ରାଜ୍ୟରେ ସ୍ୱାସ୍ଥ୍ୟଶିଳ୍ପ ଅଗ୍ରଗତି କରୁଥିଲେ ମଧ୍ୟ ଅନେକ ସମସ୍ୟା ରହିଛି। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମିର ଅଭାବ ରହୁଛି। ଏବେ ମଧ୍ୟ ରୋଗୀଙ୍କ ସଂଖ୍ୟା ଅନୁପାତରେ ଡାକ୍ତର, ନର୍ସ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ ସଂଖ୍ୟା ବହୁତ କମ୍ ରହିଛି। ଅନେକ ସରକାରୀ ଯୋଜନା ସତ୍ତ୍ୱେ ବହୁ ସମୟରେ ଚିକିତ୍ସା ପାଇଁ ଅର୍ଥ ବାଧକ ହେଉଛି। ସେହିପରି ମଧୁମେହ, ହୃଦ୍‌ରୋଗ, କର୍କଟ ଆଦି ଅଣସଂକ୍ରାମକ ରୋଗ ବଢ଼ିବାରେ ଲାଗିଛି। ଛୋଟ ସହରରେ ଏବେ ମଧ୍ୟ ମେଡିକାଲ ଟେକ୍ନୋଲୋଜିର ଦୃଷ୍ଟାନ୍ତମୂଳକ ବ୍ୟବହାର କରାଯାଇପାରୁନାହିଁ। ଏସବୁର ସମାଧାନ ପାଇଁ ସରକାର ଓ ଘରୋଇ ହସ୍ପିଟାଲ ମଧ୍ୟରେ ସମନ୍ୱୟ ରକ୍ଷା କରାଯିବା ଦରକାର। ସ୍ୱାସ୍ଥ୍ୟବୀମା ପରିସରକୁ ବୃଦ୍ଧି କରାଯିବା ଦରକାର। ମେଡିକାଲ ଶିକ୍ଷା ତାଲିମରେ ନିବେଶ କରାଯିବା ଉଚିତ। ଏଆଇ ପରିଚାଳିତ ରୋଗୀପରୀକ୍ଷାକୁ ମଧ୍ୟ ଆପଣେଇବା ଉଚିତ। ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦେବା ଉଚିତ।

**ପ୍ର- ବଦଳୁଥିବା ଜୀବନଶୈଳୀ ମଧ୍ୟରେ ଉତ୍ତମ ସ୍ୱାସ୍ଥ୍ୟରକ୍ଷା ଦିଗରେ ଆପଣଙ୍କର କ'ଣ ପରାମର୍ଶ ରହିବ?**

ଉ- ବାସ୍ତବରେ ବଦଳୁଥିବା ଜୀବନଶୈଳୀ ଦିନକୁ ଦିନ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରୁଛି। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟ, ନିୟମିତ ବ୍ୟାୟାମ, ପ୍ରତିଷେଧମୂଳକ ଚିକିତ୍ସା ଦ୍ୱାରା ମଧୁମେହ, ହୃଦ୍‌ରୋଗ ଭଳି ସ୍ୱାସ୍ଥ୍ୟ ସମସ୍ୟା ଦୂର କରାଯାଇପାରିବ। ଛୋଟଛୋଟ ଅଭ୍ୟାସ ଅନେକ ବଡ଼ ପରିବର୍ତ୍ତନ ଆଣିପାରେ।

**ପ୍ର- ଆପଣଙ୍କ ଏପର୍ଯ୍ୟନ୍ତ ଯାତ୍ରା ଅନୁଭୂତିରୁ ଅନ୍ୟମାନଙ୍କୁ କ'ଣ ପରାମର୍ଶ ଦେବେ?**

ଉ- ଏ ପର୍ଯ୍ୟନ୍ତର ଯାତ୍ରା ମଧ୍ୟରେ ମୁଁ ଅନେକ ଆହ୍ୱାନ ଦେଇ ଗତିକରିଛି, ସେଥିରୁ ଶିଖିଛି ଏବଂ ଆଗକୁ ବଢ଼ିଛି। ଅନ୍ୟମାନଙ୍କୁ ମୋର ପରାମର୍ଶ ଯେ, ସମସ୍ତେ ଅଧ୍ୟୟନ ଜାରି ରଖନ୍ତୁ, ନୂଆ ନୂଆ ଜ୍ଞାନକୌଶଳକୁ ଆପଣେଇବା ସହ ରୋଗୀଙ୍କ ସେବାକୁ ପ୍ରାଥମିକତା ଦିଅନ୍ତୁ।

-ସାକ୍ଷାତ୍‌କାର: **ଅନୁରାଧା ମହାରଣା,** ଭୁବନେଶ୍ୱର

# ଶେୟାର ବଜାର କାରବାରରେ ହ୍ରାସ

ମୁମ୍ବାଇ,୨୮।୩

ଦିନକ ପରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୯୧ (୧୯୧.୫୧) ପଏଣ୍ଟ ହ୍ରାସ ଘଟି ୭୭,୪୧୫(୭୭,୪୧୪.୯୨) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୭୩ (୭୨.୬୦) ପଏଣ୍ଟ କମି ୨୩,୫୧୯ (୨୩,୫୧୯.୩୫) ଅଙ୍କରେ କାରବାର ଶେଷ ହୋଇଥିଲା।

# ଘରୋଇ ବଜାରରେ ପ୍ଲାଟ୍‌ଫର୍ମର ସମ୍ପ୍ରସାରଣ

ନୂଆଦିଲ୍ଲୀ,୨୮।୩

ଦେଶର ପ୍ରମୁଖ ଇ-କର୍ମସ ପ୍ଲାଟ୍‌ଫର୍ମ ତଥା ଆମାଜନ ଇଣ୍ଡିଆର ଗ୍ରୋସରି ୟୁନିଟ୍ 'ଆମାଜନ୍ ଫ୍ରେସ୍'କୁ ଘରୋଇ ବଜାରରେ ସମ୍ପ୍ରସାରଣ କରାଇଛି। ଏପରିକି ଭାରତର ୧୭୦ରୁ ଅଧିକ ସହରରେ ପ୍ଲାଟ୍‌ଫର୍ମର ଗ୍ରୋସରି ସେବାକୁ ସମ୍ପ୍ରସାରଣ କରିଛି। ଏହି ସମ୍ପ୍ରସାରଣ ସହ ଆମାଜନ୍ ଫ୍ରେସ୍ ୨୦୨୩ ଦ୍ୱିତୀୟାର୍ଦ୍ଧ ତୁଳନାରେ ୨୦୨୪ ଦ୍ୱିତୀୟାର୍ଦ୍ଧରେ ବାର୍ଷିକ ୫୦% ବୃଦ୍ଧି ହାସଲ କରିଛି। ସେହିପରି ଆମାଜନ ଫ୍ରେସ୍‌ରେ ଫଳ, ପନିପରିବା, ଦୁଗ୍ଧ ଏବଂ ବ୍ରେଡ୍ ସମେତ ଡେଏରି, ଫ୍ରୋଜେନ୍ ପ୍ରଡକ୍ଟସ, ସୌନ୍ଦର୍ଯ୍ୟ ସାମଗ୍ରୀ, ଶିଶୁ ଯତ୍ନ ଓ ଅତ୍ୟାବଶ୍ୟକ ସାମଗ୍ରୀ, ବ୍ୟକ୍ତିଗତ ଯତ୍ନ ଉତ୍ପାଦ ଏବଂ ଗୃହପାଳିତ ପଶୁ ଯୋଗାଣ ସାମଗ୍ରୀ ସମେତ ବିଭିନ୍ନ ଓଦା ଏବଂ ଶୁଖିଲା ଗ୍ରୋସରି ସାମଗ୍ରୀ ପ୍ରଦାନ କରିଥାଏ।

ଏ ସମ୍ପର୍କରେ ଆମାଜନ୍ ଫ୍ରେସ୍ ଇଣ୍ଡିଆର ନିର୍ଦ୍ଦେଶକ ଶ୍ରୀକାନ୍ତ ଶ୍ରୀରାମ କହିଛନ୍ତି, ଆମାଜନ ଫ୍ରେସ୍ ମାଧ୍ୟମରେ ଆମେ ଆମର ସେବାକୁ ୧୭୦ରୁ ଅଧିକ ସହରକୁ ସମ୍ପ୍ରସାରଣ କରିଛୁ। ଭାରତର ଟାୟାର-୨, ଟାୟାର-୩ ସିଟି ଏବଂ ଏହା ବାହାରେ ମଧ୍ୟ ପ୍ଲାଟ୍‌ଫର୍ମର ପହଞ୍ଚକୁ ବିସ୍ତାର କରିବା ସହ ଗ୍ରାହକମାନଙ୍କୁ ପ୍ରତିଯୋଗିତାମୂଳକ ମୂଲ୍ୟରେ ଉଚ୍ଚମାନର ଗ୍ରୋସରି ସାମଗ୍ରୀ ଉପଲବ୍ଧ କରାଇଛୁ। ଏହାସହ ଏହାକୁ ସୁବିଧାରେ ସେମାନଙ୍କ ଦ୍ୱାରରେ ପହଞ୍ଚାଇପାରୁଛି। ୨୦୨୪ ଦ୍ୱିତୀୟାର୍ଦ୍ଧରେ ୫୦% ଅଭିବୃଦ୍ଧି ସହ ଆମେ ଦେଖିଛୁ, ଗ୍ରାହକମାନେ ସଞ୍ଚୟ, ବିଶାଳ ଚୟନ ଏବଂ ଭରସାଯୋଗ୍ୟ ସ୍ଲଟେଡ୍ ଡେଲିଭରି ପାଇଁ ଆମାଜନ ଫ୍ରେସ୍‌କୁ ପ୍ରଶଂସା କରିଛନ୍ତି। ଏହି ସେବାର ଉଦ୍ଦେଶ୍ୟ ହେଉଛି ବଡ଼ ସଞ୍ଚୟ, ବ୍ୟାପକ ଚୟନ ଏବଂ ସ୍ଲଟ୍ ଡୋରଷ୍ଟେପ ଡେଲିଭରିର ସୁବିଧା ସହ ଏକ ନିରବଚ୍ଛିନ୍ନ ଶପିଂ ଅନୁଭୂତି ପ୍ରଦାନ କରିବା। ଏପରିକି ସତେଜତା ଏବଂ ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ ଆମାଜନ ଫ୍ରେସ୍ ବିକ୍ରେତାମାନେ ୧୧,୦୦୦ ରୁ ଅଧିକ ଚାଷୀଙ୍କଠାରୁ ଫଳ ଏବଂ ପନିପରିବା ସଂଗ୍ରହ କରିଥାନ୍ତି।

# ଏପିରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଜମି ଅଧିଗ୍ରହଣ

ନୂଆଦିଲ୍ଲୀ,୨୮।୩

ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ୍ (ଏଏମ୍‌ଏନ୍‌ଏସ୍) ଇଣ୍ଡିଆ ଆନ୍ଧ୍ରପ୍ରଦେଶ (ଏପି)ରେ ଜମି ଅଧିଗ୍ରହଣ ଆରମ୍ଭ କରିଛି। ଏପରିକି ଆନ୍ଧ୍ରପ୍ରଦେଶର ରଜୟାପେଟାଠାରେ ଏକ ଅତ୍ୟାଧୁନିକ ସମନ୍ୱିତ ଇସ୍ପାତ କାରଖାନା ସ୍ଥାପନ ଯୋଜନାର ଅଂଶ ବିଶେଷ ଭାବେ କମ୍ପାନୀ ଶୁକ୍ରବାର ଆନ୍ଧ୍ରପ୍ରଦେଶର ଅନକାପଲ୍ଲୀ ଜିଲାରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହେବା ସମ୍ପର୍କରେ ଘୋଷଣା କରିଛି। ସେହିଭଳି ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଦେୟ ଦିଆଯାଇଛି ଏବଂ ଖୁବ୍‌ଶୀଘ୍ର ଜମି ହସ୍ତାନ୍ତର କରାଯିବ ବୋଲି ଆଶା କରାଯାଉଛି, ଯାହା ଗ୍ରୀନ୍‌ଫିଲ୍ଡ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବା ପାଇଁ କମ୍ପାନୀର ପଥ ପ୍ରଶସ୍ତ କରିବ ବୋଲି କୁହାଯାଉଛି। ସେହିପରି ପ୍ରାରମ୍ଭିକ ସ୍ତରରେ ପ୍ରସ୍ତାବିତ ବାର୍ଷିକ ୭.୩ ନିୟୁତ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ କ୍ଷମତା ସହ ଏହି ପ୍ରକଳ୍ପ ୨୦୩୦ ସୁଦ୍ଧା ଦେଶର ବାର୍ଷିକ ୩୦୦ ନିୟୁତ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ କ୍ଷମତା ହାସଲ ଲକ୍ଷ୍ୟ ଏବଂ ଆତ୍ମନିର୍ଭର ଭାରତ ପାଇଁ ଘରୋଇ ଉତ୍ପାଦନକୁ ସୁଦୃଢ଼ କରିବା ଦିଗରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ପ୍ରତିବଦ୍ଧତାକୁ ପ୍ରତିପାଦିତ କରୁଛି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ କହିଛନ୍ତି, ଆମେ ଆନ୍ଧ୍ରପ୍ରଦେଶରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆକୁ ସ୍ୱାଗତ କରୁଛୁ ଏବଂ ଏହାର ସଫଳତା ସୁନିଶ୍ଚିତ କରିବା ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ପ୍ରତିବଦ୍ଧ ଅଛୁ। ଏହି ମେଗା ଇସ୍ପାତ କାରଖାନା ନିଯୁକ୍ତି ସୁଯୋଗ ସୃଷ୍ଟିକରିବା ସହ ସ୍ଥାନୀୟ ଗୋଷ୍ଠୀ ଏବଂ ଏହା ବାହାରେ ମଧ୍ୟ ସାମାଜିକ-ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବ। ଏହି ପ୍ରକଳ୍ପ ଆନ୍ଧ୍ରପ୍ରଦେଶକୁ ଏକ ଅଗ୍ରଣୀ ଶିଳ୍ପ କେନ୍ଦ୍ରରେ ପରିଣତ କରିବା ପାଇଁ ଆମ ଦୃଷ୍ଟିକୋଣର ଅନୁରୂପ ହେବ। ଆର୍ସେଲର ମିତ୍ତଲର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଲକ୍ଷ୍ମୀ ମିତ୍ତଲ କହିଛନ୍ତି, ଆନ୍ଧ୍ରପ୍ରଦେଶରେ ଏହି ନିବେଶ ଭାରତୀୟ ଇସ୍ପାତ କ୍ଷେତ୍ରରେ ଆମର ଉପସ୍ଥିତିକୁ ଗଭୀର ଏବଂ ବ୍ୟାପକ କରିବା ସହ ଆମ ସମସ୍ତଙ୍କୁ ବିକଶିତ ଭାରତ ଦିଗରେ ଅଗ୍ରସର କରାଇବ। ଏହା ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଏବଂ ଆନ୍ଧ୍ରପ୍ରଦେଶର ସମସ୍ତଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ, ଆମେ ମିଳିତ ଭାବେ ବିଶ୍ୱ ନିର୍ମାଣ କ୍ଷେତ୍ରରେ ଏକ ପ୍ରମୁଖ ଶକ୍ତି ଭାବରେ ଭାରତର ବଢ଼ୁଥିବା ପ୍ରତିଷ୍ଠାକୁ ଅଧିକ ସୁଦୃଢ଼ କରିବୁ ବୋଲି ଆଶା କରୁଛୁ। ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଆଦିତ୍ୟ ମିତ୍ତଲ କହିଛନ୍ତି, ଆଜି ଆମର ନିବେଶ, ଆନ୍ଧ୍ରପ୍ରଦେଶରେ ଏକ ବିଶ୍ୱସ୍ତରୀୟ ଇସ୍ପାତ କାରଖାନା ନିର୍ମାଣ କରିବା ପାଇଁ ଏକ ଆକର୍ଷଣୀୟ ଯୋଜନାର ପ୍ରଥମ ପଦକ୍ଷେପ, ଯାହା ଭାରତର ଦୀର୍ଘକାଳୀନ ଇସ୍ପାତ ଉତ୍ପାଦନ ମହତ୍ତ୍ୱାକାଂକ୍ଷାରେ ଆମର ଯୋଗଦାନକୁ ସୁଦୃଢ଼ କରିବ। ଆମେ ଆନ୍ଧ୍ରପ୍ରଦେଶ ସରକାରଙ୍କୁ ସେମାନଙ୍କ ବଳିଷ୍ଠ ନେତୃତ୍ୱ ଓ ସ୍ଥାନୀୟ ଗୋଷ୍ଠୀ, ରାଜ୍ୟ ଏବଂ ଭାରତ ପାଇଁ ନିଯୁକ୍ତି ଏବଂ ସ୍ଥାୟୀ ଆର୍ଥିକ ଏବଂ ସାମାଜିକ ମୂଲ୍ୟବୋଧ ସୃଷ୍ଟି କରିବାର ସମାନ ପ୍ରତିବଦ୍ଧତା ପାଇଁ ଧନ୍ୟବାଦ ଜଣାଉଛୁ।

# ମାଲାବାର୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଉଦ୍‌ଘାଟିତ


ମାଲାବାର ନୂତନ ଶୋ'ରୁମ୍‌କୁ ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରୁଛନ୍ତି। ଏହି ଅବସରରେ ଅଭିନେତା ତଥା ମାଲାବାର ଜୁଏଲର୍ସର ବ୍ରାଣ୍ଡ ଆମ୍ବାସାଡର ସବ୍ୟସାଚୀ ମିଶ୍ରଙ୍କ ସମେତ ମାଲାବାର ପରିଚାଳନା ଦଳର ସଦସ୍ୟ, ଶୋ'ରୁମ୍ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି

ଭୁବନେଶ୍ୱର,୨୮।୩ (ଅଭୟ ଦାଶ)

**ଭୁବନେଶ୍ୱରର ସୌଭାଗ୍ୟନଗରରେ ନୂଆ ଶୋ'ରୁମ୍**

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଶୁକ୍ରବାର ଭୁବନେଶ୍ୱରର ସୌଭାଗ୍ୟନଗରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିନେତା ତଥା ମାଲାବାର ଜୁଏଲର୍ସର ବ୍ରାଣ୍ଡ ଆମ୍ବାସାଡର ସବ୍ୟସାଚୀ ମିଶ୍ରଙ୍କ ସମେତ ମାଲାବାର ପରିଚାଳନା ଦଳର ସଦସ୍ୟ, ଶୋ'ରୁମ୍ ଅଧିକାରୀ ଓ କର୍ମଚାରୀ ଏବଂ ଶୁଭେଚ୍ଛୁମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ମାଲାବାର ଗ୍ରୁପ୍‌ର ଚେୟାରମ୍ୟାନ ଏମ୍‌ପି ଅହମ୍ମଦ କହିଥିଲେ, ଆମେ ଆମର ନୂତନ ଶୋ'ରୁମ୍‌କୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଭୁବନେଶ୍ୱରର ସୌଭାଗ୍ୟନଗରଠାରେ ଆମର ୩ୟ ନବୀନ ତମ ଶୋ'ରୁମ୍‌କୁ ଉଦ୍‌ଘାଟନକରି ଆମେ ବେଶ୍ ଖୁସି ଅନୁଭବ କରୁଛୁ। ସେହିଭଳି ସମଗ୍ର ଭାରତର ଜନସାଧାରଣଙ୍କୁ ବିଶ୍ୱ ଶ୍ରେଣୀର ଗହଣା ଯୋଗାଇଦେବାକୁ ଆମର ଯାତ୍ରା ଜାରି ରହିଛି। ଏପରିକି ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସରେ ଆମର କାରିଗରି ଏବଂ ନୈତିକତାପୂର୍ଣ୍ଣ କାର୍ଯ୍ୟାଭ୍ୟାସକୁ ନେଇ ଗର୍ବ ଅନୁଭବ କରୁଛୁ ଏବଂ ଭୁବନେଶ୍ୱର ଅଧିବାସୀଙ୍କୁ ଏକ ଅବିସ୍ମରଣୀୟ କିଣାକିଣି ଅନୁଭୂତି ଯୋଗାଇଦେବାକୁ ଆମେ ଆଗ୍ରହ ରଖୁଛୁ। ସେହିପରି ଏହି ନୂଆ ଶୋ'ରୁମ୍‌ରେ ସୁନା, ହୀରା, ପ୍ଲାଟିନମ ଏବଂ ଜେମ୍‌ଷ୍ଟୋନ ପିସ୍ ସମେତ ବ୍ୟାପକ ବର୍ଗର ଗହଣା ଉପଲବ୍ଧ କରାଉଛି, ଯେଉଁଗୁଡ଼ିକ ପ୍ରତ୍ୟେକ ପସନ୍ଦ ଓ ଅବସରକୁ ଖାପ ଖୁଆଇବା ଭଳି ଡିଜାଇନ କରାଯାଇଛି। ଏପରିକି ଏହି ଅତ୍ୟାଧୁନିକ ଶୋ'ରୁମ୍‌ରେ ଆକର୍ଷଣୀୟ ଗହଣାଗୁଡ଼ିକର ବ୍ୟାପକ କଲେକ୍ସନ ସହ ଗ୍ରାହକଙ୍କୁ ଏକ ଅତୁଳନୀୟ କିଣାକିଣି ଅନୁଭୂତି ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି,ଯେଉଁଠାରେ ପ୍ରତ୍ୟେକ ଅବସର ନିମନ୍ତେ ବହୁବିଧ ବର୍ଗର ଡିଜାଇନ ଓ ଷ୍ଟାଇଲ ପ୍ରଦର୍ଶିତ ହେଉଛି। ଏହି ଉଲ୍ଲେଖନୀୟ ସଫଳତା ଭାରତରେ ତାହାର ଉପସ୍ଥିତିକୁ ପରିବ୍ୟାପ୍ତ କରିବା ଏବଂ ଗ୍ରାହକମାନଙ୍କୁ ଉନ୍ନତର କାରିଗରି ଏବଂ ଅତୁଳନୀୟ ସେବା ଯୋଗାଇଦେବା ନିମନ୍ତେ ବ୍ରାଣ୍ଡର ପ୍ରତିବଦ୍ଧତା କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ ହୋଇଛି।

# ବିଏମ୍‌ଏଫ୍‌ର ନୂତନ ପ୍ଲାନ୍

ନୂଆଦିଲ୍ଲୀ,୨୮।୩

ବନ୍ଧନ ମ୍ୟୁଚୁଆଲ ଫଣ୍ଡ (ବିଏମ୍‌ଏଫ୍)ର ନୂତନ ପ୍ଲାନ୍ 'ସାଲାରି ୱାଲା ପ୍ଲାନ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ନୂତନ ପ୍ଲାନ ସହ ଏକ ନୂଆ ଅଭିଯାନ 'ଆଇଏପି କ୍ୟାମ୍ପେନ'ର ଉନ୍ମୋଚନ କରିଛି, ଯାହା 'ସିଷ୍ଟମାଟିକ ୱିଥ୍‌ଡ୍ରୟାଲ ପ୍ଲାନ୍' (ଏସ୍‌ଡବ୍ଲ୍ୟୁପି)କୁ ଏକ ନୂଆ ରୂପ ଦେଇଛି। ଏହା ଦ୍ୱାରା ନିବେଶକମାନେ ନିଜସ୍ୱ ମ୍ୟୁଚୁଆଲ ଫଣ୍ଡ ନିବେଶଗୁଡ଼ିକରୁ ଏକ ନିୟମିତ ନଗଦ ପ୍ରବାହ ସୃଷ୍ଟିକରିବା ସହ ବଳକା ପାଣ୍ଠିର ନିବେଶ ବଜାୟ ରଖିପାରିବେ। ସେହିଭଳି ଏହି କ୍ୟାମ୍ପେନ ଏସ୍‌ଡବ୍ଲ୍ୟୁପିକୁ ନେଇ ସଚେତନତା ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ବନ୍ଧନ ଏଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, ଏସ୍‌ଆଇପିଗୁଡ଼ିକ ନିବେଶ ପାଇଁ ଏକ ଶୃଙ୍ଖଳିତ ମାଧ୍ୟମ ଭାବେ ବ୍ୟାପକ ଲୋକପ୍ରିୟତା ହାସଲ କରିଥିବାବେଳେ ସ୍ଥାୟୀ ଆର୍ଥିକ ସ୍ୱାଧୀନତା ପାଇଁ ଏସ୍‌ଡବ୍ଲ୍ୟୁପିଗୁଡ଼ିକୁ ଏକ ରଣନୀତି ଭାବେ ଉପଯୋଗ କରାଯାଇନାହିଁ। ହାସ୍ୟାଗ୍ ସାଲାରିୱାଲାପ୍ଲାନ୍ କ୍ୟାମ୍ପେନ ମାଧ୍ୟମରେ ଆମେ ଏସ୍‌ଡବ୍ଲ୍ୟୁପିକୁ ନେଇ ସଚେତନତା ବୃଦ୍ଧିକରି ଏହି ବ୍ୟବଧାନକୁ ଦୂରକରିବାକୁ ଲକ୍ଷ୍ୟ ରଖିଛୁ, ଯାହା ପୂର୍ବନିର୍ଦ୍ଧାରିତ ଫ୍ରିକ୍ୱେନ୍ସିରେ ସ୍ଥାୟୀ ନଗଦ ପ୍ରବାହ ଚାହୁଁଥିବା ନିବେଶକଙ୍କ ପାଇଁ ଏହାକୁ ଅଧିକ ପ୍ରାସଙ୍ଗିକ କରିବ। ଏହାକୁ ଏକ ଢାଞ୍ଚାଗତ, ବେତନ-ଭଳି ଆୟ ଭାବେ ନୂଆ ରୂପ ପ୍ରଦାନକରି ଆମେ ଏହାର ଦ୍ୱୈତ ଲାଭ ସମ୍ପର୍କରେ ସଚେତନତା ବଢ଼ାଇବାକୁ ଚାହୁଁଛୁ, ଯାହା ସମ୍ଭାବ୍ୟ ଅଭିବୃଦ୍ଧି ପାଇଁ ବଳକା ପାଣ୍ଠିର ନିବେଶ ବଜାୟ ରଖିବା ସହ ତରଳତା ସୁନିଶ୍ଚିତ କରିବ।

ଏହି କ୍ୟାମ୍ପେନର ଅଂଶ ଭାବେ ବନ୍ଧନ ମ୍ୟୁଚୁଆଲ ଫଣ୍ଡ ଏକ ଫିଲ୍ମ ଉନ୍ମୋଚନ କରିଛି, ଯାହା ଏକ ଦମ୍ପତିଙ୍କୁ ଅନୁକରଣ କରୁଛ ; ଯିଏକି ନିଜର ଅବସର ପରବର୍ତ୍ତୀ ଆର୍ଥିକ ଭବିଷ୍ୟତ ସୁରକ୍ଷିତ ଅଛି ବୋଲି ବିଶ୍ୱାସ କରୁଛନ୍ତି ଏବଂ ସହଯୋଗ ପାଇଁ ନିଜର ସୁସ୍ଥାପିତ ପିଲାମାନଙ୍କ ଉପରେ ନିର୍ଭର କରୁଛନ୍ତି। ହାସ୍ୟରସ ଓ ପ୍ରାସଙ୍ଗିକତା ମାଧ୍ୟମରେ ଏହି ଫିଲ୍ମ ଦର୍ଶକମାନଙ୍କୁ କେବଳ ସମ୍ପତ୍ତି ସଂଗ୍ରହ କରିବାଠାରୁ ଆଗକୁ ବଢ଼ିବା ଏବଂ ସେମାନେ କିଭଳି ଏକ ସଂରଚିତ, ନିବେଶଭିତ୍ତିକ ଆୟ ମାଧ୍ୟମରେ ଆର୍ଥିକ ସ୍ୱାଧୀନତା ହାସଲ କରିପାରିବେ ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-TELE-ZONAL-BBS-460, ତା.25.03.2025ରିଖ

**କାର୍ଯ୍ୟର ନାମ:** 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ଦୂରସଂଚାର/ ଭୁବନେଶ୍ୱର ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ଦୂରସଂଚାର ଜୋନାଲ (Zonal) କାର୍ଯ୍ୟ ।

**ଟେଣ୍ଡର ମୂଲ୍ୟ(₹):** 30,15,194.84, EMD (₹): 60,300/- ।

ବିଡ୍ ଆରମ୍ଭ ହେବା ତାରିଖ: ତା.02.04.2025ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.16.04.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ୍
PR-1142/P/24-25

# ବରୋଦା ଏମ୍ ଡିଜି ନେକ୍ସଟ୍ ମୋବାଇଲ ଆପ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ,୨୮।୩

ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ଏକ ନୂତନ ମୋବାଇଲ ଆପ୍ 'ବରୋଦା ଏମ୍ ଡିଜି ନେକ୍ସଟ୍ ମୋବାଇଲ୍ ଆପ୍'ର ଶୁଭାରମ୍ଭ କରାଯାଇଛି। ଏପରିକି ବରୋଦା କ୍ୟାଶ୍ ମ୍ୟାନେଜମେଣ୍ଟ ସର୍ଭିସେସ୍ (ବିସିଏମ୍‌ଏସ୍) ବ୍ୟବହାର କରୁଥିବା ବ୍ୟାଙ୍କର କର୍ପୋରେଟ୍ ଗ୍ରାହକଙ୍କ ପାଇଁ ଏହା ଏକ ଉତ୍ସର୍ଗୀକୃତ ନଗଦ ପରିଚାଳନା ସେବା ଭାବେ କାର୍ଯ୍ୟ କରିବ। ଏହା ବ୍ୟାଙ୍କ ଅଫ୍ ବରୋଦାକୁ ଭାରତର ଅଳ୍ପ କେତୋଟି ବ୍ୟାଙ୍କ ମଧ୍ୟରେ ସାମିଲ କରିଛି, ଯେଉଁମାନେ କେବଳ କର୍ପୋରେଟମାନଙ୍କ ନଗଦ ପରିଚାଳନା ଆବଶ୍ୟକତା ପୂରଣ କରିବା ପାଇଁ ଏକ ଆପ୍ ପ୍ରଚଳନ କରିଛନ୍ତି। ବରୋଦା ଏମ୍ ଡିଜି ନେକ୍ସଟ୍ ମୋବାଇଲ ଆପ୍‌ର ଉଦ୍ଦେଶ୍ୟ ହେଉଛି, ବ୍ୟବସାୟୀଙ୍କ କାର୍ଯ୍ୟକାରୀ ପୁଞ୍ଜି ଏବଂ ନଗଦ ପ୍ରବାହକୁ ପରିଚାଳନା କରିବାରେ ଅଧିକ ଦକ୍ଷତା ଆଣିବା ଏବଂ ଦ୍ରୁତ କାର୍ଯ୍ୟକାରିତା ଓ ପରିଚାଳନାକୁ ସହଜ କରିବାରେ ସହାୟକ ହେବା। ଅତ୍ୟାଧୁନିକ ବରୋଦା ଏମ୍ ଡିଜି ନେକ୍ସଟ୍ ମୋବାଇଲ୍ ଆପ କର୍ପୋରେଟ୍ ସଂସ୍ଥା ମାନଙ୍କ ପାଇଁ ନଗଦ ପରିଚାଳନା ଏବଂ କାର୍ଯ୍ୟ ପ୍ରବାହକୁ ସୁବ୍ୟବସ୍ଥିତ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏ ସମ୍ପର୍କରେ ବିଓବିର ଏମ୍‌ଡି ତଥା ସିଇଓ ଦେବଦତ୍ତ ଚାନ୍ଦ କହିଛନ୍ତି, କର୍ପୋରେଟ ଗ୍ରାହକଙ୍କ ପାଇଁ ବରୋଦା ଏମ୍ ଡିଜି ନେକ୍ସଟ ମୋବାଇଲ୍ ଆପ୍‌ର ଶୁଭାରମ୍ଭ ହେବା ସହ ଆମେ କର୍ପୋରେଟ କ୍ଲାଏଣ୍ଟଙ୍କ ନଗଦ ପରିଚାଳନା ଏବଂ ବ୍ୟାଙ୍କିଙ୍ଗ୍ ସେବା ପାଇଁ ଏକ ନୂଆ ଅନୁଭୂତି ସୃଷ୍ଟି କରୁଛୁ। ଏହି ଆପ୍ ଗ୍ରାହକ ଅନୁକୂଳ ଇଣ୍ଟରଫେସ୍, ଉନ୍ନତ ବ୍ୟାଙ୍କିଙ୍ଗ୍ ଟୁଲ୍ସଏବଂ ସାମର୍ଥ୍ୟ ଏବଂ ନିରବଚ୍ଛିନ୍ନ କାର୍ଯ୍ୟକାରିତା ସହିତ ଗ୍ରାହକ ମାନଙ୍କୁ ସମୃଦ୍ଧ ସୂଚନା ପ୍ରଦାନ କରିବ ଯାହା ସେମାନଙ୍କୁ ଏକ ପ୍ରତିଯୋଗିତାମୂଳକ ବ୍ୟବସାୟ କ୍ଷେତ୍ରରେ ଆଗରେ ରହିବାରେ ସାହାଯ୍ୟ କରିବ। ବିଓବିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଲଳିତ ତ୍ୟାଗୀ କହିଛନ୍ତି, ବରୋଦା ଏମ୍ ଡିଜି ନେକ୍ସଟ୍ ମୋବାଇଲ୍ ଆପ୍‌ର ଶୁଭାରମ୍ଭ ନଗଦ ପରିଚାଳନା ସେବାର ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଏବଂ ଏହା ଅଭିନବ, ଭବିଷ୍ୟତ ପାଇଁ ପ୍ରସ୍ତୁତ ଡିଜିଟାଲ୍ ସମାଧାନ ପ୍ରଦାନ ପାଇଁ ଆମ ପ୍ରତିବଦ୍ଧତାକୁ ଦୋହରାଇଛି।

**Canara Bank — କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ବ୍ୟାଙ୍କର ସମସ୍ତ ବକେୟା ଦେୟ ପରିଶୋଧ ଦ୍ୱାରା ସମ୍ପତ୍ତି ବନ୍ଧକମୁକ୍ତ ପାଇଁ ସର୍ବସାଧାରଣ ନୋଟିସ୍**

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାର/ଆଇନଗତ ଉତ୍ତରାଧିକାରୀମାନଙ୍କ ନିମନ୍ତେ ଏହା ଏକ ବିକ୍ରୟ ନୋଟିସ୍ ଅଟେ) ।

| ପାରାଦୀପ ଶାଖା<br>ସହ-ଋଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀମାନଙ୍କ ନାମ ଓ ଠିକଣା | ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ବନ୍ଧକମୁକ୍ତ ତାରିଖ / ବକେୟା ରାଶି |
|---|---|---|
| (୧) ଶ୍ରୀମତୀ ମମତା ମଲ୍ଲିକ (ସହ-ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ), ସ୍ୱା: ୰ବ୍ରଜ ବିହାରୀ ମଲ୍ଲିକ, (୨) ଶ୍ରୀ ବିଷ୍ଣୁ ପ୍ରସାଦ ମଲ୍ଲିକ (ଆଇନଗତ ଉତ୍ତରାଧିକାରୀ), ପିତା: ୰ବ୍ରଜ ବିହାରୀ ମଲ୍ଲିକ, (୩)ମାଷ୍ଟର ବିଦିଶ ରଞ୍ଜନ ମଲ୍ଲିକ, ପିତା: ୰ବ୍ରଜ ବିହାରୀ ମଲ୍ଲିକ, (ଯେହେତୁ ସେ ନାବାଳକ ତାଙ୍କର ମା ମମତା ମଲ୍ଲିକ ଅଭିଭାବକ ଭାବରେ ପ୍ରତିନିଧିତ୍ୱ କରୁଛନ୍ତି), ସମସ୍ତଙ୍କ ଠିକଣା: ସା- ବାଲିଆ, ପୋ.- ଲାଠଙ୍ଗ, ଥାନା: ତିର୍ତ୍ତୋଲ, ତହସିଲି: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର-୭୫୪୧୪୦। | ଶ୍ରୀ ବ୍ରଜ ବିହାରୀ ମଲ୍ଲିକଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.୮୮୧/୪୪୮, ପ୍ଲଟ ନଂ.୧୫୨୩/୨୧୬୯, ଏରିଆ: ୦.୦୫ ଡିସିମିଲି, କିସମ: ଘରବାରୀ, ମୌଜା: ଉଦୟବାଟ, ଥାନା: ପାରାଦୀପ, ତହସିଲି: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର, ଚାରିପାର୍ଶ୍ୱରେ: ଉତ୍ତର- ପ୍ଲଟ ୨୭/୨୮ର ସ୍କେଚ୍, ଦକ୍ଷିଣ- ସଂଯୋଗ ଘରୋଇ ରାସ୍ତା (ଇକ୍ରମାଳି ରାସ୍ତା), ପୂର୍ବ- ରମେଶ ଚନ୍ଦ୍ର ସାହୁଙ୍କ ପ୍ଲଟ ନଂ.୩୩ର ସ୍କେଚ୍, ପଶ୍ଚିମ- ନିରଞ୍ଜନ ବେହେରାଙ୍କ ପ୍ଲଟ ନଂ.୩୧ର ସ୍କେଚ୍। | ୨୫.୧୧.୨୦୨୪ / ୨୬.୦୩.୨୦୨୫ / ୨୭.୦୩.୨୦୨୫ / ଟ.୧୫,୩୬,୧୮୫.୮୫ |

**ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପରଦର୍ଶିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାର/ଆଇନଗତ ଉତ୍ତରାଧିକାରୀମାନଙ୍କ ସମ୍ପତ୍ତି ବିକ୍ରୟ ।**

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮(୧) ଅନୁସାରେ ଉପରଦର୍ଶିତ ତାରିଖରେ ଜାରି କରାଯାଇଥିବା ଦଖଲ ନୋଟିସ୍ ଅନୁଯାୟୀ କାନାରା ବ୍ୟାଙ୍କ (ବ୍ୟାଙ୍କ) ସୁରକ୍ଷିତ ଋଣଦାତା ଭାବେ ଏହାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ମାଧ୍ୟମରେ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେସୀ) ଆକ୍ଟ, ୨୦୦୨ ଅନୁସାରେ ଉପରଦର୍ଶିତ ବକେୟା ରାଶି ସହିତ ସୁଧ ଏବଂ ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଆନୁସଙ୍ଗିକ ଖର୍ଚ୍ଚ ଆଦାୟ କରିବା ପାଇଁ ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି । କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ ସୁରକ୍ଷିତ ସମ୍ପତ୍ତିର ବିକ୍ରୟ ପ୍ରକ୍ରିୟା ଏବଂ ଏହାର ଇ-ନିଲାମର ଖବରକାଗଜ ପ୍ରକାଶନ ଆରମ୍ଭ କରିବାକୁ ଯାଉଛି । ଏତଦ୍‌ଦ୍ୱାରା ଆପଣଙ୍କୁ **୩୦ଦିନିଆ** ନୋଟିସ୍ ଜାରି କରାଗଲା କି ଏହି ସମୟସୀମା ଅତିକ୍ରାନ୍ତ ପରେ, ଯଦି ପୂର୍ବଦର୍ଶିତ ବକେୟା ରାଶି ପୈଠ କରିନଥାନ୍ତି ତେବେ ବ୍ୟାଙ୍କ ସରଫେସୀ ଆକ୍ଟ ଏବଂ ଏହାର ଅନ୍ତର୍ଗତ ନିୟମାବଳୀ ଅନୁସାରେ ସର୍ବସାଧାରଣ ନିଲାମ ମାଧ୍ୟମରେ ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରୟ କରିବାପାଇଁ ପଦକ୍ଷେପମାନ ଗ୍ରହଣ କରିବେ । ସରଫେସୀ ଆକ୍ଟ ୨୦୦୨ର ଧାରା ୧୩(୮) ର ସଂଶୋଧନ ଅନୁସାରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆପଣଙ୍କୁ ପରାମର୍ଶ ଦିଆଯାଉଛିକି ବ୍ୟାଙ୍କକୁ ଏହି ନୋଟିସ୍ ପ୍ରାପ୍ତିର **୩୦ଦିନ** (ନିଲାମ ନୋଟିସ୍ ପ୍ରକାଶନ ପୂର୍ବରୁ) ମଧ୍ୟରେ ବକେୟା ରାଶି ପୈଠ କରନ୍ତୁ ଅନ୍ୟଥା ସୁରକ୍ଷିତ ସମ୍ପତ୍ତିର ନିଲାମ ବିକ୍ରୟ ନୋଟିସ୍ ଖବରକାଗଜ ପ୍ରକାଶନ ପରେ ଆପଣଙ୍କ ସମ୍ପତ୍ତି ବନ୍ଧକମୁକ୍ତ କରିବାର ଅଧିକାର ରହିବ ନାହିଁ ।

ତାରିଖ: ୨୮.୦୩.୨୦୨୫, ସ୍ଥାନ: କଟକ — କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

## ଚିଲିକାରେ ମହିଳା ପର୍ଯ୍ୟଟକଙ୍କ ମୃତ୍ୟୁ

ବାଲୁଗାଁ,୨୮।୩(ସଂଗ୍ରାମ ପାଇକରାୟ): ଚିଲିକା ପରିଭ୍ରମଣରେ ଆସିଥିବା ଜଣେ ମହିଳା ପର୍ଯ୍ୟଟକଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅଧୀନ ସନ୍ତୋଷପୁର ଗ୍ରାମର ଲଳିତା ମହାନ୍ତ (୫୫)। ସୂଚନା ମୁତାବକ, ଲଳିତା ପରିବାର ସହ ଚିଲିକା ପରିଭ୍ରମଣ ଏବଂ ମା'କାଳିଜାଈଙ୍କ ଦର୍ଶନ ନିମନ୍ତେ ଗୁରୁବାର ସନ୍ଧ୍ୟାରେ ବାଲୁଗାଁ ଆସି ଚିଲିକା କୂଳରେ ଥିବା ଏକ ହୋଟେଲରେ ରହିଥିଲେ। ଶୁକ୍ରବାର ସକାଳେ ସପରିବାର ମା'କାଳିଜାଈ ବୁଲିବାକୁ ଯାଇଥିବା ବେଳେ ଲଳିତା ଅସୁସ୍ଥ ଅନୁଭବ କରିବାରୁ ହୋଟେଲରେ ଏକୁଟିଆ ରହିଥିଲେ। କିଛି ସମୟ ପରେ ଲଳିତା ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିବା ଦେଖି ହୋଟେଲ କର୍ମଚାରୀମାନେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଅଧାବାଟରୁ ଫେରି ହୋଟେଲରେ ପହଞ୍ଚି ଲଳିତାଙ୍କୁ ଚିକିତ୍ସା ପାଇଁ ବାଲୁଗାଁ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଆବାସିକ ଅଞ୍ଚଳରେ ସିଏନ୍‌ଜି ଷ୍ଟେଶନ ନିର୍ମାଣକୁ ଝଟକା

### କାରଣ ଦର୍ଶାଅ ନୋଟିସ ସହ କାମ ବନ୍ଦ କରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୮।୩ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅନ୍ତର୍ଗତ କାନନବିହାର ଫେଜ୍-୧ସ୍ଥିତ ଆବାସିକ ଅଞ୍ଚଳରେ ଗେଲ୍ ଇଣ୍ଡିଆ ପକ୍ଷରୁ ନିର୍ମାଣ ହେଉଥିବା ସିଏନ୍‌ଜି ଷ୍ଟେଶନ ନିର୍ମାଣକୁ ଝଟକା ଲାଗିଛି। କୌଣସି ଅନୁମତି ନ ନେଇ ଜନବସତି ଅଞ୍ଚଳରେ ସିଏନ୍‌ଜି ଷ୍ଟେଶନ ନିର୍ମାଣ କରାଯାଉଥିଲା। ତେଣୁ ଆଇନ ଅନୁଯାୟୀ ତାଙ୍କ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ବୋଲି ୭ଦିନ ମଧ୍ୟରେ ଉତ୍ତର ରଖିବାକୁ ଖୋର୍ଦ୍ଧା ଜିଲାପାଳ ଗେଲ୍ ଇଣ୍ଡିଆର ସିଏମ୍ କିରଣ କୁମାର ଗୁଡ଼ିଆଙ୍କୁ ନୋଟିସ ଜାରି କରିଛନ୍ତି। ଏଥିସହ ତୁରନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବାସିକ କଲୋନି ଭିତରେ ସିଏନ୍‌ଜି ଷ୍ଟେଶନ ନିର୍ମାଣ ହେଲେ ସାଧାରଣ ଲୋକଙ୍କ ଜୀବନ ପ୍ରତି ବିପଦ ରହିଛି। ତେଣୁ ନିର୍ମାଣ ପୂର୍ବରୁ ଜିଲାପାଳଙ୍କ ସ୍ୱୀକୃତି ନିହାତି ଆବଶ୍ୟକ। ମାତ୍ର ସଂସ୍ଥା ପକ୍ଷରୁ କୌଣସି ସ୍ୱୀକୃତି ନିଆଯାଇ ନାହିଁ। ତେବେ ୭ଦିନ ଭିତରେ ସନ୍ତୋଷଜନକ ଉତ୍ତର ନ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳଙ୍କ ପକ୍ଷରୁ ତାଗିଦ କରାଯାଇଛି। ସୂଚନାଯୋଗ୍ୟ, ଚନ୍ଦ୍ରଶେଖରପୁର ମୌଜା ପ୍ଲଟ୍ ନଂ. ୪୫୭ ଖାତା ନଂ. ୬୧୯ (ଗୋଚର)ରେ ସିଏନ୍‌ଜି ଓ ପିଏନ୍‌ଜି ଷ୍ଟେଶନ ନିର୍ମାଣ କରାଯାଉଛି। ଏହା ଏକ ଆବାସିକ ଅଞ୍ଚଳ ହୋଇଥିବାରୁ ଭବିଷ୍ୟତରେ କୌଣସି ଅଘଟଣ ହେଲେ ଅନେକ ଧନଜୀବନ ହାନିହେବା ଆଶଙ୍କା ରହିଛି। ତେଣୁ ସମ୍ପୃକ୍ତ ନିର୍ମାଣସ୍ଥଳର ୫ମିଟର ଦୂର କାନନବିହାରସ୍ଥିତ ଏଚ୍ଆଇଜି-୧୭୯ ଫେଜ୍-୧ରେ ରହୁଥିବା ଶୁକଦେବ ମହାନ୍ତି ଏନେଇ ଏନ୍‌ଜିଟିରେ ମାମଲା ଦାୟର କରିଥିଲେ। ଏହାର ଶୁଣାଣିକରି ଏନ୍‌ଜିଟି ଇଷ୍ଟର୍ନ ଜୋନ୍ ବେଞ୍ଚ କୋଲକାତା ପକ୍ଷରୁ ଜିଏ ବିଭାଗ, ବିଏମ୍‌ସି, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ପେଟ୍ରୋଲିୟମ ଆଣ୍ଡ ଏକ୍ସପ୍ଲୋସିଭ୍ ସେଫ୍ଟି ଅର୍ଗାନାଇଜେଶନ (ପିଇସିଓ), ପରିବେଶ, ଜଙ୍ଗଲ ଓ ଜଳବାୟୁ ମନ୍ତ୍ରଣାଳୟ ପ୍ରମୁଖଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। କାହା ଅନୁମତିରେ ଆବାସିକ ଅଞ୍ଚଳରେ ଏହି ଷ୍ଟେଶନ ନିର୍ମାଣ କରାଯାଉଛି ତାହାର ଉତ୍ତର ୪ ସପ୍ତାହ ମଧ୍ୟରେ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାପରେ ସଂସ୍ଥା ପକ୍ଷରୁ ନିର୍ମାଣ ପାଇଁ ଅନୁମତି ନିଆଯାଇଛି କି ନାହିଁ ତାହାର ତଦନ୍ତ କରିବା ପାଇଁ ଖୋର୍ଦ୍ଧା ଜିଲାପାଳଙ୍କ ପକ୍ଷରୁ ଭୁବନେଶ୍ୱର ଡିସିପିଙ୍କୁ ଚିଠି କରାଯାଇଥିଲା। ତଦନ୍ତ ରିପୋର୍ଟ ଆଧାରରେ ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ସହିତ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ମେ ୩୦ରେ ଏନ୍‌ଜିଟିରେ ଏହାର ପରବର୍ତ୍ତୀ ଶୁଣାଣି ହେବା ନେଇ ସୂଚନା ଦିଆଯାଇଛି।



ଓଡ଼ିଶା ଦୁଗ୍ଧଚାଷୀ ମହାସଂଘର କର୍ମକର୍ତ୍ତାମାନେ ଶୁକ୍ରବାର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ତାଙ୍କ ବାସଭବନରେ ସାକ୍ଷାତ୍ କରି ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

## ଦୁଗ୍ଧଚାଷୀଙ୍କୁ ଲିଟର ପିଛା ୪୦ ଟଙ୍କା ପ୍ରଦାନ ଦାବିରେ ମନ୍ତ୍ରୀଙ୍କୁ ସ୍ମାରକପତ୍ର

ଭୁବନେଶ୍ୱର, ୨୮।୩ (ବନ୍ଦନା ସେଠୀ)

ରାଜ୍ୟର ୧୫ଲକ୍ଷ ଦୁଗ୍ଧଚାଷୀ ଏବଂ ଦୁଗ୍ଧ ଓ ଅନ୍ୟାନ୍ୟ ମିଷ୍ଟାନ୍ନ ଦ୍ରବ୍ୟକୁ ନେଇ ଗୁଜରାଣ ମେଣ୍ଟାଉଥିବା ୩ଲକ୍ଷ ପରିବାର ଆର୍ଥିକ ଦୁର୍ଦ୍ଦଶା ଦେଇ ଗତି କରୁଛନ୍ତି। ହେଲେ ଓମ୍‌ଫେଡ୍ ଦୁଗ୍ଧଚାଷୀଙ୍କୁ ୩୫ ଟଙ୍କା ୫ ପଇସା ଦେଇ ବଜାରରେ ଲିଟର ପିଛା ୬୨ ଟଙ୍କା ୧୦ ପଇସାରେ କ୍ଷୀର ବିକ୍ରି କରୁଛି। ତେଣୁ ଚାଷୀଙ୍କୁ ଲିଟର ପିଛା ସର୍ବନିମ୍ନ ୪୦ଟଙ୍କା ଦେବାକୁ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ପକ୍ଷରୁ ଦାବି କରାଯାଇଛି। ଏନେଇ ଶୁକ୍ରବାର ମହାସଂଘ ଅଧ୍ୟକ୍ଷ ରବି ବେହେରାଙ୍କ ନେତୃତ୍ୱରେ ୫ଜଣିଆ ପ୍ରତିନିଧି ଦଳ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ତାଙ୍କ ବାସଭବନରେ ସାକ୍ଷାତ୍ କରି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଚାଷୀମାନେ ପୂର୍ବରୁ ଗୋଖାଦ୍ୟକୁ ୯୦୦ ଟଙ୍କାରେ କିଣୁଥିବାବେଳେ ଏବେ ତା'ର ଦାମ୍ ବଢି ୧୪୦୦ ଟଙ୍କାରେ ପହଞ୍ଚିଛି। ସେହିପରି ଗାଈଗୋରୁଙ୍କ ଔଷଧ, ଇଞ୍ଜେକ୍ସନର ବଜାର ଦର ହୁ ହୁ ହୋଇ ବଢିଚାଲିଛି। ମାତ୍ର ସେହି ତୁଳନାରେ କ୍ଷୀର ଓ ଅନ୍ୟାନ୍ୟ ଦୁଗ୍ଧଜାତ ଦ୍ରବ୍ୟର ଦାମ୍ ବୃଦ୍ଧି ପାଇନାହିଁ। ତେଣୁ ଦୁଗ୍ଧଚାଷୀଙ୍କ ଅର୍ଥନୈତିକ ମେରୁଦଣ୍ଡ ଭୁଶୁଡ଼ି ପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ସରକାର ଦୁଗ୍ଧ ଦର ବଢାଇବାକୁ ମହାସଂଘ ପକ୍ଷରୁ ଦାବି କରାଯାଇଛି। ସେହିପରି କୃଷକମାନଙ୍କୁ ଶୂନ ପ୍ରତିଶତ ସୁଧରେ ବ୍ୟାଙ୍କ ଋଣ ଦିଆଯାଉଥିବାବେଳେ ଦୁଗ୍ଧଚାଷୀଙ୍କ କ୍ଷେତ୍ରରେ ଏହାକୁ ଲାଗୁ କରିବାକୁ ମହାସଂଘ ଦାବି କରିଛି। ଗାଈଗୋରୁଙ୍କ ଔଷଧ, ଇଞ୍ଜେକ୍ସନ ଦାମ ବୃଦ୍ଧିକୁ ଦୃଷ୍ଟିରେ ରଖି ଆୟୁଷ୍ମାନ ଯୋଜନା ଭଳି ଗାଈଗୋରୁଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟବୀମା ଯୋଜନା ପ୍ରଚଳନ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଏହି ପ୍ରତିନିଧି ଦଳରେ ମହାସଂଘ ଉପାଧ୍ୟକ୍ଷ ଦୁଃଶାସନ ମହାପାତ୍ର, ସମ୍ପାଦକ ନାରାୟଣ ଡାଲୁଆ, ଗୌରାଙ୍ଗ ରାଉତ, ତାପସ ମହାନ୍ତି ପ୍ରମୁଖ ଥିଲେ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଇତିଶ୍ରୀ



@ ଜୟଶ୍ରୀ



@ ମହେଶ



@ ପ୍ରସାଦ



@ ସତ୍ୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପ୍ରମାଣ ଅଭାବରୁ ୪ ଅଭିଯୁକ୍ତ ନିର୍ଦ୍ଦୋଷ ସାବ୍ୟସ୍ତ

### ପୂର୍ଣ୍ଣଚନ୍ଦ୍ର ହତ୍ୟା ମାମଲା, ୧୧ବର୍ଷ ପରେ ରାୟ

- ଜେଲରେ ଆତ୍ମହତ୍ୟା କରିଥିଲେ ସ୍ତ୍ରୀ
- ୩ଜଣ ଅଭିଯୁକ୍ତ ଖଲାସ ହେଲେ

ଭୁବନେଶ୍ୱର,୨୮।୩(ସୂର୍ଯ୍ୟକାନ୍ତ ବେହେରା)

ଜଟଣୀ ଥାନା ଅନ୍ତର୍ଗତ ଯାଁଳା ଅଞ୍ଚଳରେ ଘଟିଥିବା ପୂର୍ଣ୍ଣଚନ୍ଦ୍ର ସାହୁ ହତ୍ୟା ମାମଲାର ରାୟ ୧୧ବର୍ଷ ପରେ ଭୁବନେଶ୍ୱରସ୍ଥିତ ୩ୟ ଅତିରିକ୍ତ ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ପ୍ରକାଶ ପାଇଛି। ବିଚାରପତି ହିମାଂଶୁ ଶେଖର ମଲ୍ଲିକ ମୃତ ପୂର୍ଣ୍ଣଚନ୍ଦ୍ରଙ୍କ ସ୍ତ୍ରୀ ସୁକାନ୍ତି ସାହୁଙ୍କ ସମେତ ୪ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ତେବେ ସୁକାନ୍ତି ପୂର୍ବରୁ ଜେଲରେ ଆତ୍ମହତ୍ୟା କରିଥିବାବେଳେ ଅନ୍ୟ ୩ଜଣ ହେଲେ ପ୍ରତାପ ପରିଡା, ରୁଦ୍ର ପ୍ରସାଦ ମହାନ୍ତି ଓ ଅର୍ଜୁନ ପ୍ରଧାନ। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତମାନଙ୍କୁ କୋର୍ଟ ସନ୍ଦେହରେ ଖଲାସ କରିଛନ୍ତି।
୨୦୧୩ ନଭେମ୍ବର ୨୬ ବିଳମ୍ବିତ ରାତିରେ ତଳଖେତା ଛକରୁ ଜଟଣୀ ଯିବା ରାସ୍ତା ପାର୍ଶ୍ୱରେ ଥିବା ଏକ ପରିତ୍ୟକ୍ତ ଘର ନିକଟରେ ପୂର୍ଣ୍ଣଚନ୍ଦ୍ରଙ୍କର ମୃତଦେହ ମିଳିଥିଲା। ପୂର୍ଣ୍ଣଚନ୍ଦ୍ରଙ୍କ ତଣ୍ଟି କଟାଯିବା ସହ ମୁଣ୍ଡ ଓ ପେଟରେ ଗଭୀର କ୍ଷତ ଚିହ୍ନ ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା। ଏନେଇ ପୂର୍ଣ୍ଣଙ୍କର ଦାଦାପୁଅ ଭାଇ ନରେନ୍ଦ୍ର ସାହୁଙ୍କ ଏତଲାକ୍ରମେ ଜଟଣୀ ପୋଲିସ ଏକ ହତ୍ୟା ମାମଲା (ନଂ.୨୮୫/୨୦୧୩) ରୁଜୁ କରି ତଦନ୍ତ କରିଥିଲା। ଘଟଣାସ୍ଥଳରୁ ପୋଲିସ ରକ୍ତଭିଜା କପଡ଼ା ଆଦି ଜବତ କରିଥିଲା। ପରେ ଏହି ମାମଲାରେ ସ୍ତ୍ରୀ ସୁକାନ୍ତି ଓ ତାଙ୍କ ଧରମ ଭାଇ ପ୍ରତାପଙ୍କ ସହ ସହଯୋଗୀ ରୁଦ୍ର ପ୍ରସାଦ ଓ ଅର୍ଜୁନଙ୍କୁ ଗିରଫ କରିଥିଲା। ୨୦୧୪ ମାର୍ଚ୍ଚ ୨୭ରେ ପୋଲିସ ଚାର୍ଜଶିଟ୍ ଦାଖଲ କରିଥିଲା। ସରକାରୀ ଓକିଲ ପ୍ରଦୀପ୍ତ କୁମାର ମିଶ୍ର ମାମଲା ପରିଚାଳନା କରୁଥିବା ବେଳେ ପୋଲିସ ଉପଯୁକ୍ତ ପ୍ରମାଣ ଦାଖଲ କରିବାରେ ବିଫଳ ହୋଇଥିଲା। ଏହି ମାମଲାରେ ୨୬ଜଣ ସାକ୍ଷୀଙ୍କ ମଧ୍ୟରୁ ୧୮ଜଣ କୋର୍ଟରେ ବୟାନ ବଦଳାଇଥିଲେ। ଏତଲାକାରୀ ଭାଇ ନରେନ୍ଦ୍ର ମଧ୍ୟ ଏହାକୁ ଦୁର୍ଘଟଣାଜନିତ ମୃତ୍ୟୁ ବୋଲି କହିଥିଲେ।

## ବନ୍ଦ ସ୍କୁଲ ଖୋଲିବାରେ ପିଲା ସଂଖ୍ୟା ପ୍ରତିବନ୍ଧକ ନ ସାଜୁ

ଭୁବନେଶ୍ୱର,୨୮।୩(ସୁଚିସ୍ମିତା ସାହୁ)

ରାଜ୍ୟରେ ବନ୍ଦ ଥିବା ବିଦ୍ୟାଳୟଗୁଡିକୁ ଖୋଲାଯିବା ନେଇ ବିଧାନସଭାରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି। ଛାତ୍ରୀଛାତ୍ର ସଂଖ୍ୟା କମ୍ ଥିବା ୫୬୩୨ଟି ସ୍କୁଲ ଏବଂ ୧୦୦ ମିଟର ବ୍ୟବଧାନରେ ଥିବା ୨୧୨୫ଟି ସାଟେଲାଇଟ ସ୍କୁଲକୁ ମିଶ୍ରଣ କରାଯାଇଛି। ସଂରକ୍ଷିତ ଅଞ୍ଚଳରେ ୨୦ ଓ ଅଣସଂରକ୍ଷିତ ଅଞ୍ଚଳରେ ୪୦ ପିଲା ଥିଲେ ସ୍କୁଲ ଖୋଲିବାକୁ ବିଚାର କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ହେଲେ ପିଲା ସଂଖ୍ୟାକୁ ନ ଦେଖି ପାଠପଢ଼ିବାକୁ ଆଗ୍ରହୀ ଥିବା ଛାତ୍ରୀଛାତ୍ରଙ୍କ ନିମନ୍ତେ ବିଦ୍ୟାଳୟଗୁଡିକ ଖୋଲିବାକୁ ମହାସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ସଂରକ୍ଷିତ ଅଞ୍ଚଳରେ ଯେଉଁଠି ଜଙ୍ଗଲ, ପାହାଡ଼, ନଦୀ, ହିଂସ୍ର ଜନ୍ତୁଙ୍କ ଚଳପ୍ରଚଳ ସେଠାରେ ସର୍ବନିମ୍ନ ୨୦ ଜଣ ପିଲା ହେଲେ ସେଠାର ପିଲାମାନେ କେମିତି ପାଠପଢ଼ିବେ। ଅଣସଂରକ୍ଷିତ ଅଞ୍ଚଳରେ ସର୍ବନିମ୍ନ ୪୦ଜଣ ପିଲା କ୍ଷେତ୍ରରେ ଯେଉଁଠି ଜାତୀୟ ରାଜପଥ, ନଦୀ ଆଦି ପ୍ରତିବନ୍ଧକ ରହିଛି, ସେଠାରେ ଏପରି ଅବ୍ୟବସ୍ଥା ଯୋଗୁ ଅନେକ ପିଲା ପାଠ ସୁଦ୍ଧା କିଛି ବି ହେଲା ନାହିଁ। ହିମାଞ୍ଚଳ ପ୍ରଦେଶ, ଅରୁଣାଞ୍ଚଳ ପରି ରାଜ୍ୟରେ ଅଳ୍ପ ପିଲାରେ ମଧ୍ୟ ସ୍କୁଲ ଚାଲୁଛି। ଆମ ରାଜ୍ୟରେ ମଧ୍ୟ ଦୁର୍ଗମ ଅଞ୍ଚଳ ସହ ଅନ୍ୟାନ୍ୟ ପ୍ରାକୃତିକ ଓ ମାନବକୃତ ପ୍ରତିବନ୍ଧକ ରହିଛି। ତେଣୁ ଏହାକୁ ଅତ୍ୟନ୍ତ

### ସ୍ୱାଗତକଲା, ପ୍ରସ୍ତାବ ରଖିଲା ଅଭିଭାବକ ମହାସଂଘ

ନ ପଢି ଡ୍ରପ୍‌ଆଉଟ ହୋଇଛନ୍ତି। ଏହି ନିୟମ ହେବା ଦ୍ୱାରା ସବୁ ସ୍କୁଲ ବନ୍ଦ ହୋଇଗଲା, ପୁଣି ସେହି ନିୟମ ନ ରଖିବାକୁ ମହାସଂଘ ଦାବି କରିଛି। ଯେପରି ଗୋଟିଏ ବି ପିଲା ସ୍କୁଲ ବନ୍ଦ କାରଣରୁ ପାଠପଢ଼ାରୁ ବଞ୍ଚିତ ନ ହୁଅନ୍ତୁ, ସେଥିପାଇଁ ଶିକ୍ଷା ଅଧିକାର ଆଇନ ଅନୁଯାୟୀ ସ୍କୁଲ ଖୋଲିବାର ବ୍ୟବସ୍ଥା କରାଯାଉ। ନିର୍ବାଚନୀ ମାନିଫେଷ୍ଟୋରେ ଭାଜପା ସବୁ ବନ୍ଦ ସ୍କୁଲ ଖୋଲିବା ଘୋଷଣା ଏଯାଏ କାର୍ଯ୍ୟକାରୀ ହେଲାନାହିଁ। ଓଡ଼ିଶା ଅଭିଭାବକ ମହାସଂଘ ପ୍ରାୟ ୩ଥର ମୁଖ୍ୟମନ୍ତ୍ରୀଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ ଗୁରୁତ୍ୱର ସହ ବିଚାରକରି ବିଭାଗ ସ୍ୱତନ୍ତ୍ର ଚିଠି କରି ତୁରନ୍ତ ଆବେଦନ, ଅଭିଯୋଗ, ପ୍ରସ୍ତାବ ଗ୍ରହଣ କରନ୍ତୁ। ଯେଉଁଠି ନିହାତି ଆବଶ୍ୟକ ଓ ଖୋଲାଯାଇପାରିବ, ସେଠି ତୁରନ୍ତ ସ୍କୁଲ ଖୋଲନ୍ତୁ। ପିଲା ସଂଖ୍ୟା ଛାଡ଼ି କେବଳ ଗାଁ କମିଟି ଓ ସ୍କୁଲ କମିଟି ଗଠନ କରି ସ୍କୁଲ ଖୋଲିଲେ ଲକ୍ଷ ଲକ୍ଷ ଛାତ୍ରୀଛାତ୍ର ଓ ଅଭିଭାବକ ନ୍ୟାୟ ପାଇବା ସହ ଶିକ୍ଷାଦାନ କ୍ଷେତ୍ରରେ ଏକ ଐତିହାସିକ ପଦକ୍ଷେପ ହେବ ବୋଲି ମହାସଂଘ ସଭାପତି ବାସୁଦେବ ଭଟ୍ଟ, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ ଓ ମହାସଚିବ ଅଶୋକ ପାଇକରାୟ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଆଜି ବର୍ଷର ପ୍ରଥମ ଆଂଶିକ ସୂର୍ଯ୍ୟୋପରାଗ

### ଓଡ଼ିଶାରେ ଦୃଶ୍ୟମାନ ହେବନାହିଁ

ଭୁବନେଶ୍ୱର,୨୮।୩(ସୁଚିସ୍ମିତା ସାହୁ)

ଚଳିତ ବର୍ଷର ପ୍ରଥମ ଆଂଶିକ ସୂର୍ଯ୍ୟୋପରାଗ ଶନିବାର ସଂଗଠିତ ହେବ। ଉତ୍ତର ଆମେରିକା, ଗ୍ରୀନ୍‌ଲ୍ୟାଣ୍ଡ, ଆଇସ୍‌ଲ୍ୟାଣ୍ଡ, ଉତ୍ତର ଆଟ୍‌ଲାଣ୍ଟିକ ମହାସାଗର, ୟୁରୋପ ଏବଂ ଉତ୍ତର-ପଶ୍ଚିମ ରୁଷ୍‌ରେ ଏହା ଦୃଶ୍ୟମାନ ହେବ। ତେବେ ବର୍ଷର ପ୍ରଥମ ସୂର୍ଯ୍ୟୋପରାଗ ଭାରତ କିମ୍ବା ଓଡ଼ିଶାରେ ଦୃଶ୍ୟମାନ ହେବନାହିଁ। ଏହା ଭାରତୀୟ ସମୟ ଦିନ ୨ଟା ୨୦ରୁ ଆରମ୍ଭ ହୋଇ ୪ଟା ୧୭ ମିନିଟରେ ସର୍ବାଧିକ ପରାଗ ୯୦% ହେବ। ସେହିପରି ଅପରାହ୍ନ ୪ଟା ୧୪ ମିନିଟରେ ପରାଗ ଶେଷ ହେବ ବୋଲି ଜ୍ୟୋତିର୍ବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ପରାଗ ସମୟରେ ପୃଥିବୀ, ଚନ୍ଦ୍ର ଓ ସୂର୍ଯ୍ୟର ଅବସ୍ଥିତି ଅନୁସାରେ ଆଂଶିକ, ପୂର୍ଣ୍ଣ ଏବଂ ବଳୟ ସୂର୍ଯ୍ୟୋପରାଗ ଘଟିଥାଏ। ପ୍ରତ୍ୟେକ ପୂର୍ଣ୍ଣ ସୂର୍ଯ୍ୟୋପରାଗ ପୂର୍ବରୁ ଓ ପରେ ଆଂଶିକ ପରାଗ ଦେଖାଯାଏ। ବେଳେବେଳେ ପୂର୍ଣ୍ଣ ଓ ବଳୟ ପରାଗ ମିଶିକରି ଦେଖାଯାଏ। ସୂର୍ଯ୍ୟ ଚାରିପଟେ ପୃଥିବୀ ଓ ପୃଥିବୀ ଚାରିପଟେ ଚନ୍ଦ୍ର ଏକ ନିର୍ଦ୍ଦିଷ୍ଟ କକ୍ଷ ପଥରେ ବୁଲୁଛନ୍ତି। ବେଳେବେଳେ ଏକ ସରଳ ରେଖାରେ ତିନୋଟି ପିଣ୍ଡ ରହିଲେ ହିଁ ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ ଘଟିଥାଏ। ସୂର୍ଯ୍ୟୋପରାଗ ସମୟରେ ପୃଥିବୀ ଓ ସୂର୍ଯ୍ୟ ମଝିରେ ଚନ୍ଦ୍ର ରହିଥାଏ ଓ ଚନ୍ଦ୍ରର ଛାଇ ପଡୁଥିବା ଅଞ୍ଚଳର ଲୋକମାନେ କିଛି ସମୟ ପାଇଁ ସୂର୍ଯ୍ୟକୁ ଦେଖିପାରନ୍ତି ନାହିଁ। ସୂର୍ଯ୍ୟୋପରାଗ କେବଳ ଅମାବାସ୍ୟା ଦିନ ହିଁ ଘଟିବା ସମ୍ଭବ ହୋଇଥାଏ। ଅନ୍ୟପକ୍ଷରେ ଆସନ୍ତା ସେପ୍ଟେମ୍ବର ୭-୮ ତାରିଖରେ ସମଗ୍ର ଭାରତ ସହ ଏସିଆ, ୟୁରୋପ, ଆଣ୍ଟାର୍କଟିକା, ପଶ୍ଚିମ ପ୍ରଶାନ୍ତ ମହାସାଗର, ଅଷ୍ଟ୍ରେଲିଆ ଏବଂ ଭାରତ ମହାସାଗରର କିଛି ଅଞ୍ଚଳରେ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଦୃଶ୍ୟମାନ ହେବ। ସେହିପରି ବର୍ଷର ଅନ୍ତିମ ଆଂଶିକ ସୂର୍ଯ୍ୟୋପରାଗ ସେପ୍ଟେମ୍ବର ୨୧-୨୨ ତାରିଖରେ ନ୍ୟୁଜିଲାଣ୍ଡ, ଇଷ୍ଟର୍ନ ମେଲାନେସିଆଏବଂ ପଶ୍ଚିମ ଆଣ୍ଟାର୍କଟିକାରେ ଦୃଶ୍ୟମାନ ହେବ। ଏହା ମଧ୍ୟ ଭାରତରେ ଦୃଶ୍ୟମାନ ହେବ ନାହିଁ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବାରଙ୍ଗ,୨୮।୩(ଲିଙ୍ଗରାଜ ରାଉତ)– ନନ୍ଦନକାନନ ଥାନା ଅଧୀନସ୍ଥ ଗଣ୍ଡରପୁର ମଝିସାହିର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ତାଙ୍କ ଘରୁ ଜବତ କରିଛି। ମୃତକ ହେଲେ ମଣ୍ଟୁ ରାଉତ(୨୯)। ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ମଣ୍ଟୁ ବ୍ୟବହାର କରୁଥିବା ମୋବାଇଲ୍ ପରିବାର ଲୋକ ନେଇଯିବାକୁ ତାଗିଦା କରିଥିଲେ। ପରେ ମଣ୍ଟୁ ଓ ତା' ଭାଇ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ମଣ୍ଟୁ ଘର ବନ୍ଦ କରି ରହିଥିଲା। କିଛି ସମୟ ପରେ ପରିବାର ଲୋକ ସନ୍ଦେହ କରି ମଣ୍ଟୁଙ୍କୁ ଡାକିବା ପରେ ସେ କବାଟ ଖୋଲି ନ ଥିଲେ। କବାଟ ଭାଙ୍ଗିବା ପରେ ମଣ୍ଟୁ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ପରେ ପରିବାର ଲୋକ ତାଙ୍କୁ ଉଦ୍ଧାର କରି ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ନୀତି, ପ୍ରକୃତିର ନିଆରା ରୂପକାର ସ୍ୱଭାବକବି ଗଙ୍ଗାଧର

ଭୁବନେଶ୍ୱର,୨୮।୩ (ସୌମ୍ୟରଞ୍ଜନ ରାଉତ)

'ଭୁବନେଶ୍ୱର ଭଞ୍ଜଭାରତୀ' ପକ୍ଷରୁ ଚାଲିଥିବା ପଞ୍ଚଦିବସୀୟ ଓଡିଆ ସାହିତ୍ୟ ସମାରୋହ ଶୁକ୍ରବାର ଗୀତଗୋବିନ୍ଦ ସଦନରେ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଉପରେ ଆଲୋଚନା ହୋଇଥିଲା। ଶୀର୍ଷକ ଥିଲା 'ରଙ୍ଗାଜୀବ ଗଙ୍ଗାଧର'। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡିଶା ସ୍ଥାବର ସମ୍ପତ୍ତି ଆବେଦନ ନ୍ୟାୟାଧିକରଣର ଅଧ୍ୟକ୍ଷ ବିଚାରପତି ପ୍ରମଥ ପଟ୍ଟନାୟକ ଓଡିଆ ଜନଜୀବନରେ କବି ଗଙ୍ଗାଧରଙ୍କ ରଚନାବଳୀର ପ୍ରଭାବ ସମ୍ପର୍କରେ ମତ ରଖିଥିଲେ। ନୀତି, ପ୍ରକୃତିର ନିଆରା ରୂପକାର ସ୍ୱଭାବକବି ଗଙ୍ଗାଧର। ପ୍ରକୃତିର ଶୋଭାରେ ନୀତିବାଦର ସନ୍ଧାନ କରି ସେ ସାର୍ବକାଳିକ ସାମାଜିକ ମୂଲ୍ୟବୋଧର ବାର୍ତ୍ତା ଦେଇଛନ୍ତି। ତାଙ୍କ ରଚନାର ଚର୍ଚ୍ଚା ଓ ଚିନ୍ତନ ଏକାନ୍ତ ଉପାଦେୟ ବୋଲି ଜଷ୍ଟିସ ପଟ୍ଟନାୟକ କହିଥିଲେ। ସମ୍ମାନିତ ଅତିଥି ଭାବେ ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଯୋଗଦେଇ ସ୍ୱଭାବକବିଙ୍କ କୃତି ଓ ସାରସ୍ୱତ ସ୍ୱୀକୃତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରାଧ୍ୟାପକ ଡ. ଅଶୋକ କୁମାର ମହାପାତ୍ର କବିଙ୍କ କାବ୍ୟକବିତାରେ ଥିବା ସୂକ୍ଷ୍ମଦାର୍ଶନିକ ତତ୍ତ୍ୱର ଆଲୋଚନା କରିଥିବା ବେଳେ ଅନ୍ୟତମ ଅତିଥି ଡ. ପ୍ରତିମା ଷଡଙ୍ଗୀ ଗଙ୍ଗାଧରଙ୍କ ସାହିତ୍ୟରଚନାର ପୃଷ୍ଠଭୂମି ସମ୍ପର୍କରେ କହିଥିଲେ। ଭଞ୍ଜଭାରତୀର ସଭାପତି ଡା. କୃଷ୍ଣକେଶବ ଷଡଙ୍ଗୀ କବି ଗଙ୍ଗାଧରଙ୍କ ସାହିତ୍ୟରେ ପ୍ରକୃତିର ଅନୁଶୀଳନ ମାଧ୍ୟମରେ ନୀତି ଓ ମର୍ଯ୍ୟାଦାପୂର୍ଣ୍ଣ ଅବବୋଧର ବିଶଦ ବ୍ୟାଖ୍ୟା କରିଥିଲେ। ଏହି ଅବସରରେ ଜଣେ ଉତ୍ତମ ଶ୍ରୋତା, ସାହିତ୍ୟ ସଂସ୍କୃତିପ୍ରାଣ ତଥା ସମାଜସେବୀ ଭାବରେ ବ୍ରଜରାଜ ସୁନ୍ଦରରାୟ ଏବଂ ଓଡିଆ ଘରର ପିଠା ମିଠା ପ୍ରସ୍ତୁତିରେ ଧୂରୀଣା ଓଡିଆଣୀ ଭାବରେ ଶଶିପ୍ରଭା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନାଦବ୍ରହ୍ମ ପକ୍ଷରୁ କଣ୍ଠଶିଳ୍ପୀ ମହାପାତ୍ର ମିନତି ଭଞ୍ଜ, ପ୍ରଫେସର ଜଗନ୍ନାଥ କୁଅଁର ଓ ସାଥୀଙ୍କ ସହ ଶ୍ରିତିକୋଣା ଦାସଙ୍କ ଦ୍ୱାରା ମେହେର ସଙ୍ଗୀତ ପରିବେଷିତ ହୋଇଥିଲା। ଭଞ୍ଜଭାରତୀ ସଦସ୍ୟ ଦିଲୀପ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




ସମାରୋହର ଉଦ୍‌ଯାପନ ଅବସରରେ ବିଚାରପତି ପ୍ରମଥ ପଟ୍ଟନାୟକଙ୍କ ସହ ଅନ୍ୟ ଅତିଥି।

# ଜୀବନ-ଗୁରୁ

**ଅନୁବାଦ ଗଳ୍ପ**

**ମୂଳଲେଖା: ଶ୍ରୀମତୀ ସୁଧାମୂର୍ତ୍ତିଜୀ**
**ଅନୁସୃଜନ: ସୁଜାତା ମହାନ୍ତି**



ମୀନା ମୋର ଜଣେ ଉତ୍ତମ ସାଙ୍ଗ। ସେ ଏଲ୍ଆଇସି ଅଫିସର ଭାବରେ କାର୍ଯ୍ୟରତ ଏବଂ ଦରମା ବି ଅଧିକ ପାଏ। ଆଶ୍ଚର୍ଯ୍ୟର କଥା, ତା'ର ବ୍ୟବହାରରେ ଅନେକ ବ୍ୟତିକ୍ରମ ପରିଲକ୍ଷିତ ହୁଏ। ସେ ସର୍ବଦା ଦୁଃଖୀ ଅନୁଭବ କରେ। ଯେତେବେଳେ ମୀନା ସହ ଭେଟ ହୁଏ, ମୋ ମନ ମଧ୍ୟ ଉଦାସ ହୋଇଯାଏ। ତା'ର ଉଦାସୀନତା ଯେପରି ମୋତେ ସଂକ୍ରମିତ ହୋଇଯାଏ। କୌଣସି ବ୍ୟକ୍ତି ଅଥବା କୌଣସି ବସ୍ତୁ ସମ୍ପର୍କରେ କଦାପି ସକାରାତ୍ମକ ମନ୍ତବ୍ୟ ଦିଏ ନାହିଁ।

କଥା ପ୍ରସଙ୍ଗରେ କହିଲି- ମୀନା ଜାଣିଛୁ, ରାକେଶ ତା' ଶ୍ରେଣୀରେ ପ୍ରଥମ ହେଲା। ମୀନା ତତ୍କ୍ଷଣାତ୍ ଉତ୍ତରଦେଲା- 'ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି? ତା' ବାପା ସେଠାରେ ଶିକ୍ଷକ ଯେ!' ମୁଁ କହିଲି- 'ଶ୍ୱେତା ବହୁତ ସୁନ୍ଦରୀ। ଏହା ନୁହେଁ କି?' ମୀନା କହିଲା- 'ଯୌବନେ ମର୍କଟୀ ରମ୍ୟା। ବୟସ ଗଡ଼ିଗଲେ ଅସୁନ୍ଦରୀ ହୋଇଯିବ।'

ଦିନେ କହିଲି- ମୀନା, ଆଜି ପାଗ ଭଲ। ଚାଲ, ପ୍ରାତଃଭ୍ରମଣରେ ଯିବା। ମୀନା ପ୍ରତିବାଦ କରି କହିଲା- ''ଆଉ ଟିକିଏ ପରେ ସୂର୍ଯ୍ୟଙ୍କର ଉତ୍ତାପ ବଢ଼ିଯିବ। ମୁଁ ହାଲିଆ ହୋଇଯିବି। ପ୍ରମାଣ ଅଛି କି, ଚାଲିବା ସ୍ୱାସ୍ଥ୍ୟ ପକ୍ଷେ ହିତକର ବୋଲି?''

ଏପରି ଚରିତ୍ରର ଝିଅ ମୀନା। ତା'ର ଆପାର୍ଟମେଣ୍ଟରେ ସେ ଏକାକୀ ରହେ। ମା'ବାପା ଦିଲ୍ଲୀରେ ରହନ୍ତି। ମା'ବାପାଙ୍କର ସେ ଏକମାତ୍ର ଅଲିଅଳ ସନ୍ତାନ। ଯେ କୌଣସି ବିଷୟରେ ଅଭିଯୋଗ କରିବା ତା'ର ଅଭ୍ୟାସଗତ। ମୀନାର ବେଶୀ ସାଙ୍ଗ ନାହାନ୍ତି। କେହି ବି ତା' ଘରକୁ ଆସନ୍ତି ନାହିଁ। ଏହା ମଧ୍ୟରେ ମୀନାର ମୁମ୍ବାଇ ସହରକୁ ବଦଳି ହେଲା। ତେଣୁ ଆମ ସମ୍ପର୍କର ବ୍ୟବଧାନ ବି ବଢ଼ିଗଲା। କ୍ରମଶଃ ମୁଁ ଏକପ୍ରକାର ମୀନାକୁ ଭୁଲିଗଲି।

ଅନେକ ବର୍ଷ ପରେ ମୁମ୍ବାଇ ଫ୍ଲୋରା-ଫାଉଣ୍ଟେନ୍‌ରେ ବୁଲିବା ଅବସ୍ଥାରେ ଅକସ୍ମାତ୍ ବର୍ଷାରେ ଭିଜିଗଲି। ଛତାଟିଏ ବି ନ ଥାଏ। ବର୍ଷାଦାଉରୁ ରକ୍ଷା ପାଇବା ପାଇଁ ପାଖରେ ଥିବା ଆକବରେଲି ଡିପାର୍ଟମେଣ୍ଟ ଷ୍ଟୋର ପାଖକୁ ଦଉଡ଼ିଗଲି। ସେଠାରେ ମୀନାକୁ ଦେଖିଲି। ବର୍ଷା, ପାଣି, ପବନ ନ ମାନି ସେଠାରୁ ଫେରି ଆସିବାର ଉପକ୍ରମ କଲି। କାରଣ ପୁଣିଥରେ ମୀନାଠାରୁ ଅସରନ୍ତି ଅଭିଯୋଗ ଶୁଣିବା ଇଚ୍ଛାରେ ନ ଥିଲି। ସେ କିନ୍ତୁ ମୋତେ ଦେଖି ଦୌଡ଼ି ଆସି ମୋ' ହାତକୁ ଧରିନେଲା।

ପୂର୍ବ ତୁଳନାରେ ସେ ବହୁତ ଖୁସି ମିଜାଜର ଥିଲା। ଆନନ୍ଦରେ ଗଦ୍ ଗଦ୍ ହୋଇ କହିଲା- ଏତେ ବର୍ଷ ପରେ ତୋ' ସହ ଦେଖାହେବାରୁ ମୁଁ ଖୁସି। ମୋର ମୁମ୍ବାଇ ଆସିବା କାରଣ ପଚାରିବାରୁ କହିଲି- ମୁଁ ଅଫିସ କାମରେ ମୁମ୍ବାଇ ଆସିଛି।

ମୀନା କହିଲା- ''ଆଜି ମୋ' ଘରେ ରାତ୍ରିଯାପନ କଲେ ଭଲହୁଅନ୍ତା। ଦୁଇ ସାଙ୍ଗ ଢେର୍ ଗପ କରନ୍ତେ। ମଜା ହୁଅନ୍ତା। କଥାରେ ଅଛି, ''ପୁରୁଣା ମଦ, ପୁରୁଣା ସାଙ୍ଗ, ପୁରୁଣା ସ୍ମୃତି ବହୁତ ମୂଲ୍ୟବାନ୍ ଏବଂ ଦୁଷ୍ପ୍ରାପ୍ୟ।''

ମୁଁ ନିଜକୁ ବିଶ୍ୱାସ କରି ପାରୁ ନ ଥିଲି। ଇଏ କ'ଣ ସେଇ ମୀନା! ମୁଁ ନିଜକୁ ଚିମୁଟିଲି। ମୁଁ କ'ଣ ସ୍ୱପ୍ନ ରାଇଜରେ ନା ବାସ୍ତବ ଜଗତରେ!

ବର୍ତ୍ତମାନ ମୀନା ମୋ' ସାମ୍ନାରେ। ହସକୁରୀ। ଆଖି ଦୁଇଟିରେ ଚଞ୍ଚଳତାର ଚମକ। ଯଦିଓ ତା' କେଶର କିଞ୍ଚିତ୍ ଶୁଭ୍ରତା ବିତି ଯାଉଥିବା ସମୟର ସୂଚନା ଦେଉଥିଲା। ମୁହଁରେ ବୟସର ଦାଗ ବାରି ହେଉଥିଲା। ଏ ମଧ୍ୟରେ ତିନିବର୍ଷ ବିତିଗଲାଣି। କିନ୍ତୁ ପୂର୍ବ ଅପେକ୍ଷା ସେ ଅଧିକ ସୁନ୍ଦର ଏବଂ ସତେଜ ଦିଶୁଥିଲା। ଚେହେରାରେ ଆକର୍ଷଣ ବି ଥିଲା।

ମୀନା ଘରେ ରାତ୍ରିଯାପନ ଅନୁରୋଧକୁ ମୁଁ ଗ୍ରହଣ କରି ପାରି ନ ଥିଲି। ତା'ର ଠିକଣା ରଖି ଅନ୍ୟ ଦିନ ଭେଟିବାର ପ୍ରତିଶ୍ରୁତି ଦେଲି।

ମୀନା କହିଲା- ''ତା' ହେଲେ ଗ୍ରାଣ୍ଡ ହୋଟେଲ ଯାଇ ଚା' ପିଇବା।''

ମୁଁ ଉତ୍ତର ଦେଲି- ଆରେ, ବର୍ଷା ଯେ!

ମୀନା - ''ଛତା କିଣିଦେବା। ନଚେତ୍ ହୋଟେଲ ପର୍ଯ୍ୟନ୍ତ ଟାକ୍ସି ନେଇଯିବା।'' ସବୁ କଥାରେ ମୀନାର ଏପରି ଚଳେଇନେବା ସ୍ୱଭାବକୁ ମୁଁ ଲକ୍ଷ୍ୟ କଲି। ମୀନା ତ ଆଗରୁ ଏପରି ନ ଥିଲା। ମୀନାର ଏ ପରିବର୍ତ୍ତନର ହେତୁ କ'ଣ? ମୋର ଉତ୍ସୁକତା ଲକ୍ଷ୍ୟ କରି ମୀନା କହିଲା- ''ଜଣେ ବୃଦ୍ଧ ଭିକ୍ଷୁକ ମୋ' ଜୀବନରେ ପରିବର୍ତ୍ତନର ହେତୁ।''

ଘଟଣାଟି ଏହିପରି। ଜଣେ ବୃଦ୍ଧ ଭିକାରି ତାଙ୍କ ପାଞ୍ଚ ବର୍ଷୀୟା ନାତୁଣୀ ସହ ମୋ' ଘର ଆଗରେ ରହୁଥିଲେ। ମୁଁ ପ୍ରାୟ ସବୁଦିନ ମୋର ବଳି ପଡୁଥିବା ଖାଦ୍ୟ ସେମାନଙ୍କୁ ଦିଏ। ଆମ୍ଭମାନଙ୍କ ଭିତରେ କ୍ୱଚିତ୍ ବାର୍ତ୍ତାଳାପ ହୁଏ। ଦିନେ ସକାଳେ ବର୍ଷା, ଝଡ଼ ଲାଗି ରହିଲା। ମୁଁ ମୋ ଝରକା ଦେଇ ସେମାନଙ୍କୁ ଲକ୍ଷ୍ୟ କଲି। ଅଜା, ନାତୁଣୀ ଉଭୟ ଖୁସିରେ ବର୍ଷାରେ ଭିଜିଭିଜି ନାଚୁଥିଲେ। ସେଦିନ ବର୍ଷା ଯୋଗୁ ମୁଁ ସେମାନଙ୍କୁ ଖାଦ୍ୟ ବି ପହଞ୍ଚାଇ ପାରି ନ ଥିଲି। ବୃଦ୍ଧ ଭିକାରି ଏବଂ ତା' ନାତୁଣୀ ଉଭୟ ତାଳିମାରି ହସୁଥିଲେ। ଉଚ୍ଚ ସ୍ୱରରେ ଗୀତ ଗାଉଥିଲେ। ଜଣାଯାଉଥିଲା, ବର୍ଷା-ଭିଜା ରାଜରାସ୍ତାରେ ସେମାନେ ସ୍ୱର୍ଗ-ସୁଖ ଅନୁଭବ କରୁଛନ୍ତି। ଭୋକର ଜ୍ୱାଳା ଏବଂ ବର୍ଷା ତାଙ୍କ ପାଇଁ ବାଧକ ନ ଥିଲା। ଜୀବନ ପ୍ରତି ତାଙ୍କର ମୋହ ଏବଂ ଆକର୍ଷଣ ମୁଁ ବେଶ୍ ଅନୁଭବ କଲି। ତାଙ୍କର ଏହି ବ୍ୟବହାର ମୋତେ ଅନୁପ୍ରାଣିତ କଲା। ମୁଁ ଜୀବନରେ ସବୁ କିଛି ପାଇଛି। ଟଙ୍କା ପଇସା, ପୋଜିସନ୍! ମୋର ସମସ୍ତ ସୁବିଧା ଥିବା ସତ୍ତ୍ୱେ ମୁଁ ଯେ ଦୁଃଖୀ। ଏହା ଚିନ୍ତା କରି ଲଜ୍ଜାବୋଧ କଲି। ସେହି ମୁହୂର୍ତ୍ତରେ ମୋ' ଭିତରେ ପରିବର୍ତ୍ତନ ଆସିଲା। ସେହି ବୃଦ୍ଧ ଭିକାରି ମୋତେ ଜୀବନ ଅତିବାହିତ କରିବାର କୌଶଳ ଶିଖାଇଦେଲେ। ଜୀବନଶୈଳୀରେ ପରିବର୍ତ୍ତନ ଆଣିବାରେ ସେ ହିଁ ମୋର ପଥପ୍ରଦର୍ଶକ ଗୁରୁ ଥିଲେ। ଏଥିପାଇଁ ଅବଶ୍ୟ କିଛି ସମୟ ଲାଗିଗଲା। ବର୍ତ୍ତମାନ ମୁଁ ସବୁ ପରିସ୍ଥିତିରେ ଖୁସୀ।

ଏ ସବୁ ଶୁଣିବା ପରେ କହିଲି- ମୀନା! ତୁମ ଗୁରୁଙ୍କୁ 'ଦକ୍ଷିଣା' ସ୍ୱରୂପ କ'ଣ ଦେଲ? ମୀନା କହିଲା- ''ଇତ୍ୟବସରରେ ସେ ବୃଦ୍ଧ ଭିକ୍ଷୁକଙ୍କର ମୃତ୍ୟୁ ହୋଇ ସାରିଥିଲା। ମୁଁ ତାଙ୍କୁ ଦକ୍ଷିଣା ଦେବାରୁ ବଞ୍ଚିତ ହେଲି। ତାଙ୍କର ସେହି ଏକମାତ୍ର ନାତୁଣୀର ଦାୟିତ୍ୱ ବହନ କଲି ଏବଂ ନିଜ ଖର୍ଚ୍ଚରେ ବୋର୍ଡିଂ ସ୍କୁଲରେ ନାଁ ଲେଖାଇ ଦେଇଛି। ଏହା ହିଁ ମୋର ସ୍ୱର୍ଗବାସୀ ଗୁରୁଙ୍କ ନିମନ୍ତେ ଗୁରୁଦକ୍ଷିଣା।''

ମୁଁ ଅବାକ୍ ହୋଇ ମୀନାକୁ ଚାହିଁ ରହିଥିଲି। ମୀନା ହସୁଥିଲା ଆତ୍ମସନ୍ତୋଷର ହସ।

ମୋ: ୬୩୭୦୯୧୦୧୪୧

## ପୁସ୍ତକ ପରିଚୟ

### ନିର୍ବାଚିତ କବିତା




**କବି:** କନିଷ୍କ
**ପ୍ରକାଶକ:** ପାଇନ୍ ବୁକ୍ସ, ମଧୁସୂଦନ ନଗର, ତୁଳସୀପୁର, କଟକ-୮
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୫୦/-

ଆଲୋଚ୍ୟ ସଂକଳନରେ ସ୍ଥାନିତ ୧୦୨ଟି କବିତା। କନିଷ୍କ ଘଟଣାକୁ କାହାଣୀ କରିବାରେ ଯେତିକି ଦକ୍ଷ, କାହାଣୀକୁ କବିତା କରିବାରେ ମଧ୍ୟ ସେତିକି ପାରଙ୍ଗମ। ଗୋଟିଏ ଗୋଟିଏ କବିତା ପୃଷ୍ଠାକରୁ ଅଧିକ ନୁହେଁ, ଅଥଚ ଚେକା ଭିଡ଼ି ତହିଁରେ ଜାଗ୍ରତ ଥାଏ ଅକଳ୍ପନୀୟ ଅନୁଭୂତି। ଫୁଲ, କାନ୍ଥ, ଗୋରୁ, ଢିଙ୍କି, କାରଖାନା, ଟିକା, ଧୂଆଁ, ନିଆଁ, ଅନ୍ଧାର, ପାଣି, ଗ୍ଲାସ୍, ବଳଦ, ମାଙ୍କଡ଼, ଖାଦ୍ୟ, ଗଛ, କୋର୍ଟ, ନାଗ ଓ ଛାଟ- ସବୁଥିରେ କବିତା ଅଙ୍କୁରେଇ ଦେବାର ଶକ୍ତି ଥାଏ ଏହି କବିଙ୍କର। ହେଉ ନୂଆବୋଉର ହଜିଲା ଗୀତ କି ପିଲାଦିନ, ହେଉ ବଡ଼ମା' କି ବୋଉର ପଣତ, ହେଉ ନକ୍ସଲ କି ରାମ ମନ୍ଦିର-ସବୁକୁ କବିତା କରିଦିଅନ୍ତି ଏହି କବି। ଗଣଧର୍ଷଣ ମାମଲାରେ ଅପରାଧୀ ଦୋଷୀ ସାବ୍ୟସ୍ତ ହୁଏ, ଦଣ୍ଡ ପାଏ ; କିନ୍ତୁ ବିଡ଼ମ୍ବନା ଯେ ଉପର କୋର୍ଟରେ ଖଲାସ ହୋଇଯାଏ। କବି ତାଚ୍ଛଲ୍ୟ କରି କହନ୍ତି: ''ଆମେ ପରା ଓପରବାଲା/ ପୂରା ପୋଖତ/ ଆମେ ଆମ କାମ କଲୁ/ ଗେଞ୍ଜି, ଗେଞ୍ଜି, ଗେଞ୍ଜି କଲମ/ ଠିକ୍ ଜାଗାରେ/ ଫାଶୀ ଆସାମୀଙ୍କୁ ବଞ୍ଚେଇଦେଲୁ।'' ସେଇ ଠିକ୍ ଜାଗାଟି କ'ଣ, ଯେଉଁଠି ଉପର ହାକିମ କଲମ ଗେଞ୍ଜିଲେ- ଏଇଠି ଥାଏ କବିତାର ଗଣ୍ଠି। ଫିଟେଇ ଜାଣିଲେ କବିତା ହୃଦୟ ଭେଦି ମଗଜକୁ ଘାରେ। ଆଲୁଅ ବାହାର ଅନ୍ଧାରକୁ ହଟାଇଦିଏ, କିନ୍ତୁ ଭିତର ଅନ୍ଧାର ପ୍ରତି କାହାର ନିଘା ନ ଥାଏ (ଅନ୍ଧାର, ପୃଷ୍ଠା: ୭୧)। ସୂଚନା ଓ ଇଙ୍ଗିତରେ ତିଆରି ହୁଏ କନିଷ୍କଙ୍କ କବିତା। ପାଠକେ ତାଙ୍କ କବିତାକୁ ଖୋଜନ୍ତି ଓ ଖୋଜିବେ ବି।

### ତାର ଜାଲି ଓ ଅନ୍ୟାନ୍ୟ ଗଳ୍ପ




**ଗାଳ୍ପିକା:** ଶକ୍ତିପ୍ରଭା ମିଶ୍ର
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୭୯/-

ଜେଜେଙ୍କୁ ସମର୍ପିତ ଏ ବହିଟି, ଯେଉଁ ଜେଜେ ନାତୁଣୀ ଚାକିରି କଲାଯାଏ ଜିଇ ରହିବାର ଆଶା ବାନ୍ଧି ବି ସଅଳ ଚାଲିଯା'ନ୍ତି ଯେତେବେଳେ ନାତୁଣୀ ପିଜି ଶ୍ରେଣୀରେ। ଜୀବନର ଏଇ ଆଶା-ନିରାଶା, ଆଗତପଞ୍ଚା ଓ ଆକସ୍ମିକତା ଶକ୍ତିପ୍ରଭାଙ୍କ ଗଳ୍ପଗୁଡ଼ିକରେ ବି ଲୁହ ଓ ଦୀର୍ଘଶ୍ୱାସ ସଜାଡ଼ି ରଖନ୍ତି ସମର୍ପିତ ପାଠିକାପାଠକଙ୍କ ପାଇଁ। ମୋଟ ୧୯ଟି ଗଳ୍ପ ନିବେଦିତ ଆଲୋଚ୍ୟ ସଂକଳନରେ। ଜହ୍ନରାତି, ପୀହୂ, ଝିଅ ପାଇଁ, ଧୂଳିଖେଳ, ଏକାକୀ ମଣିଷ, ରାତିର ଆୟୁଷ, ସେଇ ଝିଅଟି, ରାଧୁବାପା ଓ ମିଶା ମିଶ୍ର ଭଳି ଗଳ୍ପର ବିକଳ୍ପ କ୍ୱଚିତ୍ ଥାଏ ଓଡ଼ିଆ କଥା ସାହିତ୍ୟରେ। ବହିର ପ୍ରଥମ ଗଳ୍ପ 'ଜହ୍ନରାତି'। ଜଣେ ସ୍ତ୍ରୀ ଲୋକ, ନାଁ ସରଗୁ। ତା' ଡକରା (ସ୍ୱାମୀ) ମଦ ପିଇ ମରିଯାଇଛି। ପୁଅ ଭାଲୁ କାମୁଡ଼ାର ଶିକାର ହୋଇ ଦେହସାରା ଘା' ହୋଇଯାଇଛି। ଗୋଟିଏ ବୋଲି ଝିଅକୁ ବାହା ଦେଇଥିଲା ସ୍ତ୍ରୀ ଲୋକଟି ଯେ ତା' ସ୍ୱାମୀ ଆଉ ଜଣକୁ ରକ୍ଷିତା କରି ସ୍ତ୍ରୀକୁ ବାହାର କରିଦେଇଛି। ପ୍ରତାରିତା ସ୍ତ୍ରୀ ପାଗଳୀ ହୋଇଯାଇଛି। ତା' ମାଆ ପରଘରୁ ମାଗିଯାଚି ତାକୁ ଖାଇବାକୁ ଦେଇ ସମ୍ଭାଳିଛି। ଜହ୍ନକୁ ଦେଖିଲେ ସ୍ୱାମୀଛଡ଼ା ଝିଅର ପାଗଳାମି ବଢ଼େ। ଏହାର କାରଣ ରକ୍ଷିତା ସ୍ତ୍ରୀଲୋକଟିର ନାଁ ଜହ୍ନ। ଜୀବନର ଛୋଟଛୋଟ ଘଟଣାକୁ ଚମତ୍କାର ଗପ କରି ଗଢ଼ିବା ପ୍ରତିଭା ଲୋଡ଼େ, ସେ ପ୍ରତିଭାର ପ୍ରତୀକ ହୋଇଉଠନ୍ତି ଶକ୍ତିପ୍ରଭା ତାଙ୍କର ପ୍ରାୟ ଗପରେ। କାଳ୍ପନିକ ମେଘଖଣ୍ଡରେ ବସି ସାରା ପୃଥିବୀରୁ ଗଳ୍ପ ଖୋଜୁଥିବା ଗାଳ୍ପିକାଙ୍କର ଏ ବହି ପାଠକୀୟ ଆଦୃତି ପାଇବ ବୋଲି ଆଶା।

## କ ବି ତା

### ନାରୀ

**ମୈତ୍ରେୟୀ କମିଳା**

ମାଟିର 'ମ'ଟିଏ ସେ
ସୃଷ୍ଟିର ଆଦ୍ୟ ସ୍ୱର ସିଏ
ସନାତନୀ, ଶାଶ୍ୱତ ବେଦମନ୍ତ୍ର ସିଏ
ନାରୀ ସାକ୍ଷର, ନାରୀ ନିରକ୍ଷର
କେବେ ମୁଣ୍ଡରୁ ଓଢ଼ଣା ଖସୁ ନ ଥିବା
କେବେ ମୁଣ୍ଡଟେକି ଚାଲୁଥିବା ମାଆଟିଏ
ସବୁକିଛି ସଅଁପିଦିଏ
ନିଜ ଭାଗ୍ୟ, ଭବିଷ୍ୟତ
ଅଞ୍ଜଳି ଟେକିଲା ପରି
ତୁଳସୀ ମୂଳରେ ସଂଜବତି ଦେଇ
ମାଗିନିଏ ସାରା ପରିବାରର ଶୁଭ
ଚୁଲି ଧାସରେ ସେକୁଥାଏ
ନିଜ ନିଅଣ୍ଟିଆ ଆୟୁଷ
ଭାତହାଣ୍ଡିର ଟକ୍‌ଟାକ୍ ଶବ୍ଦରେ
ଫୁଟୁଥାଏ ତା' ଧାପେ ନିଃଶ୍ୱାସ।

ପିନ୍ଧିଥାଏ ସଂସ୍କାରର ପାଟ
ସଞ୍ଚଣାର ପାଉଁଜି
ବେଢ଼େଇ ଥାଏ
ଆଚାର ବେଭାରର ଗହଣା
ମୁଣ୍ଡରେ ଖୋଷିଥାଏ ପରମ୍ପରାର ଗଣ୍ଡିଲି
ସମୟ ଅସମୟରେ ପଣତ କାନିକୁ ସିଲଟ କରି
ପୋଛୁଥାଏ ଇଚ୍ଛା, ଅନିଚ୍ଛା, ରାଗ, ଅନୁରାଗ।

ସବୁକିଛି ଚାଳରେ ଗୁଞ୍ଜିଦିଏ
ହସ କାନ୍ଦ ଲୁହର ଆବେଗ
ଖାତିର ନ ଥାଏ
ହାର୍, ଜିତ୍, ମିଶାଣ, ଫେଡ଼ାଣକୁ।

ପଥରଟିଏ ଦେବୀମୂର୍ତ୍ତି ପାଲଟିବା ପରି
ସେ ପାଲଟେ ନିଜେ ହିଁ ଜହ୍ନରାତି
ଫଗୁଣ ହୋଇ ଫୁଲଟିଏ ସାଜେ
ବହିଯାଏ ଝରଣା ହୋଇ କୁଳୁକୁଳୁ ଶବ୍ଦରେ।

ମୋ: ୯୦୨୯୧୯୯୬୫୦

**ବ୍ୟଙ୍ଗ କବିତା**

### ଶେଷ ଆଶରା ମୋ ବୃଦ୍ଧାଶ୍ରମ

**ଜଗଦୀଶ ସାହୁ**

ପୁଅକୁ ପଢ଼େଇ ଚାକିରିଆ କଲି
ଖଟି ଖଟି କ୍ଷେତ ମାଳରେ
ପୁଅ ବହୁତଳ କୋଠାରେ ରହୁଛି
ବାସ ମୋର ଗାଆଁ ଚାଳରେ।

ତା' ପାଖରେ ମୋତେ ରଖିବାକୁ
ତା'ର ଇଚ୍ଛା ନାହିଁ ଯାହା ଜାଣିଲି
ଏ ହୀନିମାନ ବାପାପଣ ମୋର
ନିଜକୁ ଅଯୋଗ୍ୟ ମଣିଲି।

ଛୋଟ ଥିଲାବେଳେ ମାଆ ମରିଗଲା
କୋଳେଇ କାଖେଇ ପାଳିଲି
ମଙ୍ଗଳ ମନାସି ଦିଅଁଙ୍କ ପାଖରେ
ଭୋଗ ଦେଇ ଦୀପ ଜାଳିଲି।

ପୂରୁବ ଜନମ କେଉଁ ଦୋଷ ପାଇଁ
ବୃଦ୍ଧ କାଳେ ଦଣ୍ଡ ପାଉଛି
ପୁଅ ସମ୍ମାନରେ କଳଙ୍କ ନ ଲାଗୁ
ମିଛରେ ତା' ଗୁଣ ଗାଉଛି।

ପୁଅର ଶ୍ୱଶୁର ବଡ଼ ଅଫିସର
ମୂରୁଖ ମୁଁ ମଳିମୁଣ୍ଡିଆ
ସେଥିଲାଗି ପୁଅ ଆଡ଼କରି ମୋତେ
ଶ୍ୱଶୁରକୁ ମାରେ ମୁଣ୍ଡିଆ।

ଗାଆଁ ବିଲବାଡ଼ି ବିକିବାକୁ ପୁଅ
ବାରମ୍ବାର ମୋତେ କହୁଛି
ନାହିଁ କଲେ ମୁହିଁ କଟୁ କଥା କହି
ମରମକୁ ମୋର ଦହୁଛି।

ଦୁଃଖ ଦେଖି ମୋର ଦାରୁଣ ଦଇବ
ଖିଲିଖିଲି ହୋଇ ହସୁଛି
ଶେଷ ଆଶରା ମୋ' ବୃଦ୍ଧାଶ୍ରମ ସିନା
ଜଳଜଳ ହୋଇ ଦିଶୁଛି।

ମୋ: ୯୦୭୮୧୮୫୬୧୬

**ଗୀତି-କବିତା**

### ଶାମୁକା କେମିତି କହିବି ମୁଁ ତାକୁ

**ଭ୍ରମରବର ସାହୁ**

ଶାମୁକା କେମିତି କହିବି ମୁଁ ତାକୁ
ମନ ସାଗରରୁ ପାଇଥିଲି,
ସେ ଥିଲା ମୁକୁତା ଜୀବନରେ ମୋର
ହୃଦୟେ ସାଇତି ରଖିଥିଲି।।

ପରଶମଣି ସେ ପାଇ ତା' ପରଶ
ଜୀବନ ହେଲା ମୋ' ସୁନା,
ଭରି ଦେଇଥିଲା ମୋ' ମନରେ ସେ ତ
ବଞ୍ଚିବାର ଉଦ୍ଦୀପନା।।

ତା' ଚାଲିରେ ଥିଲା ଚାଲିବାର ନିଶା
ସେ ନିଶା ମନରୁ ଯାଇନି,
ତା' ଛୁଆଁରେ ଥିଲା ଏମିତି କୁହୁକ
ସେ ଛୁଆଁ ସ୍ମୃତିରୁ ଲିଭିନି।।

ହସରେ ସିଏ ତ ଭରି ଦେଉଥିଲା
ଯୌବନର ମାଦକତା,
ଆଖିରେ ତାହାର ଭରି ରହିଥିଲା
କେତେ ଆଶା, କେତେ ବ୍ୟଥା।।

ଏମିତି ମୋ' ପ୍ରିୟା ମୋ' ଅଙ୍ଗର ଛାୟା
କେମିତି ମୁଁ ତାକୁ ଯିବି ଭୁଲି,
ଶାମୁକା କେମିତି କହିବି ମୁଁ ତାକୁ
ମନ ସାଗରରୁ ପାଇଥିଲି।।

- ବାଜପୁର, କାକଟପୁର, ପୁରୀ

## କାଳକାଳକୁ

### ''ସଂଘର୍ଷରୁ ଆରମ୍ଭ ପୁରୁଷର ଜୀବନ, ସ୍ତ୍ରୀର ସମର୍ପଣରୁ।''
**- ମହାଦେବୀ ବର୍ମା**



**ମହାଦେବୀ ବର୍ମାଙ୍କ** ଜନ୍ମ ୨୬ ମାର୍ଚ୍ଚ ୧୯୦୭ରେ ଆଗ୍ରାର ଫାରୁଖାବାଦରେ ଓ ପରଲୋକ ଆହ୍ଲାବାଦରେ ୧୧ ସେପ୍ଟେମ୍ବର ୧୯୮୭ରେ। ହିନ୍ଦୀ ଛାୟାବାଦୀ ଯୁଗର ଚାରି ସ୍ତମ୍ଭରୁ ସେ ଗୋଟିଏ ଓ ଏକାଧାରରେ କବିତା, ଗଳ୍ପ ଓ ପ୍ରବନ୍ଧର ଶିଖର ଲେଖିକା। ଆଧୁନିକ ମୀରା ଭାବେ ସମ୍ମାନିତା ଏହି ଲେଖିକାଙ୍କୁ ଥରେ କବି ନିରାଲା ''ବିପୁଳାୟତନ ହିନ୍ଦୀ-ସାହିତ୍ୟ-ମନ୍ଦିରର ସରସ୍ୱତୀ'' ବୋଲି ଅଭିହିତ କରିଥିଲେ। ନାରୀସମାଜର ଉନ୍ନତି ପାଇଁ ତାଙ୍କ ନିରନ୍ତର ପ୍ରୟାସ ଆଜି କିମ୍ବଦନ୍ତୀ। ନିହାର (୧୯୩୦), ରଶ୍ମି (୧୯୩୨), ନୀରଜା (୧୯୩୩), ସନ୍ଧ୍ୟାଗୀତ (୧୯୩୫), ଦୀପଶିଖା (୧୯୪୨), ପ୍ରଥମ ଆୟାମ (୧୯୪୯), ସପ୍ତପର୍ଣ୍ଣା (୧୯୫୯) ଓ ଅଗ୍ନିରେଖା (୧୯୮୮) କବିତା ଗ୍ରନ୍ଥର ସେ କାଳଜୟୀ ସ୍ରଷ୍ଟା। ହିନ୍ଦୀ ସାହିତ୍ୟକୁ ଅପାର ଅବଦାନ ପାଇଁ 'ପଦ୍ମଭୂଷଣ' (୧୯୫୬), ଜ୍ଞାନପୀଠ (୧୯୮୨) ଓ 'ପଦ୍ମ ବିଭୂଷଣ' (୧୯୮୮)ରେ ସେ ସମ୍ମାନିତା।

# ବାଟୋଇ

**ଗଳ୍ପ**

**ପ୍ରତାପ ବିଶ୍ୱାଳ**

ବାଟ ନ ଥିଲା, କିନ୍ତୁ ବାଟୋଇଟେ ଥିଲା। କାହାଣୀ ଶୁଣିବାକୁ କେହି ନ ଥିଲେ, କିନ୍ତୁ କାହାଣୀଟିଏ ଥିଲା। ଏକଦା ସେଠି ବାଟଟିଏ ଥିଲା। କାହାଣୀ ଶୁଣିବାକୁ ଲୋକ ବି ଥିଲେ। ବାଟ ସବୁବେଳେ ଗୋଟିଏ ଆତ୍ମୀୟତାର ଆତ୍ମକଥନୀ।

କିଛି ଅସମାପ୍ତ ଆଶା, ବିଶ୍ୱାସକୁ ଛୁଇଁଯିବାର ପ୍ରଲମ୍ବିତ ଆନ୍ତରିକତା। ବାଟ ଲମ୍ବିଥାଏ ଅଙ୍କାବଙ୍କା ହୋଇ ସମୟ ଘାଟରୁ ଦେବାଳୟଠୁ ମଶାଣିଯାଏ।

କେତେ ପାଦ ଏହି ବାଟରେ ଚାଲିଛନ୍ତି, କେତେ ପାଦ ଏହି ବାଟରେ ଚାଲୁଚାଲୁ ଲହୁଲୁହାଣ ହୋଇଛନ୍ତି। ଏମିତି ଅନେକ ଅବୁଝା ଅନୁଭବରେ ଚିରକାଳ ସେ।

ଅନେକ ଦିନ ପରେ ପହଞ୍ଚି ଯାଇଥିଲା ସେ ସେଠି। ସେଇ ଘାଟରେ, ଯେଉଁଠୁ ଦିନେ ବାଟ ଲମ୍ବିଥିଲା ଆଗକୁ। କେତେ ପ୍ରତିଶ୍ରୁତି ସହ ଚାଲିବାକୁ ଆଗକୁ।

ସେ ବାଟକୁ ଖୋଜିଲା। କାହାଣୀକୁ ବି ଖୋଜିଲା। ସମୟ କହିଲା: ତୁ ଯେଉଁ ବାଟକୁ ଖୋଜୁଛୁ ସେ ବାଟ ଆଉ ନାହିଁ। ସେ କାହାଣୀ ବି କେବେଠାରୁ ସରିଗଲାଣି।

ଫେରିଯା ତୁ ତୋ' ବାଟରେ।

ମନ ବୁଝୁ ନ ଥିଲା। ତଥାପି ସେ ଖୋଜିଲା ଏକଦା ବାଟରେ ଥିବା ବରଗଛକୁ। ଯିଏ ପୁଳାପୁଳା କାହାଣୀରେ ଶାଖାପ୍ରଶାଖା ମେଲାଇଥିଲା। ଅନେକ ସ୍ୱପ୍ନର ପତ୍ରଗୁଡ଼ିକୁ କଅଁଳାଇ ଦୃଢ଼ ଭାବେ ମାଟିରେ ଛିଡ଼ା ହେବାର ପ୍ରତିଶ୍ରୁତି ଦେଇଥିଲା।

ଜଣା ନ ଥିଲା ସ୍ୱପ୍ନମାନେ ସବୁ ଅନ୍ଧାର ଘରର ପାରା। ରାତିପାହିଲେ ଉଡ଼ିଯାଆନ୍ତି କାହିଁ କେତେଦୂରକୁ। ଅନେକ ଥର ସେ କିନ୍ତୁ ସେମାନଙ୍କୁ ଡାକିଛି। ଆସ ଆସ ପାରା ତୁମେ ମୋ' ପିଣ୍ଡାକୁ ଆସ। ଖାଇବାକୁ ଦେବି ତୁମକୁ ନଡ଼ିଆର ରସ।

ଥରେ ବି କେବେ ପାରା ଆସି ଧରାଦେଇନି ହାତରେ। ଦୀର୍ଘଶ୍ୱାସରେ ଭରିଯାଇଛି ହୃଦୟ।

ସେଇଠୁ ଆରମ୍ଭ ହୁଏ ବାଟ। ମିତା ଦାସ କହେ ଆଗ ନିଜ ପାଇଁ ଗୋଟାଏ ବାଟ ତିଆରି କରି ଶିଖ। ଯେଉଁ ବାଟ କଂକ୍ରିଟର ବାଟ ହୋଇଥିବ। ତୁମେ ଆସିବ, ଆମେ ଚାଲିଯିବା ସେଇ ବାଟରେ। ସେଇଠୁ ବି ଆରମ୍ଭ ହୁଏ କାହାଣୀ। ଜୀବନ ଆବେଗର କାହାଣୀ। ଧୈର୍ଯ୍ୟ ଧରିବାର କାହାଣୀ। ସମୟ ସହିତ ଲଢ଼ିବାର କାହାଣୀ। ସେ କହେ ସବୁ ସମ୍ଭବ। ରାଜାଝିଅ ପାଇଁ ମନ୍ତ୍ରୀ ପୁଅକୁ କ'ଣ କମ୍ କଷ୍ଟ ସହିବାକୁ ପଡ଼ିଛି। ଅଗନା ଅଗନି ବନସ୍ତରେ ବୁଢ଼ୀ ଅସୁରୁଣୀ ପହଞ୍ଚିବାକୁ ଭୋକ ଶୋଷ ଭୁଲିଛି। ପାଦ ରକ୍ତାକ୍ତ ହୋଇଛି। ଅସୁରମାନେ ମାରି ଦେବାକୁ ଭୟ ଦେଖାଇଛନ୍ତି। ତଥାପି ବାଟ ଛାଡ଼ିନାହିଁ ମନ୍ତ୍ରୀ ପୁଅ।

ସେ ଆଜି ଏମିତି ଏକ କାହାଣୀର ଶେଷ ଛକରେ ଛିଡ଼ା ହୋଇ ସେଇ ବାଟକୁ ଖୋଜୁଛି। ତା' କାହାଣୀକୁ ଖୋଜୁଛି। ଖୋଜୁଛି ରାଜା ଝିଅକୁ। କିନ୍ତୁ ଯେଉଁ ଛକରୁ ବାଟ ଲମ୍ବିଥିଲା ଏବେ ସେଠି ଶୂନ୍‌ଶାନ୍। ବନ୍ଦିନୀ ରାଜା ଝିଅକୁ କେହି କ'ଣ ମୁକ୍ତ କରି ନେଇଗଲାଣି! ରାସ୍ତା ନାହିଁ। ଏବେ ସେଠି ସ୍ତୁପ ସ୍ତୁପ ବାଲି। ଏଠି କେଉଁଠି ଗୋଟାଏ ଗଛ ଥିଲା ଜଣାପଡୁନି।

ସମ୍ପର୍କକୁ ଖୋଜିଲେ ମିଳିବ କେଉଁଠୁ?

ତଥାପି ସେ ଛିଡ଼ା ହୋଇ ଚାରିଆଡ଼େ ଚାହିଁଲା। ମନେପକାଇଲା କେତେବର୍ଷ ପରେ ସେ ଫେରୁଛି। ମନକୁ ବୁଝାଇବାକୁ ଚେଷ୍ଟା କଲା ସମୟର ଗତି ଆଗକୁ। ସେ କେବେ ପଛକୁ ଫେରେନି। ତା'ହେଲେ ମିତା ଦାସ କ'ଣ ଅଫେରା ସମୟ ନଦୀରେ ଲୁହର ବୋଇତଟିଏ ମାତ୍ର! ନୂଆ ପହଁରା ଶିଖୁଥିଲା। ଝଡ଼ରେ ବୁଡ଼ିଗଲା ନା ଯାଇ କେଉଁଠି କୂଳରେ ଲାଗିଲା?

ମନ ବୁଝୁ ନ ଥିଲା। ଲୁହ ଦିଶୁ ନ ଥିବା ଆଖିପତା, କିନ୍ତୁ ଆର୍ଦ୍ର ଆର୍ଦ୍ର ଜଣାପଡୁଥିଲା।

ସେତେବେଳର କଥା। ମନ କହୁଥିଲା କିଛି ଗୋଟାଏ ଘଟିପାରେ। ଘଟିଲା ଆଉ କେଉଁଠି? ଘଟୁ ଘଟୁ ଘାଟ ଛାଡ଼ିଦେଲା ନାଆ। ନଈର ଗୋଟିଏ ପାଖ ଘାଟରେ ଚକ୍ରବାକ ଅନ୍ୟ ଘାଟରେ ଚକ୍ରବାକୀର କାନ୍ଦ। ଲୁହ ମିଶିଗଲା ନଈରେ। ନଈ ପାଣି ଆଗକୁ ଗଲା।

ସେ ଦୀର୍ଘଶ୍ୱାସ ନେଇ ଶୂନ୍ୟ ଆକାଶକୁ ଚାହିଁ ଦେଖୁଥିଲା ନୀଳ ବାଦଲ ସହ ଧଳା ବାଦଲଙ୍କ ଦୌଡ଼। ଭାବୁଥିଲା ଏ ବାଦଲମାନେ ଯାଆନ୍ତି କୁଆଡ଼େ। କ'ଣ ତାଙ୍କର ଠିକଣା। ସେ ବି ଦୌଡ଼ିବାକୁ ଆରମ୍ଭ କଲା। ଭାବିଲା ଖୋଜିବ ସାତ ସମୁଦ୍ର, ତେର ନଈ। ଡେଇଁଯିବ ପାହାଡ଼ ପର୍ବତ। ବାଟ ଅବାଟ ମାନିବନି।

ଅବାଟରେ ସେ ବାଟ ଖୋଜିବ। ମନ କହୁଥିଲା ଛାଡ଼ି ଆସିଲା ସେ କିଛି। ବାରମ୍ବାର ପଛକୁ ଫେରି ଚାହୁଁଥିଲା। କିନ୍ତୁ ଅତୀତ କେବେ ଫେରେ କି? ଫେରନ୍ତି କି ସେ ବର୍ଷ, ମାସ, ଦିନ, ଦଣ୍ଡ, ଲିତା, ବିଲିତା? ସେ କାହାଣୀ। ସେ ରାସ୍ତା।

ଫୁଲଗଛ ମରିଗଲା ପରେ ତା' ବାସ୍ନାକୁ ମନେପକାଇ ଚାଲିବା, ଖୋଜିବା - ପାଇବା ଯେ କେତେଦୂର ସମୀଚୀନ ତାକୁ ନିଜକୁ ବି ଜଣା ନ ଥିଲା। ଥକିଯାଇ ବସି ଭାବିଲା ଭୁଲିଯାଇ ହୁଅନ୍ତାନି ସେ ବାଟକୁ। ଲୁହ ଆଖିକୁ ଆହୁରି ଝାପ୍ସା କରିଦେଲା। ଭାବିଲା ସେ କ'ଣ ଏ ପର୍ଯ୍ୟନ୍ତ ଯାହାକୁ ବାଟ ବୋଲି ଭାବି ଚାଲିଥିଲା ସେ ବାଟ ନ ଥିଲା, ଥିଲା ଅବାଟ। ଭଲ ପାଇବାର ବାଟ କ'ଣ ସବୁବେଳେ ଅନ୍ଧାର। ଜହ୍ନର ଛାଇ ଥାଏ ସେଠି ଜହ୍ନ ନ ଥାଏ?

ମନେପଡ଼ିଯାଉଥିଲା ମିତା ଦାସ। ସମୟ ପରିସ୍ଥିତି ସହ ଲଢ଼ିବାକୁ କୁହେ। ସେ କ'ଣ ଆଜି ପରାଜିତ ସୈନିକଟିଏ ହୋଇ ରହିଗଲା ତା' ପାଖରେ।

ସେ ହଠାତ୍ ଛିଡ଼ାହୋଇ ଚିତ୍କାର କଲା: ମିତା-ମିତା ତୁମେ ଏବେ କେଉଁ ବାଟରେ? ମୁଁ ତୁମକୁ ଖୋଜୁଛି, କିନ୍ତୁ ତୁମ ପାଖରେ ପହଞ୍ଚିବାକୁ ବାଟ ପାଉନି।

ପ୍ରତିଧ୍ୱନି ସେମିତି ବିଳପି କହିଲା: ବାଟ ପାଉନି...।

ଖାଁ ଖାଁ ନଦୀକୂଳେ ତା' ଚିତ୍କାରରେ ପକ୍ଷୀ କେତେଟା ଉଡ଼ିଯିବାର ଶବ୍ଦ ଶୁଭିଲା। ସେ ଚାହିଁଲା। ନଈ ଏବେ ଶୁଖିଲା। ଭଙ୍ଗା ଡଙ୍ଗାଟିଏ ଘାଟରେ ବାଲି ଉପରେ ବର୍ଷାର ଅପେକ୍ଷାରେ ଆଣ୍ଠେଇ ପଡ଼ିଲା ପରି ପଡ଼ିଛି। ନାଉରୀର କେଉଁଠି କାହିଁ ଦେଖାନାହିଁ। ଲୁହଭିଜା ଆଖି ଦେଖୁଥିଲା ନଈ ପାଖରେ ଥିବା ନାଉରୀର ସେ ଭଙ୍ଗା ଚାଳିଆ। ନଈବନ୍ଧ ତାଳଗଛରେ ଝୁଲୁଥିଲା ବାୟାଚଢ଼େଇଙ୍କ ବସା।

ସେ ଚାହିଁ ରହିଥିଲା ଏକା ଲୟରେ ସେ ଭଙ୍ଗା ଚାଳିଆ ଆଡ଼େ। ଅନ୍ୟପଟେ ତାଳଗଛ ବାହୁଙ୍ଗାରେ ଦୋଳି ଖେଳୁଥିଲା ବାୟାଚଢ଼େଇ ବସା।



ମୋ: ୯୪୩୭୭୪୫୯୮୩

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୯/୨୦୨୫ Bhubaneswar, Saturday, March 29/ 2025

# ଆରସିବିର ଦ୍ୱିତୀୟ ବିଜୟ

ଚେନ୍ନାଇ,୨୮।୩

ଏମଏ ଚିଦାମ୍ବରମ ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୫୦ ରନରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)କୁ ପରାସ୍ତ କରିଛି। ଚଳିତ ସିଜନରେ ଏହା ଆର୍‌ସିବିର ଲଗାତର ଦ୍ୱିତୀୟ ବିଜୟ। ଆର୍‌ସିବି ପ୍ରଦତ୍ତ ୧୯୭ ରନର ଟାର୍ଗେଟ ଆଗରେ ସିଏକେ ୮ ଉଇକେଟ ହରାଇ ୧୪୬ ରନ କରିବାକୁ ସକ୍ଷମ ହୋଇଥିଲା।

ଟସ୍ ଜିତି ସିଏସ୍‌କେ ଅଧିନାୟକ ଋତୁରାଜ ଗାଏକ୍ୱାଡ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଆରସିବି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୯୬ ରନ କରିଥିଲା। ଦଳ ପକ୍ଷରୁ ଅଧିନାୟକ ରଜତ ପାଟିଦାର ୩୨ ବଲରେ ୪ ଚୌକା ଓ ୩ ଛକା ସହାୟତାରେ ସର୍ବାଧିକ ୫୧ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫିଲ ସଲ୍ଟ ୩୨ (୫ ଚୌକା ଓ ୧ ଛକା), ବିରାଟ କୋହଲି ୩୧ (୨ ଚୌକା ଓ ୧ ଛକା), ଦେବଦତ୍ତ ପଡିକଲ ୨୭ (୨ ଲେଖାଏ ଚୌକା ଓ ଛକା), ଟିମ ଡେଭିଡ ୨୨ (୧ ଚୌକା ଓ ୩ ଛକା) ରନ କରିଥିଲେ। ସିଏସ୍‌କେ ପକ୍ଷରୁ ନୁର ଅହମ୍ମଦ ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ମାଥିଶା ପାଥିରାନା ଦୁଇଟି ଉଇକେଟ ହାତେଇଥିଲେ। ଜବାବରେ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ସିଏସ୍‌କେ ୨୦ ଓଭରରେ ୮ ଉଇକେଟ ହରାଇ ୧୪୬ ରନ କରିପାରିଥିଲା। ରାଚିନ ରବୀନ୍ଦ୍ର ୪୧(୫ଚୌକା), ମହେନ୍ଦ୍ର ସିଂ ଧୋନୀ ୩୦ (୩ ଚୌକା ଓ ୨ ଛକା) ଓ ରବୀନ୍ଦ୍ର ଜାଡେଜା ୨୫ (୨ ଚୌକା ଓ ୧ ଛକା) ରନ କରିଥିଲେ। ଆର୍‌ସିବି ପକ୍ଷରୁ ଜୋଶ ହାଜେଲଉଡ ସର୍ବାଧିକ ୩ ଉଇକେଟ ନେଇଥିଲେ।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)
**ଗୁଜରାଟ ବନାମ ମୁମ୍ବାଇ**
ସ୍ଥାନ: ଅହମ୍ମଦାବାଦ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ



ଶଟ୍ ଖେଳିବା ଅବସରରେ ରଜତ ପାଟିଦାର।

### ସଂକ୍ଷିପ୍ତ ସ୍କୋର

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୨୦ ଓଭରରେ ୧୯୬/୭ (ରଜତ ପାଟିଦାର-୫୧, ଫିଲ ସଲ୍ଟ-୩୨, ବିରାଟ କୋହଲି-୩୧, ଦେବଦତ୍ତ ପଡିକଲ-୨୭, ଟିମ ଡେଭିଡ-୨୨*, ନୁର ଅହମ୍ମଦ-୩/୩୬, ମାଥିଶା ପାଥିରାନା-୨/୩୬)। ଚେନ୍ନାଇ ସୁପର କିଙ୍ଗ୍ସ: ୨୦ ଓଭରରେ ୧୪୬/୮ (ରାଚିନ ରବୀନ୍ଦ୍ର-୪୧, ମହେନ୍ଦ୍ର ସିଂ ଧୋନୀ-୩୦*, ରବୀନ୍ଦ୍ର ଜାଡେଜା-୨୫, ଜୋଶ ହାଜେଲଉଡ-୩/୨୧, ୟଶ ଦୟାଲ ୨/୧୮, ଲିଆମ ଲିଭିଂଷ୍ଟୋନ-୨/୨୮)।

**ଆଇପିଏଲ୍ କାର୍ଯ୍ୟସୂଚୀରେ ପରିବର୍ତ୍ତନ**

## ନାଇଟ୍ ରାଇଡର୍ସ-ସୁପର ଜାଏଣ୍ଟ୍ସ ମ୍ୟାଚ୍ ଏପ୍ରିଲ ୮ରେ

**କୋଲ୍‌କାତା, ୨୮।୩(ପି.ଟି.):** ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) କାର୍ଯ୍ୟସୂଚୀରେ ସାମାନ୍ୟ ପରିବର୍ତ୍ତନ କରିଛି। ରାମନବମୀ ଉତ୍ସବ ଯୋଗୁ କୋଲ୍‌କାତା ନାଇଟ ରାଇଡର୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ମ୍ୟାଚ୍ ଏପ୍ରିଲ ୬ ପରିବର୍ତ୍ତେ ଏପ୍ରିଲ ୮ ମଙ୍ଗଳବାର ଅପରାହ୍ନରେ ଖେଳାଯିବ। ଏହି ମ୍ୟାଚ୍ ଗୁଆହାଟୀରେ ଖେଳାଯିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। କୋଲ୍‌କାତା ପୋଲିସ ଓ ବେଙ୍ଗଲ କ୍ରିକେଟ ଆସୋସିଏଶନ (ସିଏବି) ମଧ୍ୟରେ ଆଲୋଚନା ପରେ ଦିନ ଧାର୍ଯ୍ୟ କରାଯାଇଥିଲା। ଏପ୍ରିଲ ୮ ଡବଲ ହେଡର ବିଶିଷ୍ଟ ହେବ। ଅନ୍ୟ ମ୍ୟାଚ୍‌ଟି ପଞ୍ଜାବ କିଙ୍ଗ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଅନୁଷ୍ଠିତ ହେବ।

## ଚେନ୍ନାଇ, ମଦୁରାଇରେ ଜୁନିୟର ପୁରୁଷ ହକି ବିଶ୍ୱକପ୍

**ଚେନ୍ନାଇ, ୨୮।୩ (ପି.ଟି.):** ଚେନ୍ନାଇ ଓ ମଦୁରାଇରେ ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ହକି ବିଶ୍ୱକପ୍ ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଖେଳାଯିବ। ହକି ଇଣ୍ଡିଆ ସଭାପତି ଦିଲିପ ତିର୍କୀ ଶୁକ୍ରବାର ଏ ବିଷୟ ଘୋଷଣା କରିଛନ୍ତି। ଟାଇଟଲ ଲଢ଼େଇରେ ପ୍ରଥମ ଥର ୨୪ଟି ଦଳ ଭାଗ ନେଉଛନ୍ତି। ଭାରତରେ ତୃତୀୟ ଥର ପାଇଁ ଏହି ଟୁର୍ନାମେଣ୍ଟ ଆୟୋଜନ ହେବାକୁ ଯାଉଛି। ପୂର୍ବରୁ ୨୦୧୬ ଓ ୨୦୨୧ରେ ଭୁବନେଶ୍ୱର ଓ ଲକ୍ଷ୍ନୌରେ ଆୟୋଜିତ ହୋଇଥିଲା। ଭୁବନେଶ୍ୱରରେ ଭାରତ ଚାମ୍ପିୟନ ହୋଇଥିଲା। ୨୦୨୧ରେ ଆର୍ଜେଣ୍ଟିନା ଟାଇଟଲ ଜିତିଥିଲା। ୨୦୨୩ରେ ଗତ ସଂସ୍କରଣ କୁଆଲାଲମ୍ପୁରରେ ଖେଳାଯାଇଥିଲା।

# କିଟ୍ ମହିଳା ରୋଇଂ ଟିମ୍‌ର ସଫଳତା





ଟ୍ରଫି ସହ କିଟ୍ ମହିଳା ରୋଇଂ ଦଳ।

**ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରୋଇଂ**

ଭୁବନେଶ୍ୱର, ୨୮।୩ (ବିଜୟ ରଣା)

ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ ଅଧୀନରେ ଚଣ୍ଡିଗଡ଼ସ୍ଥିତ ସୁଖନା ଲେକ୍‌ଠାରେ ଚଳିତ ମାସ ୨୧ରୁ ୨୭ ପର୍ଯ୍ୟନ୍ତ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରୋଇଂ (ପୁରୁଷ ଓ ମହିଳା) ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ ପଦକ (୨ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୩ ବ୍ରୋଞ୍ଜ) ସହ କିଟ୍ ମହିଳା ରୋଇଂ ଦଳ ଦ୍ୱିତୀୟ ରନରଅପ୍ ହୋଇଛି। ଉଭୟ ୨ କିମି ଓ ୫୦୦ମିଟର କାଟେଗୋରୀରେ ଦଳ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲା।

୨ କିମି ଇଭେଣ୍ଟରେ ଅରୁନପ୍ରୀତ କୌର ଓ ଅବିନାଶ କୌର (ଡବ୍ଲ୍ୟୁ୨-) ବ୍ରୋଞ୍ଜ, ଅନିଷ୍କା ଭାରତୀ ଓ ଗୁରଶରନପ୍ରୀତ୍‌କୌର (ଏଲ୍‌ଡବ୍ଲ୍ୟୁ୨ଏକ୍ସ) ରୌପ୍ୟ, ଅନିଷ୍କା ଭାରତୀ (ଡବ୍ଲ୍ୟୁ୧ଏକ୍ସ) ସ୍ୱର୍ଣ୍ଣ ଏବଂ ଗୁରଶରନପ୍ରୀତ୍ କୌର (ଏଲ୍‌ଡବ୍ଲ୍ୟୁ୧ଏକ୍ସ) ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ସେହିପରି ୫୦୦ ମିଟର ଇଭେଣ୍ଟରେ ଅରୁନପ୍ରୀତ କୌର ଓ ଅବିନାଶ କୌର (ଡବ୍ଲ୍ୟୁ୨-) ସ୍ୱର୍ଣ୍ଣ, ଅନିଷ୍କା ଭାରତୀ ଓ ଗୁରଶରନପ୍ରୀତ କୌର (ଏଲ୍‌ଡବ୍ଲ୍ୟୁ୨ଏକ୍ସ) ରୌପ୍ୟ, ଅନିଷ୍କା ଭାରତୀ (ଡବ୍ଲ୍ୟୁ୧ଏକ୍ସ) ବ୍ରୋଞ୍ଜ ଏବଂ ଗୁରଶରନପ୍ରୀତ କୌର (ଏଲ୍‌ଡବ୍ଲ୍ୟୁ୧ଏକ୍ସ) ରୌପ୍ୟ ପଦକ ଲାଭ କରିଛନ୍ତି। ସଫଳତା ହାସଲ କରିଥିବା ଏହି ଦଳ ଅଲିମ୍ପିଆନ ତଥା ରୋଇଂରେ ଅର୍ଜୁନ ପୁରସ୍କାର ବିଜେତା କୋଚ୍ ଇନ୍ଦରପାଲ ସିଂଙ୍କଠାରୁ କୋଚିଂ ନେଉଥିଲେ।

# ସିନିୟର ମହିଳା ହ୍ୟାଣ୍ଡବଲରେ ଭାଗ ନେବ ଓଡ଼ିଶା

ଭୁବନେଶ୍ୱର,୨୮।୩ (ଅନାଦି କର)

ଚଳିତ ୩୧ରୁ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଉତ୍ତରପ୍ରଦେଶର ହାତରସଠାରେ ୫୩ତମ ବରିଷ୍ଠ ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ୧୮ ଜଣିଆ ଓଡ଼ିଶା ଦଳ ହାତରସ ଯାତ୍ରା କରିଛି। ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ଅଧିନାୟିକା ଜି ଜ୍ୟୋତି ପାତ୍ର, ସନ୍ଧ୍ୟାରାଣୀ ଦାସ, ସ୍ମୃତିରେଖା ବିଶ୍ୱାଳ, ବର୍ଷାରାଣୀ ବେହେରା, ସ୍ମୃତିରେଖା ରାଉତରାୟ, ବର୍ଷା ବେହେରା, ବର୍ଷା ସେଠି, ଶୁଭଶ୍ରୀ ସେଠି, ତେଜେସ୍ୱିନୀ ସେଠି, ସ୍ୱପ୍ନେଶ୍ୱରି ଦାସ, ଅଦ୍ୟଷା ଦାସ, ମାନସୀ ପ୍ରଧାନ, ସମୀକ୍ଷା ମଣ୍ଡଳ, ବର୍ଷା ପ୍ରିୟଦର୍ଶିନୀ ବାରିକ, ଅର୍ଚ୍ଚନା ବାରିକା, ସାଇନା ବେଗମ, ପୂଜା ସ୍ୱାଇଁ। ଦଳ ସହିତ କୋଚ ଭାବେ ରାମଶିଷ ପ୍ରସାଦ ଜେନା ଓ ମ୍ୟାନେଜର ଗୀତାଞ୍ଜଳି ଦାସ ଯାତ୍ରା କରିଛନ୍ତି। କଳିଙ୍ଗ ଷ୍ଟାଡିୟମଠାରେ ଗୁରୁବାର ବିଦାୟୀ ଉତ୍ସବରେ ଓଡ଼ିଶା ସ୍ପୋର୍ଟ୍ସ ବିଭାଗର ଓଏସ୍‌ଡି ଧୀରଜ କୁମାର ପଟ୍ଟନାୟକ, ପ୍ରୋଗ୍ରାମ ଅଫିସର ହରେଶ ମିଶ୍ର, ଓଡ଼ିଶା ହ୍ୟାଣ୍ଡବଲ ସଂଘ ସମ୍ପାଦକ ଇଂ ମାନସ କୁମାର ସିଂ, ସଭାପତି ବିପ୍ଳବ ଚୌଧୁରୀ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ, କୋଚ ଗୌରୀ ଶଙ୍କର ମିଶ୍ର ଯୋଗ ଦେଇଥିଲେ।




1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ